ODIA DAILY EDITION
31.03.2025
କଟକ, ସୋମବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ମାର୍ଚ୍ଚ-୩୧, ୨୦୨୫
ବର୍ଷ-୩୬, ସଂଖ୍ୟା-୨୬୨
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication
SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

## ହିମାଚଳ ପ୍ରଦେଶରେ ଭୂସ୍ଖଳନ; ୬ ମୃତ, ୫ ଗୁରୁତର

**ନୂଆଦିଲ୍ଲୀ, ୩୦।୩:** ହିମାଚଳ ପ୍ରଦେଶରେ ଭୟଙ୍କର ଭୂସ୍ଖଳନ । କୁଲୁ ଜିଲ୍ଲାର ମାଣିକର୍ଣ୍ଣରେ ଭୂସ୍ଖଳନ ହୋଇଛି। ଏଥିରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୩ଜଣ ମହିଳା ଓ ୩ଜଣ ପୁରୁଷ ରହିଛନ୍ତି । ସୂଚନା ଅନୁଯାୟୀ ରବିବାର ସଂଧ୍ୟା ପ୍ରାୟ ୫ଟା ବେଳେ ଏହି ଦୁର୍ଘଟଣା ଘଟିଛି । ମାଣିକର୍ଣ୍ଣ ଗୁରୁଦ୍ୱାର ସାମ୍ନାରେ କିଛି ପର୍ଯ୍ୟଟକ ଏକ ଟାଟା ସୋମ ରଖି ରାସ୍ତା ପାର୍ଶ୍ୱରେ ବସିଥିଲେ । ଏହି ସମୟରେ ଭୂସ୍ଖଳନ ହୋଇଥିଲା । ଏକ ବିରାଟ ଗଛ ଲୋକଙ୍କ ଉପରେ ପଡ଼ିବାରୁ ଘଟଣାସ୍ଥଳରେ ୬ଜଣଙ୍କ ମୃତ୍ୟୁ ହୋଇଛି। କୁଲୁ ଏଡିଏମ ଅଶ୍ୱିନୀ କୁମାର କହିଛନ୍ତି, ମାଣିକର୍ଣ୍ଣ ଗୁରୁଦ୍ୱାର ପାର୍କିଂ ନିକଟରେ ଏହି ଦୁର୍ଘଟଣା ହୋଇଛି । ଭୂସ୍ଖଳନ ଯୋଗୁ ଏକ ବିରାଟ ଗଛ ଉପୁଡ଼ି ରାସ୍ତା ପାର୍ଶ୍ୱରେ ବସିଥିବା ଲୋକଙ୍କ ଉପରେ ପଡ଼ିଥିଲା । ଫଳରେ ୬ଜଣଙ୍କ ମୃତ୍ୟୁ ହୋଇଛି । ମୃତଙ୍କ ମଧ୍ୟରେ ୩ ପୁରୁଷ ଓ ୩ଜଣ ମହିଳା ଅଛନ୍ତି । ମାଣିକର୍ଣ୍ଣ ଏସଏଚଓଙ୍କ ନେତୃତ୍ୱରେ ପୋଲିସ ଟିମ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ରେସକ୍ୟୁ କାର୍ଯ୍ୟ ଜାରି ରଖିଛନ୍ତି । ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଯାଇଛି ।

# କାମାକ୍ଷା ଏକ୍ସପ୍ରେସ ଲାଇନ୍‌ଚ୍ୟୁତ ଜଣେ ମୃତ

### ଗୌହାଟୀ ଯାଉଥିବାବେଳେ ନିର୍ଗୁଣ୍ଡିରେ ଟ୍ରାକ୍‌ରୁ ଖସିଲା ୧୧ ବଗି

### ୬ ଜଣ ଆହତଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି, ମୃତକ ଜଣକ ପଶ୍ଚିମବଙ୍ଗର

### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

### ତଦନ୍ତ କରିବ ଉଚ୍ଚସ୍ତରୀୟ କମିଟି



**ଭୁବନେଶ୍ୱର, ୩୦।୩:** ବେଙ୍ଗାଲୁର - କାମାକ୍ଷା ଏକ୍ସପ୍ରେସ ଆଜି ୧୧.୪୫ ସମୟରେ ନିର୍ଗୁଣ୍ଡି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୧୧ ଟି ଏସି ବଗି ଲାଇନଚ୍ୟୁତ ହୋଇଥିବା ସୂଚନା ମିଳିଛି । ଏହି ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହୋଇଥିବା ଜଣା ପଡିଛି । ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମେଡିକାଲରେ ପହଂଚି ଆହତମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଛନ୍ତି । ବରିଷ୍ଠ ଡାକ୍ତରମାନେ ଆହତଙ୍କ ଚିକିତ୍ସା କରୁଛନ୍ତି । ଦୁର୍ଘଟଣା ପରେ ଏନ୍‌ଡିଆରଏଫ ଟିମ୍ ଓ ଅଗ୍ନିଶମ ବାହିନୀ ଲୋକଙ୍କ ଉଦ୍ଧାରକାର୍ଯ୍ୟ କରିଥିଲେ ।

ଟ୍ରେନ୍‌ଟି ଲାଇନ୍‌ଚ୍ୟୁତ ହେଲା ପରେ ସ୍ପେଶାଲ୍ ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି । ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବାକୁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି । ଏନେଇ ରେଳବାଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଭୁବନେଶ୍ୱରରୁ ଏହି ସ୍ୱତନ୍ତ୍ର ଟ୍ରେନ୍ ବାହାରିଥିଲା । ଭାୟା ନରାଜ ଦେଇ ଏହି ଟ୍ରେନ ଦୁର୍ଘଟଣାସ୍ଥଳକୁ ଯାଇଥିଲା । ଏହି ଟ୍ରେନ୍ ଅଧାରେ ଫସିଥିବା ଯାତ୍ରୀଙ୍କୁ ନେଇ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବ । ପୂର୍ବତଟ ରେଳପଥ ପିଆରଓଙ୍କ ସୂଚନା ଅନୁସାରେ, ଟ୍ରାକରୁ ଖସିଯାଇଛି ଟ୍ରେନର ୧୧ଟି ବଗି । ରେଲୱେର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି । ଆହତ ଯାତ୍ରୀମାନଙ୍କୁ ମେଡିକାଲ ପଠାଯାଉଛି । ଘଟଣାର ତଦନ୍ତ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି ।

ହେଲ୍‌ପଲାଇନ୍ ନମ୍ବର ଜାରି
କଟକ ପାଇଁ ହେଲ୍ପଲାଇନ୍ ନଂ - ୮୯୯୧୧୨୪୨୩୮
ଭୁବନେଶ୍ୱର ପାଇଁ ହେଲ୍ପଲାଇନ୍ ନଂ - ୮୪୫୫୮୮୫୯୯୯
ଭଦ୍ରକ ପାଇଁ ହେଲ୍ପଲାଇନ୍ ନଂ - ୯୪୩୭୪୪୩୪୬୯
ଦୁର୍ଘଟଣାସ୍ଥଳ ପାଇଁ ନଂ- ୮୯୯୧୧୨୪୨୩୮
ଖୋର୍ଦ୍ଧା ପାଇଁ ହେଲ୍ପଲାଇନ୍ ? ନଂ - ୦୬୭୪୨୪୯୨୨୪୫

ସୂଚନାଯୋଗ୍ୟ, ବେଙ୍ଗାଲୁରୁ-କାମାକ୍ଷା ଏକ୍ସପ୍ରେସ୍ ଟ୍ରେନ୍‌ଟି ନିର୍ଗୁଣ୍ଡି ନିକଟରେ ଆଜି ଦିନ ୧୧ଟା ୫୪ ମିନିଟରେ ଲାଇନଚ୍ୟୁତ ହୋଇଥିଲା । ଫଳରେ ଟ୍ରେନ୍‌ର ୧୧ଟି ବଗି ରେଳଧାରଣାରୁ ଖସିପଡ଼ିଥିଲା । ଏହା ଦ୍ୱାରା ୮ ଜଣ ଯାତ୍ରୀ ଟ୍ରେନ୍‌ରୁ ଖସିପଡ଼ିଥିଲେ । ସେମାନଙ୍କର ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୭ ଜଣଙ୍କର ଚିକିତ୍ସା ଜାରି ରହିଛି । ମୃତ ବ୍ୟକ୍ତି ହେଲେ ଶୁଭଙ୍କର ରୟ । ଏହି ଘଟଣା ପରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମେଡିକାଲରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ । ବରିଷ୍ଠ ଡାକ୍ତରମାନେ ଆହତଙ୍କ ଚିକିତ୍ସା କରୁଛନ୍ତି । ଦୁର୍ଘଟଣା ପରେ ଏନ୍‌ଡିଆରଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ଲୋକଙ୍କ ଉଦ୍ଧାରକାର୍ଯ୍ୟ କରିଥିଲେ ।

ଟ୍ରେନରୁ ଓହ୍ଲାଇ ପଡିଥିବା ଯାତ୍ରୀମାନେ ଖରାରେ ଦୀର୍ଘ ସମୟ ଅଟକିଥିଲେ । ଖରାରେ ଥିବା ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ । ଏହି ଦୁର୍ଘଟଣା ପରେ ୫ଟି ଟ୍ରେନ୍‌ର ଗତିପଥରେ ପରିବର୍ତ୍ତନ କରାଯାଇଛି

## ମୁରିବାହାଲରେ ଚାଞ୍ଚଲ୍ୟ
## ପୃଥକ ଘଟଣାରେ ଚାରି ମୃତଦେହ ଉଦ୍ଧାର

**ବଲାଙ୍ଗୀର, ୩୦।୩:** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ହଳଦୀ ପଞ୍ଚାୟତ ସେମେଲପାଲି ଗାଁରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଗାଁର ଏକ ଘରେ ପ୍ରେମୀଯୁଗଳଙ୍କ ମୃତ ଦେହ ପଡ଼ିଥିବା ଦେଖିବାକୁ ମିଳିଛି । ମୁରିବାହାଲ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଦେଇଛି । ସେମେଲପାଲି ଗାଁର ଅରବିନ୍ଦ ନାଗ ଏବଂ ସଂଯୁକ୍ତା ନାଗଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା । ସେମାନେ ସମ୍ପର୍କୀୟ ହେବେ ବୋଲି ଜଣାଯାଇଛି । ଗତକାଲି ଝିଅ ନିଖୋଜ ଥିବା ତାଙ୍କ ବାପା ମୁରୀବାହାଲ ଥାନାରେ ଅଭିଯୋଗ କରିଥିଲେ । ଆଜି ସକାଳୁ ଏକ ଘର ଭିତରେ ପୁଅ ଝିଅଙ୍କ ମୃତଦେହ ପଡ଼ିଥିବା ଖବର ଆସିଥିଲା । ପୁଅଙ୍କ ବାପା ହତ୍ୟା କରି ଘର ଭିତରେ ପିଙ୍ଗି ଦେଇଥିବା ଝିଅଙ୍କ ବାପା ଅଭିଯୋଗ କରିଛନ୍ତି । ସେମେଲପାଲି ଗାଁର ଅରବିନ୍ଦ ନାଗ ଏବଂ ସଂଯୁକ୍ତା ନାଗଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା । ହେଲେ ସେମାନେ ସମ୍ପର୍କରେ ମାଇଁ, ଭଣଜା ହେବେ ।ଗତକାଲି ଝିଅ ନିଖୋଜ ଥିବା ତାଙ୍କ ବାପା ମୁରୀବାହାଲ ଥାନାରେ ଅଭିଯୋଗ କରିଥିଲେ । ଆଜି ସକାଳୁ ଏକ ଘର ଭିତରେ ପୁଅ ଝିଅଙ୍କ ମୃତଦେହ ପଡ଼ିଥିବା ଖବର ଆସିଥିଲା । ପୁଅଙ୍କ ବାପା ହତ୍ୟା କରି ଘର ଭିତରେ ପିଙ୍ଗି ଦେଇଥିବା ଝିଅଙ୍କ ବାପା ଅଭିଯୋଗ କରିଛନ୍ତି । ତେଣେ ସେହି ମୁରିବାହାଲ ବ୍ଲକର ଗୁଡିଘାଟ ଗ୍ରାମରେ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତଦେହ ମିଳିଛି । ମୃତକ ହେଲେ ସ୍ୱାମୀ ଡାକ୍ତର ମାଝୀ ଓ ସ୍ତ୍ରୀ ଭାନୁମତି ମାଝୀ କ୍ଷ ଏହି ଦମ୍ପତିଙ୍କ ମୃତ୍ୟୁର କାରଣ ଏବେ ମଧ୍ୟ ଅସ୍ପଷ୍ଟ ଅଛି । ତେଣେ ସେହି ମୁରିବାହାଲ ବ୍ଲକର ଗୁଡିଘାଟ ଗ୍ରାମରେ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତଦେହ ମିଳିଛି । ମୃତକ ହେଲେ ସ୍ୱାମୀ ଡାକ୍ତର ମାଝୀ ଓ ସ୍ତ୍ରୀ ଭାନୁମତି ମାଝୀ । ଏହି ଦମ୍ପତିଙ୍କ ମୃତ୍ୟୁର କାରଣ ଏବେ ମଧ୍ୟ ଅସ୍ପଷ୍ଟ ଅଛି ।

# ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



- ପ୍ରଥମ ଦିନରେ ୬୦ ହଜାର ଘର ପାଇଁ କାର୍ଯ୍ୟାଦେଶ
- ପ୍ରତ୍ୟେକ ଘର ପାଇଁ ୧.୨୦ ଲକ୍ଷ ଟଙ୍କା
- ୩ ବର୍ଷରେ ୫ ଲକ୍ଷ ଘର ଦିଆଯିବ, ଖର୍ଚ୍ଚ ହେବ ୭,୫୫୦ କୋଟି

**ଭୁବନେଶ୍ୱର, ୩୦।୩:** ୭୦ ଦଶକରୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ପାଇବା ଗରିବ ଓ ସାଧାରଣ ଲୋକଙ୍କ ପାଇଁ ବଡ ସମସ୍ୟା ହୋଇ ରହିଛି । ଆଜି ମଧ୍ୟ ଅନେକଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ବି ନାହିଁ । ଏ ସମସ୍ୟାର ସମାଧାନ ହେବ ଏବଂ ସମସ୍ତଙ୍କୁ ପକ୍କା ଘର ମିଳିବ । ଅନ୍ତ୍ୟୋଦୟ ଗୃହ ଯୋଜନାରେ ସବୁଠାରୁ ଗରିବ ଓ ଅସହାୟ ଲୋକଙ୍କ ପାଇଁ ଘର ଦିଆଯିବ । ଆଜି କଳାହାଣ୍ଡିର ଭବାନୀପାଟଣାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ହିନ୍ଦୁ ନବ ବର୍ଷର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଏହି ଯୋଜନା ଗ୍ରାମାଂଚଳର ପ୍ରତ୍ୟେକ ପରିବାର ପାଇଁ ସମ୍ମାନର ସହ ବଂଚିବାକୁ ଆଶା ଓ ଭରସା ଯୋଗାଇଦେବ ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ୨୦୧୮ ମସିହାରେ ସମସ୍ତଙ୍କୁ ପକ୍କା ଘର ଯୋଗାଇଦେଇ ଏହି ସମସ୍ୟାର ସମାଧାନ ପାଇଁ ଘୋଷଣା କରିଥିଲେ । ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ସହରୀ ଓ ଗ୍ରାମୀଣ ଆଦି ଯୋଜନା କାର୍ଯ୍ୟକାରୀ ହେଉଛି । ଏହାକୁ ଆହୁରି ଜୋରଦାର କରାଯାଇ ଓଡିଶାରେ ଆମେ ଆରମ୍ଭ କରିଛୁ ଅନ୍ତ୍ୟୋଦୟ ଗୃହ ଯୋଜନା । ଏହା ଦ୍ୱାରା ସମସ୍ତଙ୍କ ପାଇଁ ଘର ସୁନିଶ୍ଚିତ କରାଯାଇ ପାରିବ ।

ଆଜି ପ୍ରଥମ ଦିନରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୬୦ ହଜାର ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଆଗାମୀ ୩ ବର୍ଷରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଘର ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଚଳିତ ବର୍ଷ ଏହି ଯୋଜନା ପାଇଁ ୨,୬୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଥିବା ବେଳେ ଆଗାମୀ ୩ ବର୍ଷରେ ଏଥିପାଇଁ ୭,୫୫୦ କୋଟି ଟଙ୍କା ବିନିଯୋଗ କରାଯିବ । ସୂଚନାଯୋଗ୍ୟ ଯେ, ବିଜୁ ପକ୍କା ଘର ଯୋଜନାରେ ୧୦ ବର୍ଷରେ ବହୁତ କମ ଘର ନିର୍ମାଣ ହୋଇଛି ।

ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବା ସହିତ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକୀୟ ସୁବିଧା ଦିଆଯିବ । ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟ ଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ ସଂଯୋଗ ଆଦି ଯୋଗାଇ ଦିଆଯିବ । ଜୀବନଯାପନ ପାଇଁ ସବୁ ଆବଶ୍ୟକୀୟ ସୁବିଧା ଦିଆଯିବ । କେବଳ ସେତିକି ନୁହେଁ, ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୯୦ରୁ ୯୫ ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମିକ ଭାବରେ ପାରିଶ୍ରମିକ ସହ କାମ ଯୋଗାଇ ଦିଆଯିବ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ସମାଜରେ ସବୁଠାରୁ ଅଧିକ ଗରିବ ଓ ଅସହାୟ ଲୋକମାନେ ଉପକୃତ ହେବେ । ଭିନ୍ନକ୍ଷମ, ବିଧବା, କର୍କଟ ଭଳି ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡ଼ିତ ପରିବାର, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ ତଥା ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରେ ଭୀଷଣ ଭାବେ ପ୍ରଭାବିତ ହୋଇଥିବା ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯିବ । ଏହା ସହିତ କର୍କଟ, କୁଷ୍ଠ, କିଡ଼ନୀ ରୋଗ, ଲିଭର ସିରୋସିସ, ଥାଲାସେମିଆ ଅଥବା ଐଓଠ ପରି ଦୁରାବ୍ୟାଧିରେ ପୀଡ଼ିତ ପରିବାର ଏବଂ ଅନାଥ, ନିରାଶ୍ରୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ତୁରନ୍ତ ଗୃହ ଯୋଗାଇ ଦିଆଯିବା ସହ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ମୁକ୍ତ ଗୋତି ଶ୍ରମିକ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରର କ୍ରୀଡାବିତ୍ ମାନେ ମଧ୍ୟ ଏହି ଯୋଜନାରେ ଉପକୃତ ହୋଇପାରିବେ । ଆଭାଷୀ ଜରିଆରେ ସମସ୍ତ ୩୦ ଜିଲ୍ଲାର ସଦର ମହକୁମାରୁ ସାଂସଦ, ମନ୍ତ୍ରୀ, ବିଧାୟକଗଣ, ଏବଂ ସମସ୍ତ ୩୧୪ ବ୍ଲକରୁ ପଂଚାୟତିରାଜ ସଦସ୍ୟଗଣ ଏହି କାର୍ଯ୍ୟକ୍ରମରେ ଯୋଡି ହୋଇଥିଲେ ।

DSPL- 439





ପବିତ୍ର ଇଦ୍-ଉଲ୍-ଫିତର -୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍‌ପାଟି)

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଇଦ୍ ମୁବାରକ !

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR 15001/13/0465/2425

MBA/24-25/0677

# ନାଗପୁରରେ ମାଧବ ନେତ୍ରାଳୟ ପ୍ରିମିୟମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ନୂଆଦିଲ୍ଲୀ (ପିଆଇବି) : ପ୍ରଧାନମନ୍ତ୍ରୀ ଆଜି ମହାରାଷ୍ଟ୍ରର ନାଗପୁରରେ ମାଧବ ନେତ୍ରାଳୟ ପ୍ରିମିୟମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ସେ ପବିତ୍ର ନବରାତ୍ରୀ ଉତ୍ସବର ଆରମ୍ଭକୁ ଚିହ୍ନିତ କରୁଥିବା ଚୈତ୍ର ଶୁକ୍ଳ ପ୍ରତିପଦାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଆଜି ସାରା ଦେଶରେ ଗୁଡି ପଡ୍ୱା, ଉଗାଦି ଏବଂ ନଭରେହ ଭଳି ପର୍ବ ପାଳନ କରାଯାଉଛି। ଭଗବାନ ଝୁଲେଲାଲ ଏବଂ ଗୁରୁ ଅଙ୍ଗଦ ଦେବଙ୍କ ଜନ୍ମ ବାର୍ଷିକୀ ଅବସରରେ ଏହି ଦିବସର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ସେ ଏହି ଅବସରକୁ ପ୍ରେରଣାଦାୟୀ ଡକ୍ଟର କେ. ବି. ହେଡଗେୱାରଙ୍କ ଜୟନ୍ତୀ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ର ଉଲ୍ଲେଖନୀୟ ଯାତ୍ରାର ଶତବାର୍ଷିକୀ ବୋଲି ମଧ୍ୟ ସ୍ୱୀକାର କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଦିନରେ ଡକ୍ଟର ହେଡଗେୱାର ଏବଂ ଶ୍ରୀ ଗୋଲୱାଲକର ଗୁରୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ସ୍ମୃତି ମନ୍ଦିର ପରିଦର୍ଶନ କରି ସେ ନିଜର ସମ୍ମାନ ବ୍ୟକ୍ତ କରିଥିଲେ। ଏହି ଅବଧିରେ ଭାରତୀୟ ସମ୍ବିଧାନର ୭୫ ବର୍ଷ ପାଳନ ଏବଂ ଆସନ୍ତା ମାସରେ ଏହାର ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ଆଗାମୀ ଜୟନ୍ତୀ ଉପରେ ଆଲୋକପାତ କରି ଶ୍ରୀ ମୋଦୀ ଦୀକ୍ଷାଭୂମିରେ ଡକ୍ଟର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏବଂ ତାଙ୍କ ଆଶୀର୍ବାଦ ଲୋଡ଼ିବା ଉପରେ ମନ୍ତବ୍ୟ ଦେଇଥିଲେ। ନବରାତ୍ରୀ ଏବଂ ପାଳନ କରାଯାଉଥିବା ଅନ୍ୟ ସମସ୍ତ ପର୍ବପର୍ବାଣୀ ଅବସରରେ ସେ ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେବାର ଏକ ପବିତ୍ର କେନ୍ଦ୍ର ଭାବେ ନାଗପୁରର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ଏବଂ ଏକ ମହାନ ପଦକ୍ଷେପର ସମ୍ପ୍ରସାରଣକୁ ସ୍ୱୀକାର କରି ଶ୍ରୀ ମୋଦୀ ମାଧବ ନେତ୍ରାଳୟର ପ୍ରେରଣାଦାୟୀ ସଙ୍ଗୀତ ଉପରେ ମନ୍ତବ୍ୟ ଦେଇଥିଲେ, ଯାହା ଆଧ୍ୟାତ୍ମିକତା, ଜ୍ଞାନ, ଗର୍ବ ଏବଂ ମାନବତାକୁ ପ୍ରତିଫଳିତ କରିଥାଏ। ସେ ମାଧବ ନେତ୍ରାଳୟକୁ ଏପରି ଏକ ଅନୁଷ୍ଠାନ ଭାବେ ଉଲ୍ଲେଖ କରିଥିଲେ, ଯାହା ପୂଜ୍ୟ ଗୁରୁଙ୍କ ଆଦର୍ଶକୁ ଅନୁସରଣ କରି ଦଶନ୍ଧି ଦଶନ୍ଧି ଧରି ଲକ୍ଷ ଲକ୍ଷ ଲୋକଙ୍କ ସେବା କରିଆସୁଛି, ଏବଂ ଅଗଣିତ ଜୀବନ ଉପରେ ଆଲୋକପାତ କରୁଛି। ସେ ମାଧବ ନେତ୍ରଳୟର ନୂତନ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ବିଶ୍ୱାସ ବ୍ୟକ୍ତ କରିଥିଲେ ଯେ ଏହି ସମ୍ପ୍ରସାରଣ ଏହାର ସେବା କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବ, ହଜାର ହଜାର ନୂତନ ଜୀବନକୁ ଆଲୋକିତ କରିବ ଏବଂ ସେମାନଙ୍କ ଜୀବନରୁ ଅନ୍ଧକାର ଦୂର କରିବ। ସେ ମାଧବ ନେତ୍ରାଳୟ ସହିତ ଜଡ଼ିତ ସମସ୍ତଙ୍କର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ସେମାନଙ୍କ ନିରନ୍ତର ସେବା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଲାଲକିଲ୍ଲାରୁ 'ସବକା ପ୍ରୟାସ'; ଉପରେ ଗୁରୁତ୍ୱାରୋପ କରି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଶ ଦ୍ୱାରା କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ମାଧବ ନେତ୍ରାଳୟ ଏହି ପ୍ରୟାସଗୁଡ଼ିକୁ ପୂରଣ କରୁଛନ୍ତି। ଢକ୍ତେଙ୍କକ୍ଟ୍ସ;ସରକାରଙ୍କ ପ୍ରାଥମିକତା ହେଉଛି ସମସ୍ତ ନାଗରିକଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା ସୁବିଧା ସୁନିଶ୍ଚିତ କରିବା, ଏପରିକି ଗରିବରୁ ଗରିବ ବ୍ୟକ୍ତି ମଧ୍ୟ ସର୍ବୋତ୍ତମ ଚିକିତ୍ସା ପାଇବା ଉଚିତଢକ୍ତେଙ୍କକ୍ଟ୍ସ;, ସେ ଗୁରୁତ୍ୱାରୋପ କରି କହିଥିଲେ ଯେ କୌଣସି ନାଗରିକ ଜୀବନର ମର୍ଯ୍ୟାଦାରୁ ବଞ୍ଚିତ ହେବା ଉଚିତ ନୁହେଁ, ଏବଂ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବରିଷ୍ଠ ନାଗରିକମାନେ ଚିକିତ୍ସା ବିଷୟରେ ଚିନ୍ତା କରିବା ଉଚିତ ନୁହେଁ। ସେ ଆୟୁଷ୍ମାନ ଭାରତର ପ୍ରଭାବ ଉପରେ ଆଲୋକପାତ କରିଥିଲେ, ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ମାଗଣା ଚିକିତ୍ସା ପ୍ରଦାନ କରିଛି। ଶ୍ରୀ ମୋଦୀ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସାରା ଦେଶରେ ହଜାର ହଜାର ଜନଔଷଧି କେନ୍ଦ୍ରଗୁଡ଼ିକ ଗରିବ ଏବଂ ମଧ୍ୟବିତ୍ତ ପରିବାରକୁ ସୁଲଭ ମୂଲ୍ୟର ଔଷଧ ପ୍ରଦାନ କରୁଛନ୍ତି, ଯାହାଦ୍ୱାରା ନାଗରିକମାନେ ହଜାର ହଜାର କୋଟି ଟଙ୍କା ସଞ୍ଚୟ କରିପାରିବେ। ଗତ ଏକ ଦଶନ୍ଧି ମଧ୍ୟରେ ଗ୍ରାମାଞ୍ଚଳରେ ଲକ୍ଷ ଲକ୍ଷ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରାଯିବା ସହିତ ଲୋକଙ୍କୁ ଟେଲିମେଡିସିନ୍ ମାଧ୍ୟମରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ସୁବିଧାଗୁଡ଼ିକ ନାଗରିକମାନଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ଶହ ଶହ କିଲୋମିଟର ଯାତ୍ରା କରିବାର ଆବଶ୍ୟକତାକୁ ସମାପ୍ତ କରିଦେଇଛି। ଦେଶରେ ମେଡ଼ିକାଲ କଲେଜଗୁଡ଼ିକର ସଂଖ୍ୟା ଦ୍ୱିଗୁଣିତ କରିବା ଏବଂ ଏମସରେ କାର୍ଯ୍ୟକ୍ଷମ ସଂସ୍ଥାଗୁଡ଼ିକର ସଂଖ୍ୟା ତିନି ଗୁଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ କହିଥିଲେ ଯେ ଭବିଷ୍ୟତରେ ଲୋକମାନଙ୍କ ସେବା କରିବା ଲାଗି ଅଧିକ କୁଶଳୀ ଡାକ୍ତରଙ୍କ ଉପଲବ୍ଧତା ସୁନିଶ୍ଚିତ କରିବା ଲାଗି ମେଡ଼ିକାଲ ଆସନ ସଂଖ୍ୟା ମଧ୍ୟ ଦ୍ୱିଗୁଣିତ ହୋଇଛି। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷାରେ ଡାକ୍ତରୀ ପଢ଼ିବାର ସୁଯୋଗ ପ୍ରଦାନ କରିବା, ଯାହାଦ୍ୱାରା ସେମାନେ ଡାକ୍ତର ହୋଇପାରିବେ, ସେ ଦିଗରେ ସରକାରଙ୍କ ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ଛତିଶଗଡ଼ର ବିଜାପୁରରେ ୫୦ ଜଣ ନକ୍ସଲଙ୍କ ଆତ୍ମସମର୍ପଣକୁ ନେଇ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କୁ ମୁଖ୍ୟଧାରାକୁ ସ୍ୱାଗତ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ



ନୂଆଦିଲ୍ଲୀ (ପିଆଇବି) : କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଛତିଶଗଡ଼ର ବିଜାପୁରରେ ୫୦ ଜଣ ନକ୍ସଲଙ୍କ ଆତ୍ମସମର୍ପଣକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି ଏବଂ ସେମାନଙ୍କୁ ମୁଖ୍ୟଧାରାକୁ ସ୍ୱାଗତ କରିଛନ୍ତି। ଯେଉଁ ନକ୍ସଲମାନେ ଅସ୍ତ୍ରଶସ୍ତ୍ର ତ୍ୟାଗ କରୁଛନ୍ତି, ସେମାନଙ୍କ ଥଇଥାନ ଏବଂ ବିକାଶ ସୁନିଶ୍ଚିତ କରିବା ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତିରେ ଗୁରୁତ୍ୱାରୋପ କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି। ଅନ୍ୟ ନକ୍ସଲମାନଙ୍କୁ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସେ ଅନୁରୋଧ କରିଥିଲେ। ଶ୍ରୀ ଶାହ ନକ୍ସଲବାଦର ମୂଳୋତ୍ପାଟନ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ କହିଥିଲେ ଯେ ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ପରେ ଏହା ଦେଶରେ ଇତିହାସ ପାଲଟିବ। ଗୋଟିଏ ଏକ୍ସ ପୋଷ୍ଟରେ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି, ''ଏହା ଅତ୍ୟନ୍ତ ଆନନ୍ଦର ବିଷୟ ଯେ ବିଜାପୁର (ଛତିଶଗଡ଼) ରେ ୫୦ ଜଣ ନକ୍ସଲ ହିଂସାର ପଥ ପରିତ୍ୟାଗ କରି ଆତ୍ମସମର୍ପଣ କରିଛନ୍ତି। ଯେଉଁମାନେ ହିଂସା ଏବଂ ଅସ୍ତ୍ରଶସ୍ତ୍ର ଛାଡ଼ି ବିକାଶର ମୁଖ୍ୟଧାରାରେ ଯୋଗ ଦେଉଛନ୍ତି, ମୁଁ ସେମାନଙ୍କୁ ସ୍ୱାଗତ କରୁଛି। ଯେଉଁ ନକ୍ସଲ ଅସ୍ତ୍ରଶସ୍ତ୍ର ଛାଡ଼ି ବିକାଶର ପଥ ଗ୍ରହଣ କରିବେ, ସେମାନଙ୍କର ଥଇଥାନ କରିବା ଏବଂ ମୁଖ୍ୟସ୍ରୋତ ସହିତ ଯୋଡ଼ିବାକୁ ମୋଦୀଜୀଙ୍କର ସ୍ପଷ୍ଟ ନୀତି ରହିଛି। ମୁଁ ପୁଣି ଥରେ ଅନ୍ୟ ନକ୍ସଲମାନଙ୍କୁ ଅସ୍ତ୍ରଶସ୍ତ୍ର ଛାଡ଼ି ମୁଖ୍ୟଧାରାରେ ଯୋଗଦେବାକୁ ନିବେଦନ କରୁଛି। ୩୧ ମାର୍ଚ୍ଚ ୨୦୨୬ ପରେ ଦେଶରେ ନକ୍ସଲବାଦ ଇତିହାସ ପାଲଟିବ, ଏହା ଆମର ସଂକଳ୍ପ।''

## ଷ୍ଟେଟ୍ ବ୍ୟାଙ୍କ୍ ଦ୍ୱାରା ୧୨୮ଟି ସୌର ଚାଳିତ ଆଲୋକ ଖୁଣ୍ଟ ପ୍ରଦାନ



ଭୁବନେଶ୍ୱର : ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଦ୍ୱାରା ସ୍ୱେଚ୍ଛା ସେବୀ ସଂଗଠନ ଆଜିର ସୃଜନୀ ସହଯୋଗରେ ୧୨୮ଟି ସୌର ଚାଳିତ ଆଲୋକ ଖୁଣ୍ଟ ପ୍ରଦାନ କରାଯାଇଛି। ଏହି ଆଲୋକିକରଣ ଦ୍ୱାରା ବାଲିଅନ୍ତା ବ୍ଲକର ବିଭିନ୍ନ ସ୍ଥାନ ମୁଖ୍ୟତଃ ଗ୍ରାମାଞ୍ଚଳର ପୋଖରୀ ଓ ଶ୍ମଶାନ ଆଦି ସ୍ଥାନ ମାନଙ୍କରେ ସହସ୍ରାଧିକ ଜନସାଧାରଣ ଉପକୃତ ହେବେ। ଆଜି ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଅନ୍ତର୍ଗତ ଗୋତଳବିନ୍ଧା ଗ୍ରାମସ୍ଥିତ ସୀତାରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଷ୍ଟେଟ୍ ବ୍ୟାଙ୍କ୍, ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଦିନେଶ ପରୁଥୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜୟଦେବ ବିଧାନସଭା ମଣ୍ଡଳୀର ପୂର୍ବତନ ବିଧାୟକ ଡ଼ଃ ଅରବିନ୍ଦ ଢ଼ାଲି ଓ ଶତାଧିକ ଗ୍ରାମବାସୀଙ୍କ ସହ ଷ୍ଟେଟ୍ ବ୍ୟାଙ୍କ୍ ତରଫରୁ ମହାପ୍ରବନ୍ଧକ ଶ୍ରୀ ପୋନ୍ନମବଲମ୍ ଏମ୍, ମଣ୍ଡଳ ବିକାଶ ଅଧିକାରୀ ଶ୍ରୀ ମନୋଜ କୁମାର ସିଂ ଆଦି ଅଧିକାରୀ ମାନେ ଉପସ୍ଥିତ ଥିଲେ। ଶ୍ରୀ ଢ଼ାଲି ଷ୍ଟେଟ୍ ବ୍ୟାଙ୍କ୍ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହ ଉତ୍ତରୋତ୍ତର ପ୍ରଗତି କାମନା କରିଥିଲେ।

## ବିଳାସପୁରରେ ୩୩,୭୦୦ କୋଟିରୁ ଅଧିକ ଟଙ୍କାର ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ (ପିଆଇବି) : ଭିତ୍ତିଭୂମି ବିକାଶ ଏବଂ ସ୍ଥାୟୀ ଜୀବିକା ବୃଦ୍ଧି ପାଇଁ ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଛତିଶଗଡ଼ର ବିଳାସପୁର ଠାରେ ୩୩,୭୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏକାଧିକ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ, କାର୍ଯ୍ୟ ଆରମ୍ଭ କରିଛନ୍ତି ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି। ଆଜି ନୂଆ ବର୍ଷର ଶୁଭ ଆରମ୍ଭ ଏବଂ ନବରାତ୍ରିର ପ୍ରଥମ ଦିନରେ ସେ ମାଢ଼ଐ୩୯; ମହାମାୟାଙ୍କ ଭୂମି ଏବଂ ମାତା କୌଶଲ୍ୟାଙ୍କ ମାତୃଭୂମି ଭାବେ ଛତିଶଗଡ଼ର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ପାଇଁ ଦେବୀଙ୍କ ପ୍ରତି ସମର୍ପିତ ଏହି ନଅ ଦିନର ବିଶେଷ ମହତ୍ତ୍ୱ ଉପରେ ସେ ଆଲୋକପାତ କରିଥିଲେ। ନବରାତ୍ରିର ପ୍ରଥମ ଦିନରେ ଛତିଶଗଡ଼ରେ ରହିବାର ସୌଭାଗ୍ୟ ସମ୍ପର୍କରେ ଉଲ୍ଲେଖ କରିବା ସହ ଭକ୍ତ ଶିରୋମଣି ମାତା କର୍ମାଙ୍କ ସମ୍ମାନରେ ନିକଟରେ ଡାକ ଟିକଟ ଜାରି ହୋଇଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ନବରାତ୍ରି ପର୍ବ ରାମନବମୀ ପାଳନ ସହିତ ଶେଷ ହେବ, ଏହା ସହିତ ଯେ ଛତିଶଗଡ଼େର ଭଗବାନ ରାମଙ୍କ ପ୍ରତି ଅନନ୍ୟ ଭକ୍ତି, ବିଶେଷ କରି ରାମନାମୀ ସମାଜର ଅସାଧାରଣ ସମର୍ପଣ, ଯିଏ କି ଭଗବାନ ରାମଙ୍କ ନାମରେ ନିଜର ସମଗ୍ର ଅସ୍ତିତ୍ୱ ଉତ୍ସର୍ଗ କରିଛନ୍ତି, ତାହା ଉପରେ ଆଲୋକପାତ କରିଥିଲେ। ସେ ଛତିଶଗଡ଼ବାସୀଙ୍କୁ ଭଗବାନ ରାମଙ୍କ ମାମୁଁ ଘର ପରିବାର ବୋଲି ଦର୍ଶାଇ ଶୁଭେଚ୍ଛା ଜଣାଇଥିଲେ। ଏହି ପବିତ୍ର ଅବସରରେ ମୋହଭଟ୍ଟା ସ୍ୱୟଂଭୂ ଶିବଲିଙ୍ଗ ମହାଦେବଙ୍କ ଆଶୀର୍ବାଦରେ ଶ୍ରୀ ମୋଦୀ ଛତିଶଗଡରେ ବିକାଶକୁ ତ୍ୱରାନ୍ୱିତ କରିବାର ସୁଯୋଗ ଉପରେ ଆଲୋକପାତ କରିଥିଲେ। ଗରିବଙ୍କ ପାଇଁ ବାସଗୃହ, ସ୍କୁଲ, ସଡକ, ରେଳବାଇ, ବିଜୁଳି ଓ ଗ୍ୟାସ ପାଇପଲାଇନ ସମେତ ୩୩,୭୦୦ କୋଟି ରୁ ଅଧିକ ଟଙ୍କାର ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ। ଛତିଶଗଡ଼ର ନାଗରିକଙ୍କ ସୁବିଧା ବୃଦ୍ଧି ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପଗୁଡ଼ିକ ରଖାଯାଇଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଉନ୍ନୟନମୂଳକ ପଦକ୍ଷେପ ମାଧ୍ୟମରେ ହୋଇଥିବା ଅଗ୍ରଗତି ପାଇଁ ସେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଶ୍ରୟ ପ୍ରଦାନର ସାଂସ୍କୃତିକ ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଏହାକୁ ଏକ ମହାନ ପୁଣ୍ୟ କାର୍ଯ୍ୟ ବୋଲି କହିଥିଲେ ଯେ କାହାର ଗୃହର ସ୍ୱପ୍ନକୁ ସାକାର କରିବାର ଏହା ଏକ ଅତୁଳନୀୟ ଆନନ୍ଦ। ନବରାତ୍ରି ଏବଂ ନବବର୍ଷର ପବିତ୍ର ଅବସରରେ ସେ ଆଲୋକପାତ କରିଥିଲେ ଯେ ଛତିଶଗଡ଼ର ୩ ଲକ୍ଷ ଗରିବ ପରିବାର ସେମାନଙ୍କ ନୂଆ ଘରେ ପ୍ରବେଶ କରୁଛନ୍ତି। ନୂତନ ଆରମ୍ଭ ପାଇଁ ସେ ଏହି ପରିବାରଗୁଡ଼ିକୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ଛତିଶଗଡର ଲକ୍ଷ ଲକ୍ଷ ପରିବାର ପାଇଁ ସ୍ଥାୟୀ ଆବାସର ସ୍ୱପ୍ନ ପୂର୍ବରୁ ଅମଲାତାନ୍ତ୍ରିକ ଫାଇଲରେ ହଜି ଯାଇଥିବା ଦର୍ଶାଇ ସେ ଏହି ଗୃହ ଗୁଡ଼ିକର ପୁନରୁଦ୍ଧାର ପାଇଁ ତାଙ୍କ ନେତୃତ୍ୱରେ ସୃଷ୍ଟି ହୋଇଥିବା ବିଶ୍ୱାସକୁ ଶ୍ରେୟ ଦେଇଛନ୍ତି। ଏହି ସ୍ୱପ୍ନକୁ ପୂରଣ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସେ ମନେ ପକାଇଥିଲେ। ଶ୍ରୀ ବିଷ୍ଣୁ ଦେଓଙ୍କ ନେତୃତ୍ୱରେ ପ୍ରଥମ କ୍ୟାବିନେଟ୍ ନିଷ୍ପତ୍ତି ୧୮ ଲକ୍ଷ ଘର ନିର୍ମାଣ ପାଇଁ ଥିଲା, ଯେଉଁଥିରୁ ୩ ଲକ୍ଷ ନିର୍ମାଣ ସରିଛି। ଏସବୁ ମଧ୍ୟରୁ ଅଧିକାଂଶ ଘର ଆଦିବାସୀ ଅଂଚଳରେ ଥିବାରୁ ସେ ଖୁସି ବ୍ୟକ୍ତ କରିବା ସହ ବସ୍ତର ଓ ସରଗୁଜାରେ ଥିବା ପରିବାରମାନଙ୍କ ପାଇଁ ଏହି ଘରଗୁଡ଼ିକର ପରିବର୍ତ୍ତନମୂଳକ ପ୍ରଭାବକୁ ସ୍ୱୀକାର କରିବା ସହ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଅନେକ ପିଢ଼ି କଷ୍ଟ ସହିଥିବା ପରିବାରମାନଙ୍କ ପାଇଁ ଏହାର ପରିବର୍ତ୍ତନକାରୀ ପ୍ରଭାବକୁ ସ୍ୱୀକାର କରିବା ସହ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଉପହାର ବୋଲି କହିଥିଲେ।

**ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ**

## ୨୫୫ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ



କୁଚିଣ୍ଡା (ମାନିସ) : ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ରବିବାର ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ ହୋଇଛି। କୁଚିଣ୍ଡା ଟାଉନହଲ ଠାରେ କୁଚିଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୧୭ଗୋଟି ପଞ୍ଚାୟତର ସରପଞ୍ଚ,ସମିତିସଭ୍ୟ,ପଞ୍ଚାୟତ ପିଇଓ, ଏଡିଇଓ, ଏମବିକେ, ସିଆରପି ଏବଂ ଅନ୍ତ୍ୟୋଦୟ ହିତାଧିକାରୀ ମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କୁଚିଣ୍ଡା ଉପଜିଲ୍ଲାପାଳ ଗୌରବମୟ ପ୍ରଧାନ ମୁଖ୍ୟଅତିଥି,ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ,ଉପାଧ୍ୟକ୍ଷ ରଶ୍ମିତା ନାଏକ,ଜିଲ୍ଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ,ବିଡିଓ ଜୟନ୍ତ ସାହୁ,ଏବିଡିଓ ସହଦେବ ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ୧୭ଗୋଟି ପଞ୍ଚାୟତର ୨୫୫ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିକାଳନାରେ ଆଲୋଚନା ଆକାଉଣ୍ଟ ଅଫିସର ଅଜୟ ବାଗେ,ବିପିସି ଦେବାଶିଷ ଦାସ,ବିପିଏ ବିକାଶ ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ଧୁମଧାମରେ ପାଳନ ହୋଇଛି ଶ୍ରୀଚତୁର୍ଭୁଜା ମାତାଜୀ ଭକ୍ତ ମଣ୍ଡଳଙ୍କ ଦ୍ୱାଦଶ ବାର୍ଷିକ ଉତ୍ସବ



କଟକ : କଟକ ବାଲୁ ବଜାର ଠାରେ ଥିବା ଶ୍ରୀ ଶ୍ୟାମ ବାବା ମନ୍ଦିରରେ ଶ୍ରୀ ଚତୁର୍ଭୁଜା ମାତାଜୀ ଭକ୍ତ ମଣ୍ଡଳଙ୍କ ଦ୍ୱାଦଶ ବାର୍ଷିକ ଉତ୍ସବ ବହୁତ ଧୁମଧାମ ତଥା ଆନନ୍ଦ ଏବଂ ଭକ୍ତିମୟ ପରିବେଶ ଭିତରେ ପାଳନ ହୋଇଯାଇଛି। ଭକ୍ତ ମଣ୍ଡଳ ର ସମ୍ପାଦକ ନରେଶ ଗନେରିୱାଲ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଛନ୍ତି କି ବହୁତ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ଏଠାରେ ମାଙ୍କ ର ଆଶୀର୍ବାଦ ଲାଭ କରିଛନ୍ତି। ଏହି ଉତ୍ସବ ର ବିଶେଷ ଆକର୍ଷଣ ରହିଲା ଏଠାରେ ମାତାଜୀ ଙ୍କ ଦରବାର ସଜାଇବା ର କାମ। ଯାହାକି କୋଲକାତା ର କାରିଗରଙ୍କ ଦ୍ୱାରା ୩ ଦିନ ଧରି ଚାଲିଥିଲା। କୋଲକାତା ର ସୁପ୍ରସିଦ୍ଧ କଳାକାର ବାଲକିଶନ ଶର୍ମା ମାତାଜୀ ଙ୍କ ଉପରେ ଆଧାରିତ ଗୋଟିଏ ପରେ ଗୋଟିଏ ଭଜନ ପରିବେଷଣ କରି କରିଥିଲେ। ତାଙ୍କର ସୁମଧୁର ସ୍ୱର ଏବଂ ଭାବ ରେ ଭଜନ ପରିବେଷଣ ଶ୍ରଦ୍ଧାଳୁଙ୍କୁ ନଚିବା ପାଇଁ ବାଧ କରିଥିଲା। ତାଙ୍କ ବ୍ୟତୀତ ସ୍ଥାନୀୟ କଳାକାର ଦୀପକ ବାଜୋରିଆ ଏବଂ ରାହୁଲ ବଜୋରିଆଙ୍କ ଭଜନ ମଧ୍ୟ ଏକ ଭିନ୍ନ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ମୁଖ୍ୟ ଯଜମାନ କମଲେଶ ଗନେରିୱାଲ ସର୍ବ ପ୍ରଥମେ ମାତାଜୀଙ୍କ ଜ୍ୟୋତି କୁ ନେଇ ଫତେହପୁର ରୁ ମାତାଜୀ ଙ୍କୁ ନିମନ୍ତ୍ରଣ କରିଥିଲେ। ତା ପରେ ଗଣେଷ ବନ୍ଦନା ରୁ ମାତାଜୀ ଉତ୍ସବ ର ଶୁଭାରମ୍ଭ ହୋଇଥଲା। ପରେ ପରେ ସମସ୍ତ ଭକ୍ତ ମାତାଙ୍କ ଚାଳିଶା ପାଠ କରିଥିଲେ। ଏହା ପରେ ମାତାଙ୍କ ପାଖରେ ଛପନ ଭୋଗ ଲଗା ଯାଇଥିଲା। ଆଉ ତା ପରେ ସମସ୍ତ ଭକ୍ତଙ୍କ ପାଇଁ ଭଣ୍ଡାରା ଖୋଲା ଯାଇ ପ୍ରସାଦ ଆବଣ୍ଟନ କରାଯାଇଥିଲା। ମଣ୍ଡଳ ର ସଭାପତି ରାଧେଶ୍ୟାମ ଗନେରିୱାଲ, ସଂଯୋଜକ ଅଶୋକ ବାଜୋରିଆ, ଅନିଲ ବାଜୋରିଆ, କୋଷାଧ୍ୟକ୍ଷ ତଥା ମିଡ଼ିଆ ପ୍ରଭାରୀ ସଜ୍ଜନ ବାଜୋରିଆ ଏବଂ ମଣ୍ଡଳ ର ସଦସ୍ୟ ଅରୁଣ ବାଜୋରିଆ, ରାଜେଶ ବଜୋରିଆ, ମନୋଜ ବାଜୋରିଆ, ପ୍ରଦୀପ ବଜୋରିଆ, ବିନୋଦ ଫସାରି ପ୍ରମୁଖ ଏହି ଉତ୍ସବ ର ସଫଳତା ରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ନୂତନ ଅପରାଧିକ ଆଇନ ସମ୍ପର୍କରେ ବ୍ୟାପକ ଜନ ସଚେତନତା ହେବା ଆବଶ୍ୟକ




ଭୁବନେଶ୍ୱର : ଭାରତରେ ଗତ ବର୍ଷ ଜୁଲାଇ ମାସଠାରୁ କାର୍ଯ୍ୟକାରୀ ହେଉଥିବା ନୂତନ ଅପରାଧିକ ଆଇନଗୁଡ଼ିକ ସମ୍ପର୍କରେ ବ୍ୟାପକ ଜନ ସଚେତନତା ନହେଲେ ଏହି ଆଇନର ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟର ବିଚ୍ଛରପତି ଜଷ୍ଟିସ୍ ଏମ୍. ଏସ୍. ରମଣ ଆଇନ ସେବା ସଂସ୍ଥା କ୍ଲାପ ପକ୍ଷରୁ ପାରାଲିଗାଲ କର୍ମୀମାନଙ୍କ ନିମନ୍ତେ ଆୟୋଜିତ ଏକ ଦିବସୀୟ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟିତ କରି କହିଛନ୍ତି। ଜଷ୍ଟିସ ରମଣ କହିଲେ ଯେ ଏ ପର୍ଯ୍ୟନ୍ତ ଫୌଜଦାରୀ ଆଇନ ଗୁଡ଼ିକ ସମ୍ପର୍କରେ ଶିକ୍ଷିତ ବର୍ଗ ମଧ୍ୟ ସଚେତନ ନୁହଁନ୍ତି। ଫଳ ସରୂପ ନୂତନଭାବେ ଦେଶରେ କାର୍ଯ୍ୟକାରୀ ହେଉଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରୀକ ସୁରକ୍ଷା ସଂହିତା, ତଥା ଭାରତୀୟ ସାକ୍ଷ୍ୟବିଧି ସଂହିତାରେ ଜନଭାଗୀଦାରିତା ରହୁନାହିଁ। ଜଷ୍ଟିସ ରମଣ ଆହୁରି ମଧ୍ୟ କହିଥିଲେ ଯେ ନୂତନ ଆଇନ ଦ୍ୱାରା କିପରି ମହିଳା, ଶିଶୁ ତଥା ଭିନ୍ନକ୍ଷମମାନେ ସୁରକ୍ଷା ପାଇଁ ପାରିବେ ସେଥିପାଇଁ ଦାୟୀତ୍ୱବାନ ହେବା ଉଚିତ୍। ଅସ୍ପୃଶ୍ୟତା ପରି ସମସ୍ୟା ଯେପରି ଦୂର ହୋଇପାରିବ ଏବଂ ସଫେଇ କର୍ମଚ୍ଚରୀମାନଙ୍କୁ ନ୍ୟାୟ ମିଳିବ ସେଗୁଡ଼ିକ ମଧ୍ୟ ଦୃଷ୍ଟି ଦେବାକୁ ହେବ। ଆଇନ ସେବା ସଂସ୍ଥା କ୍ଲାପର ସଭାପତି ଡ. ବିକାଶ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ବକ୍ତାଭାବେ ରାଜ୍ୟ ବାରକାଉନସିଲରର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର ଯୋଗଦେଇ ଅପରାଧିକ ଆଇନରେ ହୋଇଥିବା ବ୍ୟବସ୍ଥା ଗୁଡ଼ିକ ତର୍ଜମା କରି କହିଥିଲେ ଯେ ଇ-ଏଫ୍ ଆଇ ଆର ଓ ଜିରୋ ଏଫଆଇଆର ଭଳି ବ୍ୟବସ୍ଥା ଦ୍ୱାରା ଏବେ ଅପରାଧରେ କ୍ଷତିଗ୍ରସ୍ତ ହେଉଥିବା ବ୍ୟକ୍ତି ଯେକୌଣସି ପୋଲିସ ଷ୍ଟେସନ୍‌ରେ ତାଙ୍କ ପ୍ରାଥମିକ ସୂଚନା ଦାଖଲ କରିପାରିବେ। ସେହିପରି ଡିଜିଟାଲ ଓ ସାଇବର କ୍ରାଇମରୁ ସୁରକ୍ଷା ପାଇଁ ଆଇନଗତ ବ୍ୟବସ୍ଥା କରାଯାଇ ଏଗୁଡ଼ିକ ଅପରାଧ ବୋଲି ବିବେଚନା କରାଯାଇଛି। କ୍ଲାପର ସଭାପତି ଡ. ବିକାଶ ଦାସ କହିଥିଲେ ଯେ ନୂତନ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ସନ୍ତ୍ରାସବାଦ, ଛାନତାଇ, ସଂଗଠିତ ଅପରାଧ ଏବଂ ସଂଘବଦ୍ଧ ହତ୍ୟା ପ୍ରମୁଖ ଆଇନର ପରିସର ମଧ୍ୟକୁ ଅଣାଯାଇଛି। ନୂତନ ଅପରାଧିକ ଆଇନର ସୁଫଳ ଅପରାଧରେ ପିଡ଼ିତ ବ୍ୟକ୍ତିଙ୍କ ପାଖରେ ସଠିକ୍ ସମୟରେ ପହଁଞ୍ଚାଇବା ପାଇଁ କ୍ଲାପ ପକ୍ଷରୁ ପାରାଲିଗାଲ ସେଚ୍ଛାସେବୀ ତଥା ସାମାଜିକ କର୍ମୀମାନଙ୍କୁ ତାଲିମ ଦେବା ନିମନ୍ତେ ଏକ ଟ୍ରେନିଙ୍ଗ ମାନୁଆଲକୁ ଆଧାର କରି ବ୍ୟାପକଭାବେ ଦକ୍ଷତା ବୃଦ୍ଧି କରାଯିବ ବୋଲି ପଦକ୍ଷେପ ନିଆଯାଇଛି। କ୍ଲାପ ଦ୍ୱାରା ପ୍ରସ୍ତୁତ ପ୍ରଶିକ୍ଷଣ ମାର୍ଗଦର୍ଶିକାକୁ ଉତ୍ସର୍ଗ କରାଯିବା ସହ ଏହି କାର୍ଯ୍ୟକ୍ରମରେ ନୂତନ ଭାବେ ପ୍ରସ୍ତୁତ ଦୁଇଟି ସଚେତନତା ପୁସ୍ତକକୁ ଜଷ୍ଟିସ ଏମ୍. ଏସ. ରମଣ ଉନ୍ମୋଚନା କରିଥିଲେ। ପ୍ରଶିକ୍ଷଣ ଶିବରରେ ଆଡ଼ଭୋକେଟ ଚନ୍ଦ୍ରଦେବ ପୁରୋହିତ ଓ ଅଧ୍ୟାପକ ରୋହନ ନାଏକ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବିଜୟଶ୍ରୀ ବାରିକ ଏହି କାର୍ଯ୍ୟକ୍ରମକୁ ପରିଚ୍ଛଳନା ପରିଥିଲେ। କ୍ଲାପର ସଂପାଦକ ପୁରୁଷୋତ୍ତମ ସାହୁ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟଗୁଡ଼ିକରେ ୮୦ ଜଣ ପାରାଲିଗାଲ କର୍ମୀଙ୍କୁ ନୂତନ ଅପରାଧିକ ଆଇନ ସଂପର୍କରେ ତାଲିମ ପ୍ରଦାନ କରାଯାଇଛି।

## ନୂଆପଡା ଜିଲ୍ଲାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

ନୂଆପଡା (ମାନିସ) : : ନୂଆପଡା ଜିଲ୍ଲାରେ ରାଜ୍ୟ ସରକାରଙ୍କ ବହୁ ପ୍ରତିକ୍ଷିତ ଅନ୍ତ୍ୟୋଦୟ ଗୃହ ଯୋଜନା ଆଜି ଶୁଭାରମ୍ଭ ହୋଇଯାଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା କଳାହାଣ୍ଡି ଜିଲ୍ଲା ଭବାନୀପାଟନା ନିକଟକସ୍ଥ କ୍ରିଷ୍ଣା ନଗର ଠାରେ ଅନୁଷ୍ଠିତ ସମାରୋହରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଆନୁଷ୍ଠାନିକ ଉଦଘାଟନ ହୋଇଥଲା। ନୂଆପଡା ଜିଲ୍ଲା ସଦର ମହକୁମା ସ୍ଥିତ ପୋଲିସ ପଡିଆରେ ଏକ ସଭାର ଆୟୋଜନ କରାଯାଇ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ଭବାନିପାଟଣା କାର୍ଯ୍ୟକ୍ରମର ସିଧା ପ୍ରସାରଣ ଆଭାସି ମାଧ୍ୟମରେ ଦେଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଭିମସେନ ଶବର, ଜିଲାମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ବ୍ଲକ ଉପାଧ୍ୟକ୍ଷ ଦିଲ୍ଲିପ କୁମାର ନିର୍ମଲକର, ଜିଲାପରିଷଦ ସଦସ୍ୟ ଉମାଠାକୁର, ଭାନୁପ୍ରତାପ ସିଂ ମାଝି, ଭରତଲାଲ ରାଉତ, ଅବନୀ ରଞ୍ଜନ ଯୋଷି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଭାରେ ଦଶଜଣ ହିତାଧିକାରୀଙ୍କୁ ଜିଲ୍ଲାପାଳ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ସୂଚନାଥାଉକି ଜିଲାର ବିଭିନ୍ନ ବ୍ଲକ୍ ରେ ଆଜି ୩୪୯ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ବେଳେ ସଦର ବ୍ଲକରେ ୫୧ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ସମସ୍ତ ଜିଲ୍ଲା ସ୍ତରିୟ ଅଧିକାରୀଗଣ ଓ ବିଭିନ୍ନ ବିଭାଗ ଅଧିକାରୀ, ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ୍ ରୁ ହଜାର ହଜାର ସଂଖ୍ୟାରେ ମହିଳା, ମିଶନ ଶକ୍ତି କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଅମ୍ବାଦଲା ଲ୍ୟାମ୍ପ୍ ପକ୍ଷରୁ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ




ରାୟଗଡା (ମାନିସ) : ରାୟଗଡ ଜିଲ୍ଲା ଅମ୍ବାଦଲା ଲ୍ୟାମ୍ପ ପକ୍ଷରୁ ସ୍ଥାନୀୟ ବୈଲାନ୍ ଆମ୍ବ ତୋଟା ଠାରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଏମ.ଶଙ୍କର ରାଓଙ୍କ ଦ୍ୱାରା ଆୟୋଜିତ ଓ ଡାଇରେକ୍ଟର ସୁଭାଷିନୀ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେସିସି ବ୍ୟାଙ୍କ ସୁପର ଭାଇଜର ବି. ବି. ଆର ପଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଲ୍ୟାମ୍ପ ଡାଇରେକ୍ଟର ଶିମାଞ୍ଚଳ ପାତ୍ର, ଶିମାଞ୍ଚଳ ରଣା, ହିରା କରକରିଆ, ଦାସେ ମାଝୀ ,ଏଓ ବିଲାସ ଗାଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ଯୋଜନା ସସକ୍ତ ସମବାୟ, ସୁଦୃଢ଼ ସମାଜ, ଓ ସମୃଦ୍ଧ ଜୀବନ ଉପରେ ଆଲୋଚନା କରାଯାଇଥିଲା। ଯୋଜନା ମାଧ୍ୟମରେ ଚାଷୀ ମାନଙ୍କ ପାଇଁ ରହିଥିବା ସୁବିଧା ଓ ଅଞ୍ଚଳର ଚାଷୀ ମାନଙ୍କ ମଧ୍ୟରୁ ବିଭିନ୍ନ ସମସ୍ୟା ଗୁଡ଼ିକ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ନୂତନ ଲ୍ୟାମ୍ପ କାର୍ଯ୍ୟାଳୟ, ଓ ନୂତନ ଗୋଦାମ ଗୃହ ନିର୍ମାଣ ପାଇଁ ଲ୍ୟାମ୍ପ ର ନିଜସ୍ୱ ସ୍ଥାନ ନିରୂପଣ ନିମନ୍ତେ ଆଲୋଚନା କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାନନ କରକରିଆ, ଗରିବ ଟାକ୍ରି, ସୁବାସ ପଲକିଆ, ମାୟାଧର ସୁନା, ମାକା ସିନୁଙ୍କ ସମେତ ୮ ଗୋଟି ପଞ୍ଚାୟତର ଚାଷୀ ମାନେ ଉପସ୍ଥିତ ରହି ଥିବା ବେଳେ ଲ୍ୟାମ୍ପ କର୍ମଚାରୀ ଘାସି ରାମ ସିକକା, କେଦାର ଠେଲା,, ସୌମ୍ୟ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ରାୟଗଡା ଜିଲ୍ଲାରେ ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ

ରାୟଗଡା (ମାନିସ) : ରାୟଗଡା ଜିଲ୍ଲା ସଦର ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚବିଦ୍ୟାଳୟ ପଡିଆ ଠାରେ ରବିବାର ଦିନ ଅନ୍ତୋଦୟ ଗୃହ ଯୋଜନା ନାମକ ନୂତନ ଯୋଜନାର ଶୁଭାରମ୍ଭ ହୋଇଛି। ଏହା ସହିତ କଳାହାଣ୍ଡିରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ଏହି ଯୋଜନାର ସିଧାପ୍ରସାରଣ କରାଯାଇଥିଲା। ଜିଲ୍ଲାପାଳ ପାରୁଲ ପଟାୱରୀ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ରାୟଗଡ଼ା ବିଧାୟକ ଶ୍ରୀଯୁକ୍ତ ଆପାଲାସ୍ୱାମୀ କାଡ୍ରାକା, ରାୟଗଡ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଟୁନୀ ହୁଇକା, ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ ଓ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟ ସ୍ତରୀୟ ଶୁଭାରମ୍ଭ ପରେ ରାୟଗଡା ବ୍ଲକର ତିନିଜଣ ଦିବ୍ୟାଙ୍ଗ, ତିନିଜଣ ନିର୍ଭରଶୀଳ ନାବାଳକ ଥିବା ବିଧବା,ତିନି ଜଣ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ ଏବଂ ଜଣେ ଅନ୍ୟାନ୍ୟ ବର୍ଗର ଯୋଗ୍ୟ ବୃଦ୍ଧ ମହିଳା ଏପରି ଦଶ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଜିଲ୍ଲାପାଳ ନିଜ ବକ୍ତବ୍ୟରେ ୨୭୮୫ ଜଣଙ୍କୁ ନୂତନ ଗହ ନିର୍ମାଣ ନିମନ୍ତେ ବିଭିନ୍ନ ବ୍ଲକ ସଦରମହକୁମାରେ କାର୍ଯ୍ୟାଦେଶ ବଣ୍ଟନ କରାଯିବା ବିଷୟ ପ୍ରକାଶ କରିଥିଲେ। ସେଥିମଧ୍ୟରୁ ବିଷମକଟକ ୩୨୦, ଚନ୍ଦ୍ରପୁର ରେ ୧୨୬, ଗୁଡାରି ୧୫୫, ଗୁଣୁପୁର ୩୨୬, କେ ସିଂହପୁରରେ ୧୮୫, କାଶିପୁର ୩୭୦, କୋଲନରା ୨୬୯, ମୁନିଗୁଡା ୨୨୫, ପଦ୍ମପୁର ୧୯୯, ରାମନାଗୁଡ଼ା ୧୯୦ ଓ ରାୟଗଡା ବ୍ଲକରେ ୪୨୦ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସେଥିମଧ୍ୟରୁ ଦିବ୍ୟାଙ୍ଗ ୧୧୫୨ ଜଣ, ନାବାଳକ ଥିବା ବିଧବା ୮୫୮ ଣ, ୧୮ ଜଣ ଗୁରୁତ୍ୱର ରୋଗରେ ପିଡିତ, ତିନିଜଣ ଯୋଦ୍ଧା ବା ଦେଶ ଭକ୍ତ, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ ୨୯୩ ଏବଂ ପ୍ରକୃତ ଯୋଗ୍ୟ ପରିବାର ୩୫୫ ଜଣ ଅନ୍ତର୍ଭୁକ୍ତ। ମୁଖ୍ୟ ଉନ୍ନୟନ ଅଧିକାରୀ, ଅକ୍ଷ୍ୟକ୍ଷ କୁମାର ଖେମୁଣ୍ଡୁ ଉଦ୍ଦେଶ୍ୟ ଜ୍ଞାପନ କରି ହିତାଧିକାରୀ ତିନି କିସ୍ତିରେ ମୋଟ ୧୨୦୦୦୦ ଟଙ୍କା ଘରପିଛା ମଞ୍ଜୁର କରାଯାଇଥିବା ଏବଂ ଚାରି ମାସ ଅବା ଛଅ ମାସ ମଧ୍ୟରେ କାର୍ଯ୍ୟ ସଂପୂର୍ଣ୍ଣ କଲେ ୨୦୦୦୦ ଅବା ୧୦୦୦୦ ଅତିରିକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି କହିଥିଲେ। ରାୟଗଡ ବିଡିଓ ସୁଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାୟଗଡ ଜିଲ୍ଲା ପରଷଦ ଓ ପଞ୍ଚାୟତ ସମିତିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।।



# ହ୍ୟାଲୋ ବଲିଉଡ୍



## ଶ୍ରୀଲୀଲାଙ୍କ ପ୍ରେମରେ ଉବୁଟୁବୁ କାର୍ତ୍ତିକ

ବଲିଉଡ୍‌ରେ ପ୍ରେମ ଏବଂ ବିଚ୍ଛେଦର କାହାଣୀ ନୂଆ ନୁହେଁ। କେତେବେଳେ କାହାକୁ ନେଇ କାହା ନାଁ ସହିତ ଯୋଡା ହୁଏ ତାହା କହି ହେବ ନାହିଁ। ବର୍ତ୍ତମାନ ବିଟାଉନ୍‌ରେ ନୂଆ ଯୋଡିକୁ ନେଇ ଖୁବ୍ ଆଲୋଚନା ହେଉଛି । ସେ ହେଉଛନ୍ତି କାର୍ତ୍ତିକ ଆର୍ଯ୍ୟନ ଓ ଶ୍ରୀଲୀଲା । ସେମାନଙ୍କ ପ୍ରେମ ସମ୍ପର୍କକୁ ନେଇ ସବୁଠି ଚାଲିଛି ଗସିପ୍ । କାର୍ତ୍ତିକ ନିଜେ ତାଙ୍କର ଲାଟେଷ୍ଟ ପୋଷ୍ଟ ସହିତ ଏହା ହିଣ୍ଟ ଦେଇଛନ୍ତି। କାର୍ତ୍ତିକ ସୋସିଆଲ ମିଡିଆରେ ସବୁବେଳେ ଆକ୍ଟିଭ୍ । ତାଙ୍କ ପୋଷ୍ଟ ଦ୍ୱାରା ପ୍ରଶଂସକମାନଙ୍କୁ ଆଶ୍ଚର୍ଯ୍ୟ କରିଥାନ୍ତି। ନିକଟରେ ସେ ଶ୍ରୀଲୀଲାଙ୍କ ସହ ତାଙ୍କର ରୋମାଣ୍ଟିକ ଫଟୋ ସେୟାର କରିଛନ୍ତି। ଯାହା ପରେ ବଜିବାରେ ଲାଗିଛି କଳ୍ପନା ଜଳ୍ପନା। ଏହି ରୋମାଣ୍ଟିକ ଫଟୋରେ କାର୍ତ୍ତିକ ଏବଂ ଶ୍ରୀଲୀଲା ଏକ ଚା' ବଗିଚାରେ ବସିଛନ୍ତି ଏବଂ କାର୍ତ୍ତିକ ଶ୍ରୀଲୀଲାଙ୍କ ଆଖିକୁ ପ୍ରେମ ଭାବନାରେ ଚାହିଁ ରହିଛନ୍ତି। ଏହି ପୋଷ୍ଟର କ୍ୟାପସନ୍‌ରେ କାର୍ତ୍ତିକ ଲେଖିଛନ୍ତି 'ତୁମେ ମୋର ଜୀବନ' । ଖୁବ୍ ଶୀଘ୍ର ପରଦାରେ ନଜର ଆସିବେ କାର୍ତ୍ତିକ ଏବଂ ଶ୍ରୀଲୀଲା । ପ୍ରଶଂସକଙ୍କୁ ସେମାନଙ୍କ ଅନ୍‌ସ୍କ୍ରିନ ଯୋଡିକୁ ଅଧିକ ଉତ୍ସାହିତ କରିଛି । ଚଳିତ ବର୍ଷ ଦୀପାବଳୀରେ ରିଲିଜ୍ ହେବାକୁ ଥିବା ଅନୁରାଗ ବସୁଙ୍କ ଆଗାମୀ ଚଳଚ୍ଚିତ୍ରରେ ଏହି ଯୋଡି ଡେବ୍ୟୁ କରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରର ଟାଇଟଲ୍ ଏପର୍ଯ୍ୟନ୍ତ ସ୍ଥିର ହୋଇ ନାହିଁ ।

## ପ୍ରଧାନମନ୍ତ୍ରୀଙ୍କ ୧୨୦ତମ ମନ୍ କି ବାତ୍ କାର୍ଯ୍ୟକ୍ରମ

# ଜଳ ସଂରକ୍ଷଣ ପାଇଁ କଲେ ନିବେଦନ

- ନବରାତ୍ରି ଓ ଇଦ୍ ପାଇଁ ଜଣାଇଲେ ଶୁଭେଚ୍ଛା
- ଖେଲୋ ଇଣ୍ଡିଆ ପାରା ଗେମ୍ସରେ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି ପାଉଛି



**ନୂଆଦିଲ୍ଲୀ:** ମନ୍ କି ବାତ୍‌ର ୧୨୦ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର କହିଛନ୍ତି ଯେ, ଆଜି ଚୈତ୍ର ନବରାତ୍ରିର ଶୁକ୍ଳ ପକ୍ଷର ପ୍ରତିପଦା ତିଥି। ଆଜିଠାରୁ ଚୈତ୍ର ନବରାତ୍ରି ଆରମ୍ଭ ହେଉଛି। ଆଜିଠାରୁ ଭାରତୀୟ ନବବର୍ଷ ମଧ୍ୟ ଆରମ୍ଭ ହେଉଛି।

ଏହା ୨୦୮୨ ମସିହାର ବିକ୍ରମ ସମ୍ବତର ଆରମ୍ଭ। ଆଜି ଗୁଡି ପାଡ୍‌ୱା ମଧ୍ୟ। ଏହା ଏକ ଅତ୍ୟନ୍ତ ପବିତ୍ର ଦିନ। ଇଦ୍ ପର୍ବ ମଧ୍ୟ ଆସୁଛି। ଏହାର ଅର୍ଥ ହେଉଛି ଏହି ସମ୍ପୂର୍ଣ୍ଣ ମାସଟି ପର୍ବ ଏବଂ ଉତ୍ସବଗୁଡ଼ିକରେ ପରିପୂର୍ଣ୍ଣ। ମୁଁ ମୋର ଦେଶବାସୀଙ୍କୁ ଏହି ପର୍ବର ଶୁଭକାମନା ଜଣାଉଛି। ଏହି ପର୍ବଗୁଡ଼ିକ ଆମକୁ ଭାରତର ବିବିଧତା ମଧ୍ୟରେ ଏକତା ଅନୁଭବ କରାଏ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଗ୍ରୀଷ୍ମ ଛୁଟିରେ ପିଲାମାନଙ୍କ ପାଖରେ ବହୁତ ସମୟ ଥାଏ। ଏହି ସମୟ ମଧ୍ୟରେ, ପିଲାମାନେ ନୂତନ ଜିନିଷ ଶିଖିବା ଉଚିତ ଏବଂ ଏହି ସମୟକୁ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ ବ୍ୟବହାର କରିବା ଉଚିତ୍। ଏପରି ପ୍ଲାଟଫର୍ମର ଅଭାବ ନାହିଁ ଯେଉଁଠାରେ ସେମାନେ ବହୁତ କିଛି ଶିଖିପାରିବେ। ମୁଁ ଗ୍ରୀଷ୍ମ ଛୁଟି ପାଇଁ ପ୍ରସ୍ତୁତ ମାଇଁ-ଭାରତର ସ୍ୱତନ୍ତ୍ର କ୍ୟାଲେଣ୍ଡର ବିଷୟରେ ଆଲୋଚନା କରିବାକୁ ଚାହୁଁଛି। ଏହାର ଅଧ୍ୟୟନ ପରିଦର୍ଶନ ମାଧ୍ୟମରେ ଆପଣ ଜାଣିପାରିବେ ଯେ, ଜନ ଔଷଧି କେନ୍ଦ୍ରଗୁଡ଼ିକ କିପରି କାର୍ଯ୍ୟ କରେ।

ଆପଣ ଭାଇବ୍ରାଣ୍ଟ ଗ୍ରାମ ଅଭିଯାନର ଅଂଶ ହୋଇ ସୀମାନ୍ତ ଗ୍ରାମଗୁଡ଼ିକରେ ଏକ ଅନନ୍ୟ ଅଭିଜ୍ଞତା ପାଇପାରିବେ। ଆପଣ ସେଠାରେ ସାଂସ୍କୃତିକ ଏବଂ କ୍ରୀଡା କାର୍ଯ୍ୟକଳାପରେ ମଧ୍ୟ ଅଂଶଗ୍ରହଣ କରିପାରିବେ। ଆମ୍ବେଦକର ଜୟନ୍ତୀରେ ପଦଯାତ୍ରାରେ ଅଂଶଗ୍ରହଣ କରି ଆପଣ ସମ୍ବିଧାନ ବିଷୟରେ ସଚେତନତା ସୃଷ୍ଟି କରିପାରିବେ।

ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ବର୍ଷା ଟୋପା ସଂରକ୍ଷଣ କରି ଆମେ ବହୁତ ପାଣି ନଷ୍ଟ ହେବାରୁ ରକ୍ଷା କରିପାରିବା। ଗତ କିଛି ବର୍ଷ ମଧ୍ୟରେ, ଏହି ଅଭିଯାନ ଅଧୀନରେ ଦେଶର ଅନେକ ସ୍ଥାନରେ ଜଳ ସଂରକ୍ଷଣର ଅଭୂତପୂର୍ବ କାର୍ଯ୍ୟ କରାଯାଇଛି। ଗତ ୭-୮ ବର୍ଷ ମଧ୍ୟରେ ନିର୍ମିତ ଟ୍ୟାଙ୍କ, ପୋଖରୀ ଏବଂ ଅନ୍ୟାନ୍ୟ ଜଳ ପୁନଃଭରଣ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ୧୧ ବିଲିୟନ ଘନ ମିଟର ଜଳ ସଂରକ୍ଷଣ କରାଯାଇଛି। ପ୍ରଧାନମନ୍ତ୍ରୀ କର୍ଣ୍ଣାଟକର ଗଡଗ ଜିଲ୍ଲାରେ ଗ୍ରାମବାସୀଙ୍କ ଦ୍ୱାରା ଶୁଖିଯାଇଥିବା ହ୍ରଦଗୁଡ଼ିକର ପୁନରୁଦ୍ଧାର ବିଷୟରେ କହିଥିଲେ। ସେ କହିଥିଲେ ଯେ, ଏହା କ୍ୟାଚ୍ ଦି ରେନ୍ ଅଭିଯାନର ଏକ ମହାନ ଉଦାହରଣ।

ପ୍ରଧାନମନ୍ତ୍ରୀ ମୋଦି ଖେଲୋ ଇଣ୍ଡିଆ ପାରା ଗେମ୍ସ ବିଷୟରେ ଆଲୋଚନା କରି କହିଥିଲେ ଯେ, ଏଥର ପୂର୍ବ ଅପେକ୍ଷା ଅଧିକ ଖେଳାଳି ଏହି ଖେଳଗୁଡ଼ିକରେ ଅଂଶଗ୍ରହଣ କରୁଛନ୍ତି, ଯାହା ଦର୍ଶାଉଛି ଯେ, ପାରା କ୍ରୀଡା ଲୋକଙ୍କ ମଧ୍ୟରେ ଲୋକପ୍ରିୟ ହେଉଛି। ଖେଲୋ ଇଣ୍ଡିଆ ପାରା ଗେମ୍ସରେ ୧୮ଟି ଜାତୀୟ ରେକର୍ଡ ହୋଇଥିଲା, ଯେଉଁଥିରୁ ୧୨ଟି ମହିଳା ଖେଳାଳିଙ୍କ ଦ୍ୱାରା କରାଯାଇଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଦିଲ୍ଲୀରେ ଫିଟ୍ ଇଣ୍ଡିଆ କାର୍ନିଭାଲ୍ ଆୟୋଜନ କରାଯାଇଛି, ଏଥିରେ ୨୫ ହଜାର ଲୋକ ଅଂଶଗ୍ରହଣ କରିଛନ୍ତି। ଏହା ମାଧ୍ୟମରେ ଲୋକଙ୍କ ମଧ୍ୟରେ ଫିଟନେସ୍ ସମ୍ପର୍କରେ ସଚେତନତା ପ୍ରସାର କରାଯାଇଥିଲା।

## ଜୟଦୁର୍ଗା ନୋଡାଲ ୟୁପି ସ୍କୁଲରୁ ଚୋରି

**ଭଦ୍ରକ:** ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଶ୍ୟାମସୁନ୍ଦର ପଂଚାୟତ ଅଧୀନ ଉପରଦୁମୁକା ଗ୍ରାମସ୍ଥିତ ଜୟଦୁର୍ଗା ନୋଡାଲ ୟୁପି ସ୍କୁଲରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସ୍କୁଲର ପ୍ରଧାନଶିକ୍ଷକ ରାଜେଶ କାଣ୍ଡିଆନ ଶନିବାର ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ସେ ଦାବି ଜଣାଇଛନ୍ତି। ପ୍ରଧାନଶିକ୍ଷକ ଶ୍ରୀ କାଣ୍ଡିଆନଙ୍କ ଅଭିଯୋଗରୁ ପ୍ରକାଶ ଯେ ଶୁକ୍ରବାର ରାତିରେ କେତେକ ଦୁର୍ବୃତ୍ତ ସ୍କୁଲର ୨ଟି ଗେଟର ତାଲା ଭାଙ୍ଗି ଭିତରକୁ ପଶିବା ସହ ଅଫିସ ଓ ଶ୍ରେଣୀଗୃହର ତାଲା ମଧ୍ୟ ଭାଙ୍ଗିଦେଇଛନ୍ତି।

# ଫ୍ଲାଏଓଭରରେ ଓଭରଟେକିଂ ବେଳେ ଦୁର୍ଘଟଣା, ୨ ମୃତ



**ଦାଦର:** ମୁମ୍ବାଇରେ ଶନିବାର ଏକ ବଡ଼ ଧରଣର ଦୁର୍ଘଟଣା ହୋଇଛି। ଏକ ଦ୍ରୁତଗାମୀ ଏସୟୁଭି ଫ୍ଲାଏଓଭରରେ ଓଭରଟେକିଂ କରୁଥିବା ବେଳେ ଗାଡିକୁ ଧକ୍କା ଦେବାରୁ ତାହା ସାମ୍ନାରୁ ଆସୁଥିବା ଯାତ୍ରୀବାହୀ ଟ୍ୟାକ୍ସି ସହ ଧକ୍କା ଲାଗିଛି। ଫଳରେ ଟ୍ୟାକ୍ସି ଚାଳକଙ୍କ ସମେତ ଏଥିରେ ଯାତ୍ରା କରୁଥିବା ମହିଳା ଯାତ୍ରୀ ଘଟଣା ସ୍ଥଳରେ ପ୍ରାଣ ହରାଇଛନ୍ତି। ଏହି ଘଟଣା ମୁମ୍ବାଇର ଦାଦର ଅଞ୍ଚଳରେ ହୋଇଛି। ପୋଲିସ ପହଞ୍ଚି ମୃତ ଦେହ ଜବତ କରିବା ସହିତ ମାମଲାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଏସୟୁଭି ଚାଳକକୁ ପୋଲିସ ଗିରଫ କରିଛି।

ରିପୋର୍ଟ ଅନୁସାରେ ମଧ୍ୟାହ୍ନ ପ୍ରାୟ ୧ଟା ୧୫ ମିନିଟରେ ସେନାପତି ବାପଟ ଫ୍ଲାଇ ଓଭରରେ ଏକ ମହିନ୍ଦ୍ରା ଏସୟୁଭି ଦ୍ରୁତବେଗରେ ଟୟୋଟା ଇଟିଓସକୁ ଓଭରଟେକିଂ କରିବାକୁ ଉଦ୍ୟମ କରୁଥିଲା। ଏହି ସମୟରେ ସନ୍ତୁଳ ହରାଇ ଏସୟୁଭିଟି ଇଟିଓସକୁ ଧକ୍କା ଦେଇଥିଲା ଓ ତାହା ବିପରୀତ ଦିଗରୁ ଆସୁଥିବା ଟ୍ୟାକ୍ସି ସହ ମୁହାଁମୁହିଁ ଧକ୍କା ହୋଇ ଯାଇଥିଲା। ଫଳରେ ଉଭୟ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଟ୍ୟାକ୍ସି ଚାଳକ ଓ ଏଥିରେ ଥିବା ମହିଳା ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି।

ଏହି ଦୁର୍ଘଟଣା ସେତେବେଳେ ଘଟିଛି ଯେତେବେଳେ ଟ୍ୟାକ୍ସି ଚିଚପୋକଲୀ ଆଡକୁ ଓ ମହିନ୍ଦ୍ରା ଏସୟୁଭି ବାନ୍ଦ୍ରା ଆଡକୁ ଯାଉଥିଲା। ଏହି ଦୁର୍ଘଟଣା ପରେ ଫ୍ଲାଏଓଭରରେ ଟ୍ରାଫିକ ଜାମ ହୋଇଯାଇଥିଲା। ଏଣୁ ଫ୍ଲାଏ ଓଭରରେ ଯାନବାହନ ଯାତ୍ରା ସୁଗମ କରିବାକୁ ପୋଲିସକୁ ଅକ୍ଲାନ୍ତ ଉଦ୍ୟମ କରିବାକୁ ପଡିଛି। ଗିରଫ ପରେ ଏସୟୁଭି ଚାଳକକୁ ପୋଲିସ ମେଡିକାଲ ଯାଞ୍ଚ ପାଇଁ ପଠାଇଛି।

# ଜବ୍ ପୋର୍ଟାଲ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ କେଜ୍ରିୱାଲ



**ନୂଆଦିଲ୍ଲୀ:** ଦିଲ୍ଲୀ ବିଧାନସଭାରେ ବଜେଟ୍ ଅଧିବେଶନ ଜାରି ରହିଛି। ବଜେଟ୍ ଅଧିବେଶନରେ ଦିଲ୍ଲୀରେ ଚାକିରି ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା ହୋଇଛି। ରୋଜଗାର ନିର୍ଦ୍ଦେଶାଳୟକୁ ପଚରାଯାଇଥିବା ଦୁଇଟି ପ୍ରଶ୍ନ ଦିଲ୍ଲୀର ପୂର୍ବ ଅରବିନ୍ଦ କେଜ୍ରିୱାଲ ସରକାରଙ୍କ ନିଯୁକ୍ତି ମଡେଲ ଉପରେ ଏକ ବଡ଼ ପ୍ରଶ୍ନ ଉଠାଇଛି। ସରକାର ଗୃହରେ କହିଛନ୍ତି ଯେ, ୨୦୧୯ରୁ ୨୦୨୪ ମଧ୍ୟରେ ଦିଲ୍ଲୀ ସରକାରଙ୍କ ନିଯୁକ୍ତି ପୋର୍ଟାଲ ମାଧ୍ୟମରେ କେବଳ ଦୁଇ ଜଣ କିରି ପାଇଛନ୍ତି। ଏହି ଦୁଇଟି ଚାକିରି ଗତ ବର୍ଷ ଅର୍ଥାତ୍ ୨୦୨୪ରେ ମିଳିଥିଲା ।

ଇଣ୍ଡିଆ ଟୁଡେ ରିପୋର୍ଟ ଅନୁଯାୟୀ, ୨୦୨୦ ପର୍ଯ୍ୟନ୍ତ ଦିଲ୍ଲୀରେ କେବଳ ଗୋଟିଏ ଅନଲାଇନ୍ ପୋର୍ଟାଲ୍ ଥିଲା। ଜୁଲାଇ ୨୦୨୦ ରେ ସରକାର 'ରୋଜଗର ବଜାର' ନାମକ ଅନ୍ୟ ଏକ ପୋର୍ଟାଲ ଆରମ୍ଭ କରିଥିଲେ। କିନ୍ତୁ ଏହି ପୋର୍ଟାଲ ୨୦୨୩ରେ ବନ୍ଦ ହୋଇଯାଇଥିଲା। ଆଶ୍ଚର୍ଯ୍ୟର କଥା, ପୋର୍ଟାଲ ବନ୍ଦ ହେବା ପରେ ମଧ୍ୟ ଏହାକୁ ପରିଚାଳନା କରିବାକୁ ଦୁଇଜଣ କର୍ମଚାରୀଙ୍କୁ ରଖାଯାଇଛି।

୨୦୧୯ରୁ ୨୦୨୩ ମଧ୍ୟରେ ପୋର୍ଟାଲରୁ କୌଣସି ଚାକିରି ମିଳିନାହିଁ । କରୋନା ମହାମାରୀ ସମୟରେ ମଧ୍ୟ ଏହି ପୋର୍ଟାଲଗୁଡିକ କାହାକୁ ଚାକିରି ଯୋଗାଇ ପାରିନାହିଁ । ଗତ ପାଞ୍ଚ ବର୍ଷ ମଧ୍ୟରେ ଏହି ପୋର୍ଟାଲଗୁଡ଼ିକ ମାଧ୍ୟମରେ ଗୋଟିଏ ବି ଚାକିରି ମିଳିନାହିଁ । ୨୦୦୯ରୁ ଚାଲୁଥିବା ପୁରୁଣା ପୋର୍ଟାଲ (onlineemploymentportal.delhi.gov.in) କୁ ଚଳାଇବା ପାଇଁ ୫ ଜଣ କର୍ମଚାରୀ ଏବଂ ୬ ଜଣ ଟେକନିକାଲ୍ କର୍ମଚାରୀ ଅଛନ୍ତି।

ଏହା ବ୍ୟତୀତ, ୨୦୧୫ ରୁ ୨୦୨୪ ମଧ୍ୟରେ ପ୍ରାୟ ୪.୪ ଲକ୍ଷ ବେରୋଜଗାର

### ହେଲେ ଚାକିରି ପାଇଛନ୍ତି ମାତ୍ର ୨ ଜଣ

ଦିଲ୍ଲୀ ସରକାରଙ୍କ ନିଯୁକ୍ତି କାର୍ଯ୍ୟାଳୟରେ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ଚାକିରି ଯୋଗାଇବା ପାଇଁ ସରକାର ଗତ ୧୦ ବର୍ଷ ମଧ୍ୟରେ ୧୦ ଟି ଚାକିରି ମେଳା ଆୟୋଜନ କରିଥିଲେ। କିନ୍ତୁ କେବଳ ୩୬ ହଜାର ଯୁବକ ଯୁବତୀ ଚାକିରି ପାଇଥିଲେ।

ସରକାର ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଚାକିରି ମେଳାରେ ୧୦ ପ୍ରତିଶତରୁ କମ୍ ପିଲା ଉପକୃତ ହୋଇଥିଲେ। ତେବେ ଉଭୟ ସରକାରୀ ପୋର୍ଟାଲ ଏବଂ ଚାକିରି ମେଳା ରୋଜଗାର ଯୋଗାଇବାରେ ବିଫଳ ହୋଇଛି । ବିଧାନସଭାରେ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, 'ପୋର୍ଟାଲ ଚାକିରି ଯୋଗାଇବାରେ ବିଫଳ ହୋଇଛି, କିନ୍ତୁ ୨୦୨୧ ପରଠାରୁ ଏଥିପାଇଁ ପ୍ରାୟ ୩୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।'

# ଧାର୍ମିକ ସ୍ଥଳ ନିକଟରେ ମାଂସ ବିକ୍ରୟ ଉପରେ ରୋକ

### ଚୈତ୍ର ନବରାତ୍ରିରେ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ କଡ଼ା ନିଷ୍ପତ୍ତି



**ନୂଆଦିଲ୍ଲୀ:** ଆରମ୍ଭ ହୋଇଯାଇଛି ନଅ ଦିନିଆ ଚୈତ୍ର ନବରାତ୍ରି । ୬ ଏପ୍ରିଲରେ ରାମନବମୀ ଅବସରରେ ରାଜ୍ୟରେ ପଶୁ ହତ୍ୟା ଏବଂ ମାଂସ ବିକ୍ରୟ ସମ୍ପୂର୍ଣ୍ଣ ନିଷେଧ କରାଯିବା ନେଇ ନିର୍ଦ୍ଦେଶ ଦେଇଛନ୍ତି ଯୋଗୀ ସରକାର। ସେହି ସମୟରେ, ଧାର୍ମିକ ସ୍ଥଳ ପାଖରେ ଆଉ ମାଂସ ବିକ୍ରି ହେବ ନାହିଁ ବୋଲି କହିଛନ୍ତି ।

ସରକାର ଧାର୍ମିକ ସ୍ଥଳର ୫୦୦ ମିଟର ମଧ୍ୟରେ ମାଂସ ଦୋକାନ ଉପରେ ପ୍ରତିବନ୍ଧକ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ଭାବରେ ଚାଲୁଥିବା କଂସେଇଖାନା ବିରୋଧରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଅମୃତ ଅଭିଜାତ ସମସ୍ତ ଜିଲ୍ଲା ମାଜିଷ୍ଟ୍ରେଟ,ପୋଲିସ କମିଶନର ଏବଂ ମ୍ୟୁନିସିପାଲ କମିଶନରଙ୍କୁ ତୁରନ୍ତ କଂସେଇଖାନା ବନ୍ଦ କରିବାକୁ ଏବଂ ଧାର୍ମିକସ୍ଥଳ ନିକଟରେ ମାଂସ ବିକ୍ରୟ ଉପରେ ନିଷେଧ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ତେବେ ୨୦୧୪ ଏବଂ ୨୦୧୭ରେ ଜାରି ହୋଇଥିବା ନିର୍ଦ୍ଦେଶକୁ ଉଦ୍ଧୃତ କରି ଯୋଗୀ ସରକାର ସ୍ପଷ୍ଟ କରିଛନ୍ତି ଯେ, ଧାର୍ମିକସ୍ଥଳ ନିକଟରେ ବେଆଇନ ପଶୁହତ୍ୟା ଏବଂ ମାଂସ ବିକ୍ରୟ ସମ୍ପୂର୍ଣ୍ଣ ନିଷେଧ କରାଯିବ। ଏହି ନିଷ୍ପତ୍ତିକୁ ପ୍ରଭାବଶାଳୀ କରିବା ପାଇଁ ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରେ ପୋଲିସ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,ପଶୁପାଳନ ବିଭାଗ, ପରିବହନ ବିଭାଗ, ଶ୍ରମ ବିଭାଗ,ସ୍ୱାସ୍ଥ୍ୟ ବିଭାଗ ଏବଂ ଖାଦ୍ୟ ସୁରକ୍ଷା ପ୍ରଶାସନର ଅଧିକାରୀମାନେ ଅନ୍ତର୍ଭୁକ୍ତ ହେବେ। ଏହି କମିଟିଗୁଡ଼ିକୁ କତଲିଖାନା ଯାଞ୍ଚ କରିବା,ଦୈନିକ ପଶୁ ହତ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ଏବଂ ରାଜ୍ୟ ସରକାରଙ୍କୁ ଉଲ୍ଲଂଘନ ରିପୋର୍ଟ କରିବା ଦାୟିତ୍ୱ ଦିଆଯାଇଛି।

# ଏଟିଏମ୍‌ରେ ଟଙ୍କା ଉଠାଣ ଚାର୍ଜ ବଢ଼ାଇବା ନେଇ କେନ୍ଦ୍ରକୁ କଂଗ୍ରେସର ଟାର୍ଗେଟ୍

### ପୂରା ହିସାବ ଦେଲେ ଖଡ଼ଗେ



**ନୂଆଦିଲ୍ଲୀ:** ଏଟିଏମ୍‌ରେ ଟଙ୍କା ଉଠାଇବା ଚାର୍ଜ ବଢ଼ାଇ ଦେଇଥିବାରୁ ଏହାକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ବିଜେପି ସରକାର ଦେଶର ନାଗରିକମାନଙ୍କୁ 'ଲୁଣ୍ଠନ' କରିବା ପାଇଁ ବ୍ୟାଙ୍କଗୁଡ଼ିକୁ 'କଲେକ୍ସନ ଏଜେଣ୍ଟ' କରାଉଛି ବୋଲି ଶନିବାର କଂଗ୍ରେସ ଟାର୍ଗେଟ୍ କରିଛି। ଶୁକ୍ରବାର ଆରବିଆଇ ବ୍ୟାଙ୍କଗୁଡ଼ିକୁ ଏଟିଏମ୍ ଉଠାଣ ଚାର୍ଜ ବୃଦ୍ଧି କରିବାକୁ ଅନୁମତି ଦେବା ପରେ ଏଭଳି କଟାକ୍ଷ କରିଛି କଂଗ୍ରେସ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ବ୍ୟାଙ୍କଗୁଡ଼ିକ ଦ୍ୱାରା ଆଦାୟ କରାଯାଉଥିବା ଚାର୍ଜର ଏକ ତାଲିକା ଏକ୍ସରେ ପୋଷ୍ଟ କରିବା ସହିତ ଲେଖିଛନ୍ତି "ଦୁର୍ଭାଗ୍ୟବଶତଃ ମୋଦୀ ସରକାର ଆମ ବ୍ୟାଙ୍କଗୁଡ଼ିକୁ 'କଲେକ୍ସନ ଏଜେଣ୍ଟ' ବନାଇ ଦେଇଛନ୍ତି! ଏଟିଏମ୍ ଉଠାଣ ଚାର୍ଜ ମହଙ୍ଗା ହେବ।'

କେବଳ ସେତିକି ନୁହେଁ ଗ୍ରାହକମାନେ ବ୍ୟାଙ୍କଗୁଡ଼ିକରେ ସର୍ବନିମ୍ନ ବାଲାନ୍ସ ରଖି ନଥିବାରୁ ସରକାର ଗ୍ରାହକଙ୍କ ଠାରୁ ଫାଇନ ଆକାରରେ କିଭଳି ଟଙ୍କା ଆଦାୟ କରିଛନ୍ତି ତାର ମଧ୍ୟ ହିସାବ ଦେଇଛନ୍ତି ଖଡ଼ଗେ। ସେ ଏକ୍ସରେ ଲେଖିଛନ୍ତି "୨୦୧୮ ରୁ ୨୦୨୪ ମଧ୍ୟରେ ସଞ୍ଚୟ ଖାତା ଏବଂ ଜନଧନ ଖାତାରୁ ସର୍ବନିମ୍ନ ବାଲାନ୍ସ ନ ରଖିବାରୁ ମୋଦି ସରକାର ଅତି କମରେ ୪୩,୫୦୦ କୋଟି ଟଙ୍କା ଆଦାୟ କରିଛନ୍ତି।"

ଖଡ଼ଗେ ଆହୁରି କହିଛନ୍ତି ଯେ ସରକାର ସଂସଦରେ ଏହିସବୁ ତଥ୍ୟ ପ୍ରଦାନ କରୁନାହିଁ। ଶେଷରେ ସେ ଏକ୍ସରେ 'ବେଦନାଦାୟକ ମୂଲ୍ୟବୃଦ୍ଧି + ଅନିୟନ୍ତ୍ରିତ ଲୁଟ = ବିଜେପିର ବଟି ଆଦାୟର ମନ୍ତ୍ର!' ବୋଲି ଲେଖିଛନ୍ତି। ସୂଚନା ଥାଉକି ଗ୍ରାହକଙ୍କୁ ଏଟିଏମରୁ ନିଶୁଳ୍କ ସୀମା ସମାପ୍ତ ହେବା ପରେ ଟଙ୍କା ଉଠାଣ କଲେ ପ୍ରତି ନେଣ ଦେଣ ନିମନ୍ତେ ୨୩ଟଙ୍କା ଦେବାକୁ ପଡିବ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ବ୍ୟାଙ୍କମାନଙ୍କୁ ୧ ମେରୁ ଟଙ୍କା ଉଠାଣ କଲେ ଶୁଳ୍କକୁ ୨ ଟଙ୍କା ବଢେଇ ପ୍ରତି ନେଣଦେଣ ୨୩ ଟଙ୍କା ଅସୁଲ ପାଇଁ ଶୁକ୍ରବାର ଅନୁମତି ଦେଇଛନ୍ତି। ଏହି ଶୁଳ୍କ ମାସକୁ ମିଳୁଥିବା ନିଶୁଳ୍କ ଉଠାଣ ସୀମା ସମାପ୍ତ ହେବା ପରେ ପ୍ରତି ଉଠାଣରେ ଆଦାୟ ହେବ।

ଗ୍ରାହକ ତାଙ୍କ ବ୍ୟାଙ୍କ ଏଟିଏମରୁ ମାସିକ ୫ଟି (ଆର୍ଥିକ ଓ ଅଣଆର୍ଥିକ ନେଣଦେଣ ସମେତ) ନିଶୁଳ୍କ ଉଠାଣ କରିପାରିବେ। ମହାନଗର ମାନଙ୍କରେ ମାସକୁ ୩ ଓ ଅନ୍ୟସ୍ଥାନରେ ୫ ନିଶୁଳ୍କ ନେଣଦେଣ କରିପାରିବେ। ଆରବିଆଇ ଏକ ସର୍କୁଲାରରେ କହିଛନ୍ତି ଯେ ନିଶୁଳ୍କ ନେଣଦେଣ ବ୍ୟତିରେକ ଗ୍ରାହକଙ୍କଠୁ ଅଧିକ ୨୩ଟଙ୍କା ଶୁଳ୍କ ନିଆଯାଇପାରେ। ଏହି ନୂଆ ନିୟମ ୧ ମେ ୨୦୨୫ରୁ ପ୍ରଭାବୀ ହେବ ।

# ସମ୍ବଲପୁର ଓରମାସ୍ ପକ୍ଷରୁ କ୍ରେତା-ବିକ୍ରେତା ସମ୍ମିଳନୀ

**ସମ୍ବଲପୁର:** ଓରମାସ୍, ସମ୍ବଲପୁର ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ କ୍ରେତା-ବିକ୍ରେତା ସମ୍ମିଳନୀର ସଫଳ ଆୟୋଜନ ହୋଇଯାଇଛି, ଯେଉଁଥିରେ କୃଷି ଓ ଅଣକୃଷି କାର୍ଯ୍ୟରେ ନିୟୋଜିତ ୮୦ ଜଣ ଏସ୍‌ଏଚ୍ଜି/ପିଜି/ଏଫ୍ପିଓ ସଦସ୍ୟ ଏକାଠି ହୋଇଥିଲେ। ଏହି ବୈଠକ ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ଏବଂ ବଜାର ସଂଯୋଗ ସ୍ଥାପନ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ପାଲଟିଛି । ଏଥିରେ ଆନନ୍ଦ ସୁପର ବଜାର, ଭିଲେଜ କ୍ରାଫ୍ଟ, ହିନ୍ଦୁସ୍ତାନ ସେଲ୍ସ, ପ୍ରଣାମ ଭେଂଚର୍ସ, ମୁନିକୋ, ସାକ୍ଷୀ ହସ୍ତତନ୍ତ ଓ ମେଟାକାନି ଆଗ୍ରୋ ଭଳି ୭ଟି ପ୍ରତିଷ୍ଠିତ କ୍ରେତା ଅଂଶଗ୍ରହଣ କରିଥିଲେ। ମାର୍କେଟିଂ ଟାଇ-ଅପ୍ ଗୁଡ଼ିକୁ ସୁଗମ କରାଯାଇଥିଲା, ଯାହା ଏସଏଚଜି ଏବଂ ଏଫପିଓ ସଦସ୍ୟମାନଙ୍କ ପାଇଁ ଉତମ ବଜାର ପ୍ରବେଶ ସୁନିଶ୍ଚିତ କରିଥିଲା । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର ଉଦଘାଟନ କରିଥିଲେ। ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁ, ଓରମାସର ସିଇଓ ଶ୍ରୀମନ୍ତ ହୋତା, ବିଏମ୍-ଟିଡିସିସି ଅଜୟ ସାହୁ, ଡିପିଏମ୍-ଓଏଲ୍‌ଏମ୍ ସଞ୍ଜୟ କୁମାର ମହାପାତ୍ର, ଡିପିସି-ମିଶନ ଶକ୍ତି ଭାରତୀ ବେସ୍ରା, ଏଏଚ୍‌ଓ, ହସ୍ତତନ୍ତ ସୁପରଭାଇଜର ଓ ଡିପିସି-ଓଏଫ୍‌ଏସ୍ଡିପି ପ୍ରକଳ୍ପ ତୁଷାରକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ରେତା-ବିକ୍ରେତା ବୈଠକର ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ଉଦ୍ୟୋଗକୁ ସୁଦୃଢ଼ କରିବା, ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବା ଏବଂ ଉତ୍ପାଦକମାନଙ୍କୁ ସମ୍ଭାବ୍ୟ କ୍ରେତାଙ୍କ ସହ ଯୋଡ଼ି ଜୀବିକା ସୁଯୋଗ ବୃଦ୍ଧି କରିବା ।

## ରାଶିଫଳ

**ମେଷ :** ଦଶମ ଚନ୍ଦ୍ର ଏବଂ ରବି, ଚନ୍ଦ୍ର ଉଭୟଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଉନ୍ନତିମୂଳକ କର୍ମରେ ଅଧିକ ଧ୍ୟାନ ରହିବ ଏବଂ ମନରେ ଉଚ୍ଚାଭିଳାଷ ପ୍ରକାଶ ପାଇବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଯାହା ହେଲେ ମଧ୍ୟ ମନରେ ଆତ୍ମସନ୍ତୋଷ ଆତ୍ମତୃପ୍ତି ରହିବ ।

**ବୃଷ :** ନବମ ଚନ୍ଦ୍ର ଯୋଗୁ ମାନ, ସମ୍ମାନ ହାନି, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର ଏବଂ ନିଜର ପ୍ରିୟ ବନ୍ଧୁ କିମ୍ବା ପୁରାତନ ବନ୍ଧୁଙ୍କ ସହ ବିବାଦ କିମ୍ବା ତାଙ୍କଠାରୁ ଅପମାନ ମିଳିପାରେ । ମନ ଅସ୍ଥିର ବିଷାଦଗ୍ରସ୍ତ ରହିବ ।

**ମିଥୁନ :** ଅଷ୍ଟମ ଚନ୍ଦ୍ର, ଅମାବାସ୍ୟା ତିଥି ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟଠାରୁ ବ୍ୟୟ ଅଧିକ ହେବ ଏବଂ ଆର୍ଥିକ ସ୍ଥିତି ବିଗିଡ଼ିଯିବ ।

**କର୍କଟ :** ସପ୍ତମ ଚନ୍ଦ୍ର, ଘାତବାର ଏବଂ ଚନ୍ଦ୍ରଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଘାତବାରର ପ୍ରଭାବ ରହିବ ନାହିଁ । ମନରେ ପ୍ରସନ୍ନତା, ଦାମ୍ପତ୍ୟ ଜୀବନରେ ମଧୁରତା ଏବଂ ପରିଚିତ ମହିଳାଙ୍କଠାରୁ ସାହାଯ୍ୟ, ସହଯୋଗ ଓ ଧନ ମିଳିବ । ଆମୋଦପ୍ରମୋଦ, ମଉଜ ମଜଲିସ୍ ?ରେ ଅଧିକ ଆଗ୍ରହ ଏବଂ ପରିବାର ପ୍ରତି ଅଧିକ ଯତ୍ନବାନ ହେବେ ।

**ସିଂହ :** ଘାତବାର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ । ରୋଗ, ଋଣ, ଦୁଃଖ, ଶୋକ, କ୍ଳେଶ ଓ ଅବସାଦ ଲାଗି ରହିବ । ଅଯଥା ଖର୍ଚ୍ଚ, ବଦ୍‌ଖର୍ଚ୍ଚ ଓ ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବ ଏବଂ ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ ।

**କନ୍ୟା :** କୃଷ୍ଣପକ୍ଷର ପଞ୍ଚମ ଚନ୍ଦ୍ର, ସକାଳ ୮ଟା ୨୦ ମିନିଟ୍ ପରେ ଘାତ ନକ୍ଷତ୍ର ଯୋଗୁ ମାନ, ସମ୍ମାନ ହାନି, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର ଏବଂ ଇତର ଜନଠାରୁ ଅପମାନ ପାଇବେ । ସନ୍ତାନମାନେ ବିଶୃଙ୍ଖଳିତ ହେବେ ।

**ତୁଳା :** କୃଷ୍ଣପକ୍ଷର ଚତୁର୍ଥ ଚନ୍ଦ୍ର ଯୋଗୁ ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ଶୁଭଦୃଷ୍ଟିରେ ରହିବେ । ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଅନ୍ୟକୁ ଦେଇଥିବା ଧନ ଫେରିପାଇବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ବିଛା :** ତୃତୀୟ ଚନ୍ଦ୍ର ଏବଂ ରବି, ଚନ୍ଦ୍ର ଉଭୟଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି, ସ୍ୱଜନରେ ସୁସମ୍ପର୍କ ଏବଂ ଭାଇ, ଭଉଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ । ମନରେ ଉନ୍ନତ ଚିନ୍ତାଧାରା, ଉଚ୍ଚାଭିଳାଷ ଓ ଦୃଢ଼ ମନୋବଳ ବୃଦ୍ଧି ପାଇବ । ସୁଖବର, ସୁସମ୍ବାଦ ମିଳିବ ।

**ଧନୁ :** କୃଷ୍ଣପକ୍ଷର ଦ୍ୱିତୀୟ ଚନ୍ଦ୍ର ଯୋଗୁ ଧନକୁ ନେଇ ବିବାଦ ଓ ମାଲିମକଦ୍ଦମାରେ ପଡ଼ିପାରନ୍ତି । ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜିଯାଇପାରେ ଏବଂ ଆର୍ଥିକ ଠକାମିରେ ପଡ଼ିପାରନ୍ତି । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି ଦେଖାଦେବ ଏବଂ ଆର୍ଥିକ ସ୍ଥିତି ବିଗିଡ଼ିଯିବ ।

**ମକର :** ଶ୍ରୀଚନ୍ଦ୍ର ଏବଂ ଚନ୍ଦ୍ରଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଧନ, ମାନ, ସମ୍ମାନ, ସ୍ୱଜନରେ ସୁସମ୍ପର୍କ, ପରିବାରରେ ସୁଖଶାନ୍ତି ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ । ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି ଏବଂ ଦେହ, ମନ ସୁସ୍ଥ ରହିବ ।

**କୁମ୍ଭ :** ଦ୍ୱାଦଶ ଚନ୍ଦ୍ର ଯୋଗୁ ଅବବ୍ୟୟ, ଅପବାଦ, ଅପଯଶ ଓ ମାନସିକ ଅବସାଦରୁ ସାମୟିକ ମୁକ୍ତି ମିଳିବ । ଖର୍ଚ୍ଚ ପ୍ରତି ଅନାଗ୍ରହ ଓ ସଞ୍ଚୟ ପ୍ରତି ମନରେ ଆଗ୍ରହ ପ୍ରକାଶ ପାଇବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ମୀନ :** ଏକାଦଶ ଚନ୍ଦ୍ର ଏବଂ ରବି, ଚନ୍ଦ୍ର ଉଭୟଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଭାଗ୍ୟରେ, କର୍ମରେ ଓ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିବ ଏବଂ ଧନ, ସମ୍ପଦ, ପ୍ରାଚୁର୍ଯ୍ୟ, ପ୍ରତିପତ୍ତି ବୃଦ୍ଧି ପାଇବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ ନୂତନ ବ୍ୟବସାୟର ସୁଯୋଗ ଜୁଟିବ । କର୍ମରେ ସ୍ୱଳ୍ପ ପରିଶ୍ରମରେ ଅଧିକ ସଫଳତା ଓ ପ୍ରମୋଶନ ମିଳିପାରେ ।

# ମାତୃଭାଷା

କଟକ, ସୋମବାର, ମାର୍ଚ୍ଚ-୩୧, ୨୦୨୫ ପୃଷ୍ଠା: ୪


## ପଡୋଶୀଙ୍କ ଅବସ୍ଥା ବେହାଲ୍ - କିନ୍ତୁ ଦୃଢ ସ୍ଥିତିରେ ଭାରତ

ଆଜିକାଲି ଭାରତର ପଡ଼ୋଶୀ ଦେଶମାନଙ୍କର ପରିସ୍ଥିତି ବହୁତ ଗମ୍ଭୀର । ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନ ଗଭୀର ରାଜନୈତିକ ଏବଂ ଅର୍ଥନୈତିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଭାରତ ପ୍ରତ୍ୟେକ ଦୃଷ୍ଟିକୋଣରୁ ଦୃଢ଼ ସ୍ଥିତିରେ ଅଛି ।

ପାକିସ୍ତାନର ଅବସ୍ଥା ସବୁଠାରୁ ଖରାପ । ଏହାର ଅର୍ଥନୀତି ଭୁଶୁଡ଼ି ପଡିବା ଅବସ୍ଥାରେ । ଏପରି ସମୟରେ ବେଲୁଚିସ୍ତାନ ପ୍ରଦେଶରେ ବିଚ୍ଛିନ୍ନତାବାଦୀ ସ୍ୱର ତୀବ୍ର ହେବାରେ ଲାଗିଛି । ବାଲୁଚ୍ ଲିବରେସନ ଆର୍ମି (ବିଏଲ୍ଏ) ଭଳି ଉଗ୍ରବାଦୀ ସଂଗଠନଗୁଡ଼ିକ ସରକାରଙ୍କୁ ସିଧାସଳଖ ଚ୍ୟାଲେଞ୍ଜ କରୁଛନ୍ତି । ସୂଚନା ଅନୁଯାୟୀ ପାକିସ୍ତାନର ଏହି ସର୍ବବୃହତ ପ୍ରଦେଶରେ ଚୀନ୍ ବଡ଼ ପରିମାଣରେ ନିବେଶ କରିଛି । ଯଦି ଏହି ପ୍ରଦେଶରେ ହିଂସା ବୃଦ୍ଧି ପାଏ, ତେବେ ବେଜିଂ ତାର ପଦକ୍ଷେପ ପ୍ରତ୍ୟାହାର କରିପାରେ, ଯାହା ପାକିସ୍ତାନ ପାଇଁ ଏକ ବଡ଼ ଝଟକା ପ୍ରମାଣିତ ହେବ । ପାକିସ୍ତାନର ସିନ୍ଧ ପ୍ରଦେଶରେ ଜନସାଧାରଣଙ୍କ କ୍ରୋଧ ବଢିବା ଦେଖିବାକୁ ମିଳୁଛି । ଗତ କିଛି ଦିନ ଧରି ଏଠାରେ ଆନ୍ଦୋଳନ ପ୍ରଦର୍ଶନର ଧାରାବାହିକୀ ଚାଲିଛି । କୁହାଯାଉଛି ଯେ ଲୋକମାନେ ସିନ୍ଧୁ ନଦୀ ଉପରେ ନିର୍ମିତ ୬ ଟି କେନାଲ ପ୍ରକଳ୍ପକୁ ବିରୋଧ କରୁଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ଏହି କେନାଲଗୁଡ଼ିକ ସିନ୍ଧକୁ ସବୁଦିନ ପାଇଁ ତା'ର ପାଣିରୁ ବଞ୍ଚିତ କରିବ । ପାକିସ୍ତାନରେ ରାଜନୈତିକ ସ୍ତରରେ ହେଉଥିବା ଗତିବିଧି ଯୋଗୁ ଅର୍ଥନୀତି ମଧ୍ୟ ପ୍ରଭାବିତ ହେଉଛି । ଏସବୁରୁ ସବୁଠାରୁ ବଡ଼ ପ୍ରଶ୍ନ ଉଠିଛି ଯେ ପାକିସ୍ତାନ କ'ଣ ତାର ଅଖଣ୍ଡତାକୁ ରକ୍ଷା କରିପାରିବ ?

ଭାରତ ପାଇଁ ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ବାଂଲାଦେଶର ଅସ୍ଥିର ପରିସ୍ଥିତି । ଗତ ବର୍ଷ ଅଗଷ୍ଟରେ ଶେଖ୍ ହାସିନା କ୍ଷମତା ହରାଇବା ପରଠାରୁ ସେହି ଦେଶର ଗଣତାନ୍ତ୍ରିକ ସ୍ଥିତି ଭୁଶୁଡ଼ି ପଡ଼ିଛି । ସେଠାକାର ଅର୍ଥନୀତି ରସାତଳ ଆଡକୁ ମୁହାଁଇଛି । ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ବିଫଳ ହେଉଛି । ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ନିରନ୍ତର ଆକ୍ରମଣ ହେଉଛି ଏବଂ ଦେଶରେ ମୌଳବାଦୀ ଶକ୍ତିଗୁଡ଼ିକ ଶକ୍ତିଶାଳୀ ହେଉଛନ୍ତି । ମହିଳା ଏବଂ ଶିଶୁଙ୍କ ବିରୁଦ୍ଧରେ ଅପରାଧ ଉପରେ ଜାତିସଂଘ ସମେତ ଅନେକ ଅନ୍ତର୍ଜାତୀୟ ସଂଗଠନ ଚିନ୍ତା ପ୍ରକାଶ କରିଛନ୍ତି । ରାଜନୈତିକ ଅସ୍ଥିରତା ଯୋଗୁଁ ସୃଷ୍ଟି ହୋଇଥିବା ଅଶାନ୍ତି ଯୋଗୁ ବାଂଲାଦେଶରେ ଶିଳ୍ପଗୁଡ଼ିକ ବନ୍ଦ ହେବାରେ ଲାଗିଛି । ବାଂଲାଦେଶର ଆଭ୍ୟନ୍ତରୀଣ ପରିସ୍ଥିତିରୁ ଜଣାପଡୁଛି ଯେ ଏହାର ପରିସ୍ଥିତି ପାକିସ୍ତାନ ଅପେକ୍ଷା ଆହୁରି ଖରାପ ହେବାକୁ ଯାଉଛି ।

ଆଫଗାନିସ୍ତାନ ସହିତ ପାକିସ୍ତାନର ସମ୍ପର୍କ ସବୁଠାରୁ ଖରାପ ପର୍ଯ୍ୟାୟ ଦେଇ ଗତି କରୁଛି । ପାକ୍-ଆଫଗାନ ସୀମାରେ ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ । ପ୍ରାୟ ୨୬ ଦିନ ବନ୍ଦ ରହିବା ପରେ ଟୋରଖମ ସୀମା ନିକଟରେ ଖୋଲିଛି । ତଥାପି, ପରିସ୍ଥିତିରେ ଉନ୍ନତି ହେଉଥିବା ପରି ମନେ ହେଉନାହିଁ । ମାର୍ଚ୍ଚ ୨୪ ତାରିଖରେ ପାକିସ୍ତାନ ଦାବି କରିଥିଲା ଯେ ସେ ୧୬ ଜଣ ଆଫଗାନ ଅନୁପ୍ରବେଶକାରୀଙ୍କୁ ହତ୍ୟା କରିଛି । ଇସଲାମାବାଦର ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ତେହେରିକ୍-ଏ-ତାଲିବାନ୍ ପାକିସ୍ତାନ (ଟିଟିପି) ଦ୍ୱାରା ନିରନ୍ତର ଆକ୍ରମଣ ।

ଆଫଗାନିସ୍ତାନରେ ଲୋକମାନେ ମଧ୍ୟ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି,ବିଶେଷକରି ମହିଳାମାନେ । କିଛି ଦିନ ପୂର୍ବରୁ ୟୁନିସେଫ୍ କହିଥିଲା ଯେ ଆଫଗାନିସ୍ତାନରେ ନୂତନ ଶିକ୍ଷା ବର୍ଷ ଆରମ୍ଭ ହେବା ସହିତ ଝିଅମାନଙ୍କ ମାଧ୍ୟମିକ ଶିକ୍ଷା ଉପରେ ନିଷେଧ ଆରମ୍ଭ ହେବାର ତିନି ବର୍ଷ ପୂରଣ ହୋଇଛି । ଏହି ନିଷ୍ପତ୍ତି ଲକ୍ଷ ଲକ୍ଷ ଆଫଗାନ ଝିଅଙ୍କ ଭବିଷ୍ୟତକୁ କ୍ଷତି ପହଞ୍ଚାଉଛି । ୟୁନିସେଫ୍ ଅନୁଯାୟୀ ଆଫଗାନିସ୍ତାନରେ ଝିଅମାନଙ୍କ ଶିକ୍ଷା ଉପରେ କଟକଣା ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା, ଅର୍ଥନୀତି ଏବଂ ଦେଶର ଭବିଷ୍ୟତ ଉପରେ ନକାରାତ୍ମକ ପ୍ରଭାବ ପକାଉଛି । କମ୍ ଶିକ୍ଷାପ୍ରାପ୍ତ ଝିଅମାନଙ୍କଠାରେ ବାଲ୍ୟବିବାହର ଆଶଙ୍କା ଅଧିକ ଥାଏ, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଏହା ବ୍ୟତୀତ ଆଗକୁ ଦେଶରେ ଯୋଗ୍ୟ ମହିଳା ସ୍ୱାସ୍ଥ୍ୟ ଏବଂ ଶିକ୍ଷା କର୍ମଚାରୀଙ୍କ ଅଭାବ ମଧ୍ୟ ରହିବ ।

ଗତ କିଛି ବର୍ଷ ମଧ୍ୟରେ ଶ୍ରୀଲଙ୍କା ଗୁରୁତର ଆର୍ଥିକ ସଙ୍କଟ, ବିପୁଳ ଋଣଭାର, ଦେୟ ସନ୍ତୁଳନ ସଙ୍କଟ, ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଏବଂ ରାଜନୈତିକ ଅସ୍ଥିରତାର ସମ୍ମୁଖୀନ ହୋଇଛି । ବିଶେଷଜ୍ଞଙ୍କ ମତରେ ଶ୍ରୀଲଙ୍କା ଏହାର ସବୁଠାରୁ ଖରାପ ଆର୍ଥିକ ସଙ୍କଟରୁ ମୁକୁଳିବାକୁ ଚେଷ୍ଟା କରୁଛି, କିନ୍ତୁ ଏହା ଦେଖାଯାଉଛି ଯେ ଏହାର ଚ୍ୟାଲେଞ୍ଜଗୁଡ଼ିକ ହ୍ରାସ ପାଉନାହିଁ । ସେ ଚୀନର ସହଯୋଗିତା ନେଇ ଖୁସି ନୁହେଁ । ଏପରି ସମୟରେ ଶ୍ରୀଲଙ୍କାକୁ ସାହାଯ୍ୟ କରିବା ଚୀନ୍ ପାଇଁ ମଧ୍ୟ ଏକ ବୋଝ ହୋଇପଡୁଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶ୍ରୀଲଙ୍କାର ବାହ୍ୟ ଋଣ ପୁନର୍ଗଠନ ଯୋଗୁଁ ଚୀନ ପ୍ରାୟ ୭ ବିଲିୟନ ଆମେରିକୀୟ ଡଲାର ହରାଇଛି । ରାଜନୈତିକ ସ୍ତରରେ ମଧ୍ୟ ଶ୍ରୀଲଙ୍କାରେ ଚୀନ୍ ବିରୋଧରେ ପ୍ରତିବାଦ ଦେଖିବାକୁମିଳୁଛି । ଏହି ପ୍ରତିବାଦ ଯୋଗୁ ଶ୍ରୀଲଙ୍କାର ଅର୍ଥନୀତି ମଧ୍ୟ ପ୍ରଭାବିତ ହେଉଛି ।

ଏସବୁ ମଧ୍ୟରେ ଯଦି ଆମେ ଭାରତ ଉପରେ ଦୃଷ୍ଟିପାତ କରିବା, ତେବେ ଦେଶର ଆଭ୍ୟନ୍ତରୀଣ ଶାନ୍ତି, ସୁରକ୍ଷିତ ସୀମା, ଅର୍ଥନୈତିକ କ୍ଷେତ୍ରରେ ନିରନ୍ତର ସଫଳତା, ଉତ୍କୃଷ୍ଟ ଗଣତାନ୍ତ୍ରିକ ପ୍ରକ୍ରିୟା, ଦୃଢ଼ ସାମ୍ବିଧାନିକ ପ୍ରତିଷ୍ଠାନ, ବିଶ୍ୱ ନେତୃତ୍ୱ ଏବଂ ସ୍ୱାଧୀନ ବୈଦେଶିକ ନୀତି ହେଉଛି ଏହାର ସଫଳତାର ଫଳାଫଳ । ଭାରତର ଦକ୍ଷ ନେତୃତ୍ୱ ତା'ର ବୈଦେଶିକ ନୀତିକୁ ଏପରି ପରିବର୍ତ୍ତନ କରିଛି ଯେ ଚୀନ୍, ଯିଏ ସବୁବେଳେ ଭାରତକୁ ପ୍ରତ୍ୟେକ କ୍ଷେତ୍ରରେ ନିଜର ଶକ୍ତି ଦେଖାଇବାକୁ ଚେଷ୍ଟା କରୁଥିଲା, ଏବେ ବିଶ୍ୱ ସ୍ତରରେ ଭାରତର ବଢୁଥିବା ଶକ୍ତି ଏବଂ ପ୍ରାଧାନ୍ୟକୁ ଦୃଷ୍ଟିରେ ରଖି ଭାରତର ବିଶ୍ୱ ନେତୃତ୍ୱକୁ କିପରି ଅଟକାଇବ ତାହା ବୁଝିପାରୁନାହିଁ । ଭାରତର ପଡ଼ୋଶୀମାନଙ୍କ ପ୍ରତି ଚୀନ୍‌ର ନୀତି ଆଜି ତା' ପାଇଁ କ୍ଷତିକାରକ ପ୍ରମାଣିତ ହେଉଛି । ଅନ୍ତର୍ଜାତୀୟ ରାଜନୀତିର ପ୍ରାୟ ସମସ୍ତ ବିଶେଷଜ୍ଞ ଏବଂ ବିଶ୍ୱର ପ୍ରମୁଖ ନେତାମାନେ ମଧ୍ୟ ସ୍ୱୀକାର କରିଛନ୍ତି ଯେ ଭବିଷ୍ୟତରେ ଭାରତର ସଫଳତା ଧାରା ଆହୁରି ବୃଦ୍ଧି ପାଇବ ।

## ବିଞ୍ଜ୍ ୱାଚିଂ

*ଡାକ୍ତର ସମ୍ରାଟ କର*

ସେଦିନ ସକାଳୁ ସକାଳୁ ବଡ଼ ପାଟି କରି କ୍ଲିନିଂ ଭିତରକୁ ପଶିଆସିଲେ ଦାମୋଦର ମଉସା । ସେ ଭାରି ବ୍ୟସ୍ତ ଥାଆନ୍ତି, ତାଙ୍କ ନାତି ଅମିତେଶକୁ ନେଇ । ସେ ଘଣ୍ଟା ଘଣ୍ଟା ଧରି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଟିଭି ଦେଖି ଶୋଇଲା ବେଳକୁ ସକାଳ ହୋଇଯାଉଛି । ମୁଁ ତାଙ୍କୁ ବୁଝାଇ କହିଲା ଆପଣ ନିଶ୍ଚିତ ଭାବରେ ଏମ ଡ୍ରଗ୍ସ ବା ନିଶା ଔଷଧ ବିଷୟରେ ଶୁଣିଥିବେ ଯାହାର ପ୍ରଭାବ ଶରୀରରେ ୪୮ଘଣ୍ଟା ରହିଥାଏ ଏବଂ ଲକ୍ଷ ଲକ୍ଷ ଲୋକ ଏହାର ଶିକାର ହେଉଛନ୍ତି । କିନ୍ତୁ ଆଜିକାଲି ଲୋକମାନେ ହଲିଉଡ-ବଲିଉଡ ଦ୍ୱାରା ପରିବେଷିତ ଏକ ନୂଆ ନିଶାର ଶିକାର ହେଉଛନ୍ତି ତାହା ହେଉଛି ଓଟିଟି ପ୍ଲାଟଫର୍ମରେ ୱେବ ସିରିଜ ଦେଖିବାର ନିଶା । ଏହି ନିଶାକୁ ବିଞ୍ଜ୍ ୱାଚିଂ ମଧ୍ୟ କୁହାଯାଉଛି । ଏଥିରେ ଜଣେ ବ୍ୟକ୍ତି ଥରେ ୱେବସିରିଜ ଦେଖିବା ଆରମ୍ଭ କଲେ କ୍ଲାଇମ୍ୟାକ୍ସ ନ ଆସିବା ପର୍ଯ୍ୟନ୍ତ, ମୋବାଇଲ କିମ୍ବା ଟିଭି ସ୍କ୍ରିନରୁ ଆଖି ହଟାଏ ନାହିଁ । କ୍ରମାଗତ ଆଠଘଣ୍ଟା ପର୍ଯ୍ୟନ୍ତ ୱେବସିରିଜ ଦେଖିବାକୁ ଡ୍ରଗ୍ସ ଆଡିକ୍ସନ ଭଳି ହୋଇଥାଏ ।

**ଏହି କାରଣରୁ ବଢୁଛି ବିଞ୍ଜ ୱାଚିଂ :** ମୋବାଇଲ ଯୋଗୁଁ ପ୍ରତ୍ୟେକ ବୟସ ବର୍ଗର ଲୋକଙ୍କ ଠାରେ ଓଟିଟି ପ୍ଲାଟଫର୍ମ ପହଞ୍ଚି ପାରୁଛି । ହାଇସ୍ପିଡ ଇଣ୍ଟରନେଟ କନେକ୍ସନ, ବ୍ରଡବ୍ୟାଣ୍ଡ, ଶସ୍ତା ଡାଟା ଶୁଳ୍କ, କମ ମୂଲ୍ୟରେ ଓଟିଟି ପ୍ଲାଟଫର୍ମର ସବସ୍କ୍ରିପସନ ଉପଲବ୍ଧ ହେବା, ୟୁଜରଙ୍କ ମନ ମୁତାବକ କଣ୍ଟେଣ୍ଟ ଯୋଗାଇବା ଇତ୍ୟାଦି କାରଣ ଯୋଗୁ ବିଞ୍ଜ ୱାଚିଂ ବୃଦ୍ଧି ପାଉଛି । ଏଥିସହିତ ଓଟିଟି ପ୍ଲାଟଫର୍ମ ଉପଭୋକ୍ତାଙ୍କୁ ବିନା କମର୍ସିଆଲ ବ୍ରେକରେ ସୁବିଧାଜନକ ସମୟରେ ସେମାନଙ୍କ ମନ ପସନ୍ଦର ଶୋ ଦେଖିବାର ସ୍ୱାଧୀନତା ଦେଉଛି । ଯେଉଁ କାରଣରୁ ଯୁବଗୋଷ୍ଠୀ ସେମାନଙ୍କର ସମୟ ଏଥିରେ ଅତିବାହିତ କରୁଛନ୍ତି ।

**ଡ୍ରଗ୍ସ ଭଳି ନିଶା :** ଡାକ୍ତରୀ ଭାଷାରେ କହିବାକୁ ଗଲେ ବିଞ୍ଜ ୱାଚିଂ ନିଶା ଆମ ମସ୍ତିଷ୍କରେ ଡୋପାମାଇନ ଛାଡ଼ିଥାଏ । ଏହା ଏକ ପ୍ରକାରର ହାପି ହର୍ମୋନ, ଯାହା ଶରୀର ଏବଂ ମସ୍ତିଷ୍କକୁ କ୍ରମାଗତ ୱେବ ସିରିଜ ଦେଖିବାକୁ ପ୍ରେରିତ କରେ । ଡ୍ରଗ୍ସ ଏବଂ ଅନ୍ୟାନ୍ୟ ନିଶା ସେବନ ସମୟରେ ଯେଉଁଭଳି ଅନୁଭବ ହୁଏ, ଏଥିରେ ମଧ୍ୟ ଜଣେ ବ୍ୟକ୍ତି ଠିକ ସେହିଭଳି ଅନୁଭବ କରେ । ତେବେ ସରଳ ଭାଷାରେ କହିବାକୁ ଗଲେ ଜଣେ ବ୍ୟକ୍ତି କୌତୁହଳ କାରଣରୁ ପ୍ରଥମର ଥର ଲାଗି ଡ୍ରଗ୍ସ ସେବନ କରେ । ଧୀରେ ଧୀରେ ଏହା ତାର ଅଭ୍ୟାସରେ ପରିଣତ ହୋଇଯାଏ ଏବଂ ତାର ଆଖପାଖର ଲୋକଙ୍କୁ ସେ ନିଜ ଠାରୁ ଭିନ୍ନ ବୋଲି ଅନୁଭବ କରେ । ଡ୍ରଗ୍ସ ବ୍ୟତୀତ ଅନ୍ୟ କୌଣସି ଜିନିଷ କିମ୍ବା ବ୍ୟକ୍ତି ତାକୁ ଖୁସି କରିପାରନ୍ତି ନାହିଁ । ବିଞ୍ଜ ୱାଚିଂ ମଧ୍ୟ ଠିକ ସେହିଭଳି ପ୍ରଥମେ ସଉକ କିମ୍ବା ସମୟ ଅତିବାହିତ କରିବା ଲାଗି ଜଣେ ବ୍ୟକ୍ତି ୱେବସିରିଜ ଦେଖିବା ଆରମ୍ଭ କରେ । କିନ୍ତୁ ଗୋଟିଏ ଏପିସୋଡ଼ ଶେଷ ହେବାପରେ ଦ୍ୱିତୀୟ ପରେ ତୃତୀୟ ଏପରିକି କ୍ଲାଇମାକ୍ସ ନ ଆସିବା ପର୍ଯ୍ୟନ୍ତ ସେ ପରଦାରୁ ଆଖି ହଟାଇପାରେନାହିଁ ।

**ସ୍ୱାସ୍ଥ୍ୟ ପ୍ରତି ବିପଦ :** ବିଞ୍ଜ ୱାଚିଂ ପ୍ରାରମ୍ଭରେ ଛୋଟମୋଟ ସମସ୍ୟା ସୃଷ୍ଟି କରେ ଏବଂ ଧୀରେ ଧୀରେ ଏହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରେ । ପ୍ରାରମ୍ଭରେ ମାନସିକ ସ୍ତରରେ ଥକ୍କାପଣ ଅନୁଭବ ହୁଏ । କ୍ରମାଗତ ଭାବରେ ଗୋଟିଏ ଲୟରେ ମୋବାଇଲ ସ୍କ୍ରିନ ଦେଖିବା ଦ୍ୱାରା ଆଖି ଖରାପ ହୋଇଥାଏ । ଶୋଇବାରେ ଅସୁବିଧା ହୋଇଥାଏ, ଅର୍ଥାତ୍ ଯେତେବେଳେ ଶୋଇବାକୁ ଚାହିଁବେ ସେତେବେଳେ ନିଦ ଆସିନଥାଏ । ମୋବାଇଲ ବନ୍ଦ କରିବାକୁ କି ନଦେଖିବାକୁ କହିଲେ ରାଗିଯିବା ଏବଂ ସେହି ବ୍ୟକ୍ତିଙ୍କ ସହ ଝଗଡ଼ା କରିବାକୁ ଇଚ୍ଛା ହୁଏ । ବିଞ୍ଜ ୱାଚିଂ ଯୋଗୁଁ ଓଜନ ମଧ୍ୟ ବୃଦ୍ଧି ପାଇଥାଏ । ଏହାଦ୍ୱାରା ଜଣେ ବ୍ୟକ୍ତି ଅଳସୁଆ ହୋଇଯାଆନ୍ତି ଏବଂ ଶାରୀରିକ ବ୍ୟାୟାମ କରିବାକୁ ଇଚ୍ଛା କରନ୍ତି ନାହିଁ ।

**ଏହି ନିଶାଠାରୁ କିଭଳି ଦୂରରେ ରହିବେ :** ସାଇକୋଲୋଜିଷ୍ଟଙ୍କ ଅନୁଯାୟୀ, ୱେବ ସିରିଜ ଦେଖିବାର ସମୟ ସୀମିତ କିମ୍ବା ନିର୍ଦ୍ଧାରିତ କରିବାକୁ ପଡ଼ିବ । ପ୍ରତିଦିନ ଦୁଇଘଣ୍ଟାରୁ ଅଧିକ ସମୟ ୱେବ ସିରିଜ ଦେଖିବାରେ ଅତିବାହିତ କରିବା ଉଚିତ ନୁହେଁ । ଛାତ୍ର ହୋଇଥିଲେ ଅଧ୍ୟୟନ ନଚେତ ଚାକିରି କ୍ଷେତ୍ରରେ ନିଜର ମନଧ୍ୟାନ ଲଗାଇବାକୁ ପ୍ରୟାସ କରିବା ଉଚିତ । ପରିବାର କିମ୍ବା ସାଙ୍ଗମାନଙ୍କ ସହିତ ସମୟ ଅତିବାହିତ କରିବା ଉଚିତ । ସକାଳ ଏବଂ ସନ୍ଧ୍ୟା ସମୟରେ ଚାଲିବା କିମ୍ବା ଖେଳିବା ସମୟ ସ୍ଥିର କରାଯିବା ଉଚିତ । ଏଥିପାଇଁ ଯଦି ଚିଡ଼ଚିଡା ସ୍ୱଭାବ ଏବଂ ଝଗଡ଼ା କରିବାର ମନୋବୃତ୍ତି ବଢୁଛି ତେବେ ତୁରନ୍ତ ସାଇକୋଲୋଜିଷ୍ଟ କିମ୍ବା ସାଇକାଏଟ୍ରିସ୍‌ଙ୍କ ଠାରୁ ପରାମର୍ଶ ନିଆଯିବା ଉଚିତ ।


*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ୯୧୩୨୪୩୩୩୩୩*


## ସ୍ନେହ, ସୌହାର୍ଦ୍ଦ ଓ ସଦ୍ଭାବନାର ପର୍ବ - ଇଦୁଲ୍ ଫିତର

**ମୌଲାନା ଫଜଲ ହକ ଖାନ୍**

ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ସାମ୍ପ୍ରଦାୟିକ ସ୍ନେହ, ସୌହାର୍ଦ୍ଦ ଓ ସଦ୍‌ଭାବନା ଯୋଗୁଁ ଆମ ଦେଶ ବିଶ୍ୱରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି । ପ୍ରତ୍ୟେକ ଧର୍ମ, ସମ୍ପ୍ରଦାୟ ଏବଂ ଜାତିରେ ଭିନ୍ନ ଭିନ୍ନ ପର୍ବ ପର୍ବାଣୀ ପାଳିତ ହୋଇଥାଏ । ଆମେ ଭାରତ ବାସୀ ସମସ୍ତେ ଏକତ୍ର ହୋଇ ସକଳ ଧର୍ମର ପର୍ବପର୍ବାଣୀକୁ ହର୍ଷ ଉଲ୍ଲାସର ସହିତ ପାଳନ କରିଥାଉ । ପ୍ରତ୍ୟେକ ପର୍ବପର୍ବାଣୀରେ ସମାଜ ପାଇଁ ଏକ ଶୁଭ ବାର୍ତ୍ତା ଦିଆ ଯାଇଥାଏ । ଇଦୁଲ ଫିତର ପର୍ବ ମଧ୍ୟ ରମଜାନ ମାସର ଘୋର ତପସ୍ୟା, ତ୍ୟାଗ ଏବଂ ବ୍ରତ ପରେ ପ୍ରାପ୍ତ ହୋଇଥାଏ । ଏହା ସମାଜରେ ସ୍ନେହ, ସୌହାର୍ଦ୍ଦ ତଥା ଭାଇଚାରା ଆଣିଥାଏ । ଚତୁର୍ଦ୍ଦିଗରେ ଶୁଖ, ଶାନ୍ତି ଓ ସମନ୍ୱୟତାର ବାତାବରଣ ସୃଷ୍ଟି କରିଥାଏ । ଏ ପର୍ବ ଖାଇବାର ଏବଂ ଖୁଆଇବାର ପର୍ବ ହୋଇଥାଏ । ସେବା ଓ ସାହାଯ୍ୟର ପର୍ବ ହୋଇଥାଏ । ଗରିବର ଦୁଃଖକୁ ବୁଝିବାର ପର୍ବ ହୋଇଥାଏ । ପଡ଼ୋଶୀ ସହ ସହାନୁଭୂତି କରିବାର ପର୍ବ ହୋଇଥାଏ । ପରକୁ ନିଜର କରିନେବାର ପର୍ବ ହୋଇଥାଏ । ଘୃଣା, ଦ୍ୱେଷ, ମନମାଳିନତାକୁ ଭୁଲାଇ ଆଲିଙ୍ଗନ କରିନେବାର ପର୍ବ ହୋଇଥାଏ । ଶତ୍ରୁକୁ ମିତ୍ର କରିନେବାର ପର୍ବ ହୋଇଥାଏ । ଶାନ୍ତିରେ ରହି ଅନ୍ୟକୁ ଶାନ୍ତିରେ ରହିବାକୁ ଦେବାର ପର୍ବ ହୋଇଥାଏ । ଅନୈତିକତା, ଅମାନୁଷିକତା, ଅସଭ୍ୟତା ତଥା କୁକର୍ମ ଉପରେ ବିଜୟୀ ହେବାର ପର୍ବ ହୋଇଥାଏ । ମାନବ ସେବା ହିଁ ମାଧବ ସେବା ବୋଲି ଜାଣିନେବାର ପର୍ବ ହୋଇଥାଏ । ପ୍ରଭୁଙ୍କ ଛାମୁରେ ନିଜକୁ ସମର୍ପଣ କରିଦେବାର ପର୍ବ ହୋଇଥାଏ । ଖାରାପ ଦେଖିବି ନାହିଁ, ଖରାପ କହିବି ନାହିଁ, ଖରାପ ଶୁଣିବି ନାହିଁ ଏବଂ ଖରାପ କାମ କରିବି ନାହିଁର ଶିକ୍ଷାକୁ ଗ୍ରହଣ କରି ନେବାର ପର୍ବ ହୋଇଥାଏ । ପରିଶେଷରେ ଭଲ ମଣିଷଟିଏ ହୋଇ ପରମାତ୍ମାଙ୍କ ଠାରୁ ପରମାନନ୍ଦ ଲାଭ କରିବାର ପର୍ବ ହୋଇଥାଏ ।

ଏହି ଇଦ ପର୍ବରେ କୁନି କୁନି ପିଲାମାନେ ରଂଗ ବିରଂଗ ପୋଷାକରେ ସାଜ ସଜା ହୋଇ ତଥା ଘରର ବୟସ୍କରମାନେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରି ସୁଗନ୍ଧ ଓ ସୁବାସିତ ଅତର ଲଗାଇ ଅଲ୍ଲାଙ୍କ ମହାନତାର ଗୁଣଗାନ କରି ଇଦ ନମାଜ ପଢିବାକୁ ଯାଇଥାନ୍ତି । ଧର୍ମଗୁରୁ ବିଶେଷ ନମାଜ ଇଦୁଲ୍ ଫିତର ପାଠ କରାଇ ଉପସ୍ଥିତ ସଭାସଜନ ମଣ୍ଡଳିଙ୍କୁ ବିଶ୍ୱଶାନ୍ତି, ଭାଇଚାରା, ମାନବ କଲ୍ୟାଣ କାର୍ଯ୍ୟ କରିବା ତଥା ଦେଶରେ ଏକତା, ଅଖଣ୍ଡତା କାୟମ କରିବା କ୍ଷେତ୍ରରେ ଶାସକଙ୍କ ସହ ସହଯୋଗ କରିବାର ଉପଦେଶ ଦେଇଥାନ୍ତି ।



ପରିଶେଷରେ ସକଳ ଜଗତବାସୀଙ୍କ ମଙ୍ଗଳ କାମନା ପାଇଁ ନିରବ ପ୍ରାର୍ଥନା କରାଯାଇଥାଏ । ଘରକୁ ଫେରି ବନ୍ଧୁ ମିଳନ କରାଯାଇଥାଏ । ଜଣେ ଅନ୍ୟ ଜଣକୁ ଆନ୍ତରୀକତା ସହ ସହୃଦୟରେ ଆଲିଙ୍ଗନ କରି, ଇଦ୍ ଶୁଭେଚ୍ଛା ଜଣାଇଥାନ୍ତି ।

ଆମ ଦେଶରେ ଧର୍ମକୁ କେନ୍ଦ୍ରକରି ଅନେକ ଗୋଷ୍ଠୀ ଗଠିତ ଶକ୍ତି ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛନ୍ତି । ଏଥିରେ କିଛି ମୁଷ୍ଟିମେୟ ଲୋକମାନଙ୍କର ରାଜନୈତିକ ଫାଇଦା ହାସଲ ହୁଏ ସତ, ମାତ୍ର ଜନ ସାଧାରଣଙ୍କର ଅନେକ କ୍ଷୟ କ୍ଷତି ଘଟିଥାଏ । ଘୃଣା ଓ ଅରାଜକତାର ବାତାବରଣ ମଧ୍ୟରେ, ଧର୍ମ ଧର୍ମ ମଧ୍ୟରେ ଘୃଣାର ପ୍ରାଚୀର ଛିଡ଼ା ହୁଏ । ସେହି ଲୋକମାନଙ୍କୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ଅବଗତ କରାଇ କୁହନ୍ତି; ହେ ଦେଶବାସୀ ! ଆପଣା ମଧ୍ୟରେ ସନ୍ଧି ସ୍ଥାପନ କରି ନିଅ ଏବଂ ତୁମ ମଧ୍ୟରୁ ଯେଉଁ ଧର୍ମ ଓ ଜାତି ଏହି ସୌହାର୍ଦ୍ଦ ମୂଳକ ସନ୍ଧି କ୍ଷେତ୍ରରେ ବାଧା ଉପୁଯାଇବାକୁ ଉଦ୍ୟମ କରୁଥାଏ, ସେ ତାହା କରିବାକୁ କ୍ଷାନ୍ତ ରହୁ; ନଚେତ୍ ନିଜ କୃତ ଦୁଷ୍କର୍ମ ଓ ଶତୃତା ଆଚରିତ ସମସ୍ତ ପାପ ସେହି ଜାତିର ବେକ ଉପରେ ହିଁ ପଡ଼ିବ । ଏହା କାହାରିକୁ ଅଜଣା ନୁହେଁ ଯେ ଏକତା ଏପରି ଏକ ଶକ୍ତି ଯେ ଯେଉଁ ବିପଦ ଓ ଅସୁବିଧା ଗୁଡ଼ିକୁ ଅନ୍ୟ କୌଣସି ଉପାୟରେ ସମାଧାନ କରାଯାଇ ପାରିନଥାଏ, ତାହା ଏକତା ଦ୍ୱାରା ହିଁ ସହଜରେ ସମାହିତ ହୋଇଥାଏ । ଏକତାର ଆଶୀର୍ବାଦରୁ ନିଜକୁ ଦୂରେଇ ରଖିବା କୌଣସି ବିଜ୍ଞ ବ୍ୟକ୍ତିର କାର୍ଯ୍ୟ ନୁହେଁ । ଯଦି ଗୋଟିଏ ଜାତି ଅନ୍ୟ ଜାତିକୁ କେବଳ ନିଜ ଆତ୍ମ ବଡ଼ିମା ଓ ଆତ୍ମ ଗାରିମା ହେତୁ ଘୃଣା ଚକ୍ଷୁରେ ଦେଖେ, ତେବେ ସେ ମଧ୍ୟ ଦିନେ ଅନ୍ୟମାନଙ୍କର ଘୃଣାର ପାତ୍ର ହେବ । ଆଉ ସେମାନଙ୍କ ମଧ୍ୟରୁ ଯଦି କେହି ନିଜ ପଡ଼ୋଶୀଙ୍କୁ ସାହାଯ୍ୟ, ସହାନୁଭୂତି ଦେବାରେ ଅବହେଳା କରେ, ତେବେ ତାର ଏହି କାର୍ଯ୍ୟ ଦ୍ୱାରା ସେ ନିଜେ ହିଁ କ୍ଷତି ଗ୍ରସ୍ତ ହେବ । ଯଦି କେହି ତୁମ ମଧ୍ୟରୁ କୌଣସି ଗୋଟିକୁ ଲୋପ କରିବା ପାଇଁ ଚେଷ୍ଟା କରୁଥାଏ, ତେବେ ସେ ସେହି ବ୍ୟକ୍ତି ପରି, ଯିଏ କି ଯେଉଁ ଡ଼ାଳରେ ବସିଥାଏ, ସେହି ଡ଼ାଳକୁ ହିଁ ହାଣିବାରେ ଲାଗିଥାଏ ।

ଯଦି ବାସ୍ତବିକ ରୂପେ ନିଜ ଦେଶର ବିକାଶ ତଥା ସମୃଦ୍ଧିରେ ଅଗ୍ରସର ହେବାକୁ ଚାହୁଁଛନ୍ତି, ତା ହେଲେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦେଶପ୍ରେମୀକୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକଙ୍କ ଦ୍ୱାରା ପ୍ରଣୀତ ବିଚାର ଧାରାକୁ ଆପଣେଇବାକୁ ହେବ । ଅହମଦୀୟା ମୁସଲିମ ସଂପ୍ରଦାୟର ୪ର୍ଥ ଖଲିଫା କୁହନ୍ତି; ଈଶ୍ୱର ଭାରତ ବର୍ଷରେ ଶାନ୍ତି ବିରାଜିତ କରନ୍ତୁ । ଦେଶରେ ଘୃଣା ଓ ହିଂସାର ଯେଉଁ ଲହର ସୃଷ୍ଟି କରାଯାଇଛି ଏବଂ ଜଣେ ଭାରତୀୟ ଅନ୍ୟ ଜଣେ ଭାରତୀୟ ଭାଇର ଯେପରି ରକ୍ତ ପିପାସୁ ସାଜିଛି, ଈଶ୍ୱର ସେହି ସବୁ ଉପଦ୍ରବକୁ ଦୂରକରି ଦିଅନ୍ତୁ । ସମସ୍ତ ଭାରତୀୟଙ୍କୁ ମାନବିୟ ଆଦର୍ଶରେ ଅନୁପ୍ରାଣିତ ହୋଇ,ଏକଜୁଟ ହୋଇ ରହିବାର ସାମର୍ଥ ପ୍ରଦାନ କରନ୍ତୁ । ମନେରଖ ! ଯେଉଁ ବ୍ୟକ୍ତି ମାନବ ଜାତି ସହ ପ୍ରେମ କରେ ନାହିଁ, ସେ ସୃଷ୍ଟିକର୍ତ୍ତାଙ୍କୁ ମଧ୍ୟ ପ୍ରେମ କରେ ନାହିଁ । ରମଜାନ ଆମକୁ ସ୍ନେହ, ସୌହାର୍ଦ୍ଦ, ସମ୍ମାନ, ଭାତୃଭାବ, ତ୍ୟାଗ ଓ ମୈତ୍ରୀତାର ଉଚିତ୍ ଶିକ୍ଷା ଦେବାକୁ ଆସିଥାଏ । ଆସନ୍ତୁ ଆମେ ଏହି ପଙ୍କ୍ତିର ପ୍ରକୃତ ମର୍ମକୁ ବୁଝି ଭାରତମାତାର ଟେକ ବଜାୟ ରଖିବା । '' ହିନ୍ଦ, ମୁସଲିମ, ଶିଖ, ଇସାଇ ହମ୍ ସବ୍ ହେଁ ଭାଇ ଭାଇ / ଭାଇକୋ ହେ ଭାଇ ପ୍ୟାରା ଐସା ୱତନ୍ ରହେ ହମାରା !'' ଖୁଦା ହାଫିଜ୍ । ସବ୍‌କୋ ଇଦ୍ ମୁବାରକ୍ ।


**ମଙ୍ଗଳାବାଗ-କଟକ, ୯୬୯୨୨୨୫୦୫୭**


## ଭାରତର ପ୍ରଥମ ମହିଳା ଡାକ୍ତର : ଡାକ୍ତର ଆନନ୍ଦୀବାଇ ଯୋଶୀ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ପିଲାବେଳୁ ଥିଲେ କଠିନ ଅଧ୍ୟବସାୟ ସମ୍ପନ୍ନ । ତତ୍କାଳୀନ ସମୟରେ ବାଲ୍ୟ ବିବାହର ଜନସ୍ରୋତ ଓ ନାରୀ ଶିକ୍ଷାର ବିରୋଧାଭାଷ ଭିତରେ ପରିବାର ଓ ସମାଜର ସମସ୍ତ ପ୍ରତିକୂଳତାକୁ ଅତିକ୍ରମ କରି ଭାରତର ପ୍ରଥମ ମହିଳା ଡାକ୍ତରାଣୀ ଭାବେ ଯେ ଇତିହାସର ସ୍ୱର୍ଣ୍ଣାକ୍ଷରରେ ନିଜ ନାମକୁ ଲିପିବଦ୍ଧ କରିଛନ୍ତି ସେ ହେଉଛନ୍ତି ଡାକ୍ତର ଆନନ୍ଦୀବାଇ ଯୋଶୀ । ମୁମ୍ବାଇର କଲ୍ୟାଣରେ ୧୮୬୫ ମସିହା ମାର୍ଚ୍ଚ ୩୧ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ପିଲାବେଳୁ ତାଙ୍କ ଡାକ ନାମ ଥିଲା ଯମୁନା । ମାତ୍ର ନଅ ବର୍ଷ ବୟସରେ ସେ ଦାମ୍ପତ୍ୟ ଜୀବନ ଆରମ୍ଭ କରିଥିଲେ ଗୋପାଳ ରାଓ ଯୋଶୀଙ୍କ ସହ । ଜଣେ ସମାଜ ସଂସ୍କାରକ ତଥା ସମାଜସେବୀ ଭାବରେ ଗୋପାଳ ରାଓଙ୍କର ପରିଚିତ ଥିଲା । ସେ ଥିଲେ ନାରୀଶିକ୍ଷା, ବିଧବା ବିବାହର ଜଣେ ପ୍ରମୁଖ ସମର୍ଥକ । ବିବାହ ପରେ ସେ ଯମୁନା ନାମକୁ ପରିବର୍ତ୍ତନ କରିଥିଲେ ଆନନ୍ଦୀ ନାମରେ । ସ୍ୱାମୀସ୍ତ୍ରୀ ଦୁଇଜଣ ସମାଜ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେବା ପରେ ସମାଜର ଦୃଢ଼ ବିରୋଧାଭାସ ହେବାରୁ ଦୁଇଜଣ କଲ୍ୟାଣ ଜାଗା ଛାଡ଼ି ଆଲିବାଗ ପରେ କୋହ୍ଲାପୁର ଓ ସେଠାରୁ କୋଲକାତାରେ ତାଙ୍କୁ ପହଞ୍ଚିବାକୁ ପଡ଼ିଲା । ତତ୍କାଳୀନ ସମୟରେ ଭାରତରେ ମହିଳା ଡାକ୍ତର ନଥିବାରୁ ଏବଂ ପୁରୁଷ ଡାକ୍ତରମାନଙ୍କ ପାଖକୁ ମହିଳାମାନେ ଯିବାକୁ ଅନିଚ୍ଛୁକ ଥିବାରୁ ଆନନ୍ଦୀବାଇ ଜଣେ ମହିଳା ଡାକ୍ତର ହେବା ପାଇଁ ସ୍ୱପ୍ନ ଦେଖିଥିଲେ । ଭାରତ ବାହାରେ ଡାକ୍ତରୀ ପାଠ ପଢ଼ିବା ପାଇଁ ତାଙ୍କୁ ଆମେରିକାର ନ୍ୟୁଜର୍ସିରେ ରହୁଥିବା ଶ୍ରୀମତୀ କାର୍ପେଣ୍ଟରଙ୍କ ସହଯୋଗରେ ୧୮୮୩ ଜୁନ୍‌ରେ ସେଠାର ଫିଲାଡେଲଫିଆର ମହିଳା କଲେଜରେ ତାଙ୍କ ନାମ ଲେଖା ହେଲା । ସ୍ଥାନୀୟ କଲେଜର କର୍ତ୍ତୃପକ୍ଷ ଆନନ୍ଦୀବାଇଙ୍କ ପାଇଁ ଦୟାପରବଶ ହୋଇ ତିନିବର୍ଷ ପାଇଁ ଛଅ ଶହ ଡଲାର ଲେଖାଏଁ ବୃତ୍ତି ଅନୁମୋଦନ କରିଥିଲେ ।

ସୁଦୂର ଆମେରିକାର ଜଳବାୟୁ ତାଙ୍କ ସ୍ୱାସ୍ଥ୍ୟକୁ ଅବନତି କରାଇ ତିନିବର୍ଷ ବେଳକୁ ଅତିଶୟ ଖରାପ କରିଦେଇଥିଲା । ସେହି ଦୀର୍ଘ ଅସୁସ୍ଥତା ଭିତରେ ତାଙ୍କ ଡାକ୍ତରୀପାଠ ଶେଷ ହେବା ସହ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ତାଙ୍କ ସ୍ୱାମୀ ଗୋପାଳ ରାଓଙ୍କ ଉପସ୍ଥିତିରେ ଭାରତର ପ୍ରଥମ ମହିଳା ଡାକ୍ତର ଭାବେ ଆନନ୍ଦୀବାଇ ଯୋଶୀଙ୍କ ନାମ ଘୋଷଣା କରାଯାଇଥିଲା । ତେବେ ତାଙ୍କୁ ସେଠାରେ ଯକ୍ଷ୍ମା ହେବାରୁ ଭାରତ ଫେରିଥିଲେ । ଜଳ ଜାହାଜରେ ତାଙ୍କ ଦୀର୍ଘ ଯାତ୍ରା ଶରୀରକୁ ଆହୁରି ଶୋଚନୀୟ କରିଦେଇଥିଲା । ପାଣି ଜାହାଜରେ ଥିବା ଗୋରା ଇଂରେଜ ଡାକ୍ତର ଭାରତୀୟଙ୍କୁ ଘୃଣା କରୁଥିବାରୁ ତାଙ୍କ ଚିକିତ୍ସା କରିବା ପାଇଁ ମନା କରିଥିଲେ । ଏପରିକି ସେ ଭାରତରେ ପହଞ୍ଚି ମଧ୍ୟ ବିଦେଶରେ ଡାକ୍ତରୀ ପାଠ ପଢ଼ିଥିବାରୁ ପୁନେର ଜଣେ ବିଖ୍ୟାତ ଆୟୁର୍ବେଦ ବିଶେଷଜ୍ଞ ତାଙ୍କୁ ମଧ୍ୟ ଚିକିତ୍ସା କଲେନାହିଁ । ପାଠ ପଢ଼ିବା ପାଇଁ ବିଲାତ ଯାଇଥିବାରୁ ତାଙ୍କୁ ସମାଜରୁ ଅନେକ ବିଦ୍ରୁପ, ସମାଲୋଚନା ଓ କଟୁବାକ୍ୟ ଶୁଣିବା ପାଇଁ ପଡ଼ିଥିଲା । ଏସବୁ ସହି ମାତ୍ର ୨୨ ବର୍ଷ ବୟସରେ ୧୮୮୭ ଫେବୃଆରୀ ୨୭ ତାରିଖରେ ଯକ୍ଷ୍ମାର କୌଣସି ଚିକିତ୍ସା ନପାଇ ତାଙ୍କ ପ୍ରାଣବାୟୁ ଉଡି ଯାଇଥିଲା ।

ଭାରତର ସେବା କରିବା ପାଇଁ ବାଲ୍ୟକାଳରୁ ସ୍ୱପ୍ନ ଦେଖି ଆଉ କଠୋର ପରିସ୍ଥିତି ଭିତରେ ସ୍ୱପ୍ନକୁ ସାକାର ପାଇଁ ଯେଉଁ କୁନି ଝିଅଟି ସ୍ୱପ୍ନ ଦେଖିଥିଲା ତାହା ଧୂଳିସାତ୍ ହୋଇଗଲା । ଅତ୍ୟନ୍ତ ପ୍ରତିକୂଳ ଓ କଷ୍ଟକର ଜୀବନ ଭିତରେ ତାଙ୍କ ଡାକ୍ତରୀ ଡିଗ୍ରୀ ମଧ୍ୟ ମୂଲ୍ୟହୀନ ହୋଇଗଲା । ପୁନାରେ ତାଙ୍କର ଶବସଂସ୍କାର ପରେ ସୁଦୂର ଆମେରିକାରେ ତାଙ୍କ ପାଠପଢ଼ାକୁ ସାକାର କରିଥିବା ଶ୍ରୀମତୀ କାର୍ପେଣ୍ଟରଙ୍କ ପାଖକୁ ତାଙ୍କ ଚିତାଭସ୍ମ ପଠାଇ ଦିଆଯାଇଥିଲା । ନ୍ୟୁୟର୍କର ପାଓକିପ୍‌ସି ରୁରାଲ ସିମେଟରି ଏହି ସ୍ମରଣୀୟ ସମାଧିସ୍ଥଳର ଲଟ୍ ୨୧୬-ଏ କ୍ରମିକ ନମ୍ବରଟି ସମଗ୍ର ବିଶ୍ୱ ପାଇଁ ପରିଚିତ ହେଲା ଡାକ୍ତର ଆନନ୍ଦୀବାଇ ଯୋଶୀଙ୍କ ସମାଧିସ୍ଥଳ ଭାବରେ । ଏଠାରେ ସ୍ମରଣ କରିଦିଆଯାଇପାରେ ଡାକ୍ତର ଆନନ୍ଦୀବାଈ ୧୮୮୬ରେ ଡାକ୍ତରୀ ଡିଗ୍ରୀ ପାଇଥିବାବେଳେ ସେହିବର୍ଷ କୋଲକାତାର ବେଙ୍ଗଲ ମେଡ଼ିକାଲ କଲେଜରୁ ଡାକ୍ତରୀ ପାସ କରିଥିଲେ କାଦମ୍ବିନୀ ଗାଙ୍ଗୁଲୀ । ପରେ ଡାକ୍ତର କାଦମ୍ବିନୀ ଗାଙ୍ଗୁଲୀ ଇଂଲଣ୍ଡ ଯାଇ ଚିକିତ୍ସା ବିଜ୍ଞାନର ସ୍ନାତକୋତ୍ତର ଡିଗ୍ରୀପ୍ରାପ୍ତ ହୋଇଥିଲେ । ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଡାକ୍ତର ଆନନ୍ଦୀବାଇଯୋଶୀଙ୍କ ଦୃଢ଼ ପ୍ରତିକୂଳତା ଭିତରେ ପାଠପଢ଼ା ଓ ସମାଜର ଅଶୋଭନୀୟ ତାଡ଼ନା ଭିତରେ ଯେଉଁ ଦୃଢ଼ ମନୋବଳ ଦେଖାଇ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଭାରତର ନାମକୁ ସ୍ମରଣୀୟ କରିଛନ୍ତି ତାଙ୍କ ଅମ୍ଳାନ ଆତ୍ମା ପ୍ରତି ଆମର ଗଭୀର ଶ୍ରଦ୍ଧାଞ୍ଜଳି ।


*ପ୍ରଫେସର, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ,*
*କଟକ, ଦୂରଭାଷ : ୯୪୩୭୦୫୧୯୫୭*


## ସମବାୟ କ୍ଷେତ୍ରରେ ଅଭିବୃଦ୍ଧିର ନୂତନ ଯୁଗ

**ସମବାୟ କ୍ଷେତ୍ରରେ ବିପ୍ଳବ:** ଭାରତର ସମବାୟ ଆନ୍ଦୋଳନ, ଏହାର ସାଂସ୍କୃତିକ ଏବଂ ସାମାଜିକ-ଆର୍ଥିକ ଦୃଶ୍ୟପଟରେ ଏକ ଶକ୍ତିଶାଳୀ ବାହକ ଭାବରେ ବିକଶିତ ହୋଇଛି । ସମାବେଶୀ ଅଭିବୃଦ୍ଧି, ଗୋଷ୍ଠୀ ସଶକ୍ତିକରଣ ଏବଂ ଗ୍ରାମୀଣ ବିକାଶ କ୍ଷେତ୍ରରେ ସମବାୟ କ୍ଷେତ୍ର ଅନେକ ସୁନାମ ଅର୍ଜନ କରିଛି । ନିକଟ ଅତୀତରେ ଏକ ସ୍ୱତନ୍ତ୍ର ସମବାୟ ମନ୍ତ୍ରଣାଳୟର ପ୍ରତିଷ୍ଠା ଏବଂ ଏହାର

ଅନେକ ଦୃଢ଼ ପଦକ୍ଷେପ ମାଧ୍ୟମରେ, ସରକାର ଏକ ସମବାୟ-ଚାଳିତ ମଡେଲକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି, ଯାହା ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିବା ସହ ବଞ୍ଚିତ ବର୍ଗଙ୍କ ପାଇଁ ନିରନ୍ତର ଜୀବିକା ଏବଂ ଆର୍ଥିକ ଅନ୍ତର୍ଭୁକ୍ତି ସାଧନ କରିବ ।

ଜୁଲାଇ ୬, ୨୦୨୧ରେ ସମବାୟ ମନ୍ତ୍ରଣାଳୟର ପ୍ରତିଷ୍ଠା ଭାରତର ସମବାୟ ଆନ୍ଦୋଳନରେ ଏକ ପରିବର୍ତ୍ତନକାରୀ ମୁହୂର୍ତ୍ତ ଭାବରେ ଚିହ୍ନିତ ହୋଇଥିଲା । ସମବାୟକୁ ପୁନର୍ଜୀବିତ କରିବା ପାଇଁ ଏକ ଦୃଢ଼ ପ୍ରତିବଦ୍ଧତା ସହିତ, ମନ୍ତ୍ରଣାଳୟ ଏହି କ୍ଷେତ୍ରକୁ ସୁଦୃଢ଼ ଏବଂ ଆଧୁନିକୀକରଣ କରିବା ପାଇଁ ଏହି ମନ୍ତ୍ରଣାଳୟ ମାଧ୍ୟମରେ ବ୍ୟାପକ ନୀତିଗତ ଢାଞ୍ଚା, ଆଇନଗତ ସଂସ୍କାର ଏବଂ ରଣନୈତିକ ପଦକ୍ଷେପ ଗ୍ରହଣ କରିଆସିଛି । ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ, ମନ୍ତ୍ରଣାଳୟ ସମବାୟ ପାଇଁ ଛକ୍ତଙ୍କକ୍ଷ୍ମ;ବ୍ୟବସାୟ କରିବାର ସହଜତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି, ଡିଜିଟାଲାଇଜେସନ୍ ମାଧ୍ୟମରେ ସ୍ୱଚ୍ଛତା ସୁନିଶ୍ଚିତ କରିଛି ଏବଂ ଅବହେଳିତ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିଛି । ସମବାୟ ଆନ୍ଦୋଳନରେ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଗତିଶୀଳ ନେତୃତ୍ୱ ଏବଂ ପ୍ରେରଣାରେ ଭାରତର ସମବାୟ ଆନ୍ଦୋଳନ ଏକ ନୂଆ ଦିଗ ନେଇଛି । ତାଙ୍କ ନେତୃତ୍ୱରେ, ମନ୍ତ୍ରଣାଳୟ ଭାରତୀୟ ସମବାୟ ଆନ୍ଦୋଳନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି:

ଇ-ସେବାଗୁଡ଼ିକର ଉତ୍ତମ ଉପଲବ୍ଧି ପାଇଁ ସାଧାରଣ ସେବା କେନ୍ଦ୍ର (ସିଏସ୍‌ସି)ଗୁଡ଼ିକର କମ୍ପ୍ୟୁଟରୀକରଣ ତଥା

ପ୍ୟାକ୍ସକୁ ବହୁମୁଖୀ ଓ ସୁଦୃଢ଼ କରିବା ପାଇଁ ମଡେଲ ବାଇ ଲ' ପ୍ରସ୍ତୁତି ।

ପ୍ରତ୍ୟେକ ପଞ୍ଚାୟତ ତଥା ଗ୍ରାମରେ ବହୁମୁଖୀ ପ୍ୟାକ୍ସ /ଦୁଗ୍ଧ/ମତ୍ସ୍ୟ ପାଳନ ସମବାୟ ସମିତି ପ୍ରତିଷ୍ଠା ।

ଜାତୀୟ ସ୍ତରରେ ତିନୋଟି ନୂଆ ବହୁ-ରାଜ୍ୟ ସମବାୟ ସମିତି ସ୍ଥାପନ ।

ସମବାୟ କ୍ଷେତ୍ରରୁ ରପ୍ତାନିକୁ ପ୍ରୋତ୍ସାହିତ କରିବା ପାଇଁ ଜାତୀୟ ସମବାୟ ରପ୍ତାନି ଲିମିଟେଡ୍ (ଏନ୍‌ସିଇଏଲ୍) ।

ଏକକ ବ୍ରାଣ୍ଡ ନାମରେ ଉନ୍ନତ ବିହନ ଚାଷ, ଉତ୍ପାଦନ ଏବଂ ବଣ୍ଟନ ପାଇଁ ଭାରତୀୟ ବିହନ ସମବାୟ ସମିତି ଲିମିଟେଡ୍ (ବିବିଏସ୍‌ଏସ୍‌ଏଲ୍) ।

ପ୍ରମାଣିତ ଏବଂ ପ୍ରାମାଣିକ ଜୈବ ଉତ୍ପାଦ ଉତ୍ପାଦନ, ବଣ୍ଟନ ଏବଂ ବିପଣନ ପାଇଁ ଜାତୀୟ ସମବାୟ ଅର୍ଗାନିକ ଲିମିଟେଡ୍ (ଏନ୍‌ସିଓଏଲ୍) ।

ତୃଣମୂଳ ସ୍ତରରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମବାୟ କ୍ଷେତ୍ରରେ ବିଶ୍ୱର ସବୁଠାରୁ ବ୍ୟାପକ ବିକେନ୍ଦ୍ରୀକୃତ ଶସ୍ୟ ସଂରକ୍ଷଣ କାର୍ଯ୍ୟକ୍ରମ । ୯୭ତମ ସମ୍ବିଧାନ ସଂଶୋଧନର ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବା ଏବଂ ବହୁ-ରାଜ୍ୟ ସମବାୟ ସମିତିଗୁଡ଼ିକରେ ଶାସନକୁ ସୁଦୃଢ଼ କରିବା ସହ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି, ନିର୍ବାଚନ ପ୍ରକ୍ରିୟାରେ ଉନ୍ନତି ଆଣିବା ପାଇଁ ବହୁ-ରାଜ୍ୟ ସମବାୟ ସମିତି ଆଇନ-୨୦୦୨କୁ ସଂଶୋଧନ କରି ବହୁ-ରାଜ୍ୟ ସମବାୟ ସମିତି (ସଂଶୋଧନ) ଆଇନ ୨୦୨୩ ପାରିତ କରାଯାଇଛି ।

ସମବାୟ ଚିନିକଳ ଗୁଡ଼ିକୁ ସୁଦୃଢ଼ କରିବା ଏବଂ ସମବାୟ ଚିନି କଳ ଗୁଡ଼ିକୁ ଇଥାନଲ୍ କ୍ରୟ ଏବଂ କୋଜେନ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରିବାରେ ପ୍ରାଥମିକତା ପ୍ରଦାନ ପାଇଁ ଏନ୍‌ସିଡିସି ମାଧ୍ୟମରେ ୧୦ ହଜାର କୋଟି ଟଙ୍କାର ଋଣ ଯୋଜନା କରାଯାଇଛି । ଏହିସବୁ ଅଭିନବ ଏବଂ ଗତିଶୀଳ ପଦକ୍ଷେପ ଦ୍ୱାରା ସମବାୟ ଆନ୍ଦୋଳନ ବିକଶିତ ହେବା ସହିତ, ଏହା ଭାରତର ସାମାଜିକ-ଆର୍ଥିକ ଢାଞ୍ଚାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରିଛି । ସମସାମୟିକ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ଏବଂ ସାମୁଦାୟିକ ସ୍ଥିରତାକୁ ପ୍ରୋତ୍ସାହିତ କରିବାରେ ସମବାୟ ସଂସ୍ଥାଗୁଡ଼ିକ ସଫଳ ହୋଇପାରିଛନ୍ତି । । ସମବାୟ ଆନ୍ଦୋଳନ ଭାରତ ଭଳି ଦେଶରେ ଆବଶ୍ୟକ ଉଦ୍ୟୋଗୀ ଦକ୍ଷତା ମଧ୍ୟ ବିକଶିତ କରେ । କେବଳ ଅର୍ଥନୈତିକ କଲ୍ୟାଣରେ ଯୋଗଦାନ ନୁହେଁ, ଏହା ସମାଜକୁ ରାଷ୍ଟ୍ର ପାଇଁ ଅବଦାନ ଦେବାରେ ନେତୃତ୍ୱ ନେବାପାଇଁ ମଧ୍ୟ ସକ୍ଷମ କରାଇଥାଏ ।



ଡ. ଉଦୟ ଶଙ୍କର ଅଓ୍ୱସ୍ତି
ପରିଚାଳନା ନିର୍ଦ୍ଦେଶକ ଇଫକୋ

**ସମବାୟ ବିକାଶରେ ପ୍ରମୁଖ ମାଇଲଖୁଣ୍ଟ:** ସମବାୟ ମନ୍ତ୍ରଣାଳୟର ଏକ ପ୍ରମୁଖ ପଦକ୍ଷେପ ହେଉଛି ବହୁ-ରାଜ୍ୟ ସମବାୟ ସମିତିଗୁଡ଼ିକୁ ପ୍ରୋତ୍ସାହନ ଏବଂ ପ୍ରାଥମିକ କୃଷି ଋଣ ସମିତି (ପ୍ୟାକ୍ସ)ର ବିସ୍ତାର କରିବା । ପ୍ୟାକ୍ସ ପାଇଁ ମଡେଲ ବାଇଲ' ପ୍ରଚଳନ ଦ୍ୱାରା ସେମାନଙ୍କୁ ୨୫ରୁ ଅଧିକ ବିବିଧ କାର୍ଯ୍ୟକଳାପ ଲାଗି ଶକ୍ତି ମିଳିଛି । ଫଳରେ ଉନ୍ନତ ଶାସନ ଏବଂ ବ୍ୟାପକ ଅନ୍ତର୍ଭୁକ୍ତି ସୁନିଶ୍ଚିତ ହୋଇପାରିଛି । ୨ ହଜାର ୫୧୬ କୋଟି ଟଙ୍କା ଖର୍ଚ୍ଚରେ ୬୩୦୦୦ ପ୍ୟାକ୍ସର କମ୍ପ୍ୟୁଟରୀକରଣ କାର୍ଯ୍ୟ ଜାରି ରହିଛି । ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୬୨ ହଜାର ୩୧୮ ପ୍ୟାକ୍ସକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ୧୫ ହଜାର ୭୮୩ ପ୍ୟାକ୍ସର କମ୍ପ୍ୟୁଟରୀକରଣ କାର୍ଯ୍ୟ ଶେଷ ହୋଇଛି । ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ସମ୍ପୃକ୍ତ ସଂସ୍ଥାଗୁଡ଼ିକର କାର୍ଯ୍ୟକ୍ଷମ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି । ପ୍ୟାକ୍ସଗୁଡ଼ିକୁ ନାବାର୍ଡ ସହିତ ସଂଯୋଗ କରିବାଦ୍ୱାରା ସୁଗମ ଆର୍ଥିକ କାରବାର ସୁନିଶ୍ଚିତ କରାଯାଇଛି ।

ସମବାୟ କ୍ଷେତ୍ରକୁ ବିସ୍ତାରିତ କରିବା ଲାଗି ସମବାୟ ସମିତି ନଥିବା ପଞ୍ଚାୟତରେ ୯ ହଜାରରୁ ଅଧିକ ନୂତନ ପ୍ୟାକ୍ସ, ଦୁଗ୍ଧ ଏବଂ ମତ୍ସ୍ୟ ସମବାୟ ପ୍ରତିଷ୍ଠା କରାଯାଉଛି । ବିକେନ୍ଦ୍ରୀକୃତ ଶସ୍ୟ ସଂରକ୍ଷଣ ଯୋଜନା ହେଉଛି ପ୍ୟାକ୍ସ ସ୍ତରରେ ସଂରକ୍ଷଣ ଏବଂ କୃଷି ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ, ଯାହାଦ୍ୱାରା ଖାଦ୍ୟ ଶସ୍ୟ ଅପଚୟ ଏବଂ ପରିବହନ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ । ଏହାର ଏକ ଅଂଶ ଭାବରେ, ପାଇଲଟ୍ ପ୍ରକଳ୍ପ ସ୍ୱରୂପ ୨ ହଜାର ପ୍ୟାକ୍ସ ଚିହ୍ନଟ କରାଯାଇଛି । ଏହା ବ୍ୟତୀତ, ୩୦ ହଜାର ୬୪୭ ପ୍ୟାକ୍ସକୁ ସାଧାରଣ ସେବା କେନ୍ଦ୍ର (ସିଏସ୍‌ସି) ଭାବରେ ନାମିତ କରାଯାଇଛି, ଯାହା ଗ୍ରାମୀଣ ନାଗରିକମାନଙ୍କୁ ତିନିଶହରୁ ଅଧିକ ଜରୁରୀ ଇ-ସେବା ପ୍ରଦାନ କରୁଛି ।

**କୃଷି କ୍ଷେତ୍ରରେ ଇଫକୋର ବୈପ୍ଳବିକ ଅବଦାନ:** ଇଫକୋର ତରଳ ନାନୋ ୟୁରିଆ ପ୍ଲସ୍ ଏବଂ ନାନୋ ଡିଏପି ସମେତ ବହୁ ପରିମାଣରେ ନାନୋ ସାରର ପ୍ରଚଳନ କୃଷି ସମବାୟ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିଛି । ଖୁବ୍‌ଶୀଘ୍ର ନାନୋ ଏନ୍‌ପିକେ (ଦାନା) ମଧ୍ୟ ଅନୁମୋଦନ ପାଇବାକୁ ଯାଉଛି । ଏହି ଉଦ୍ଭାବନ ଆଧୁନିକ କୃଷି କ୍ଷେତ୍ରରେ ଅଧିକ ଦକ୍ଷତା, ମୂଲ୍ୟ-ପ୍ରଭାବଶାଳୀତା ଏବଂ ପରିବେଶଗତ ସ୍ଥାୟୀତ୍ୱ ପ୍ରଦାନ କରିବା ସହ ଏକ ଯୁଗାନ୍ତକାରୀ ଭୂମିକା ଗ୍ରହଣ କରିବ । ଏହି ବିପ୍ଳବ ବିଷୟଗତ ଉତ୍ପାଦଗୁଡ଼ିକ ପୂର୍ବରୁ ବିଶ୍ୱସ୍ତରୀୟ ସ୍ୱୀକୃତି ପାଇସାରିଛି, ଆମେରିକା, ବ୍ରାଜିଲ, ଜାମ୍ବିଆ, ଗିନି-କୋନାକ୍ରି, ମରିସସ୍, ରୱାଣ୍ଡା, ମାଲେସିଆ ଏବଂ ଫିଲିପାଇନ୍ସର ବଜାରରେ ପହଞ୍ଚିଛି ।

ଭାରତର ଖାଦ୍ୟ ଏବଂ କୃଷି କ୍ଷେତ୍ରରେ ଜିଡିପିକୁ ଉଲ୍ଲେଖନୀୟ ଅବଦାନ ଲାଗି ଇଫକୋ ବିଶ୍ୱର ଏକ ନମ୍ବର ସମବାୟ ସମିତି ଭାବରେ ପରିଚିତ ହୋଇଛି । ଉନ୍ନତ ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ସ୍ଥାୟୀ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରି, ଇଫକୋ ଏବଂ ଭାରତର ସମବାୟ ଆନ୍ଦୋଳନ ଅର୍ଥନୀତିକ ପରିବର୍ତ୍ତନ, ଦୀର୍ଘକାଳୀନ ସମୃଦ୍ଧି ଏବଂ ବିଶ୍ୱ ପ୍ରତିଯୋଗିତାରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହୋଇପାରିଛନ୍ତି । ବିଶ୍ୱ ସମବାୟ ଆନ୍ଦୋଳନରେ ଇଫକୋର ନେତୃତ୍ୱ ବୃଦ୍ଧି ପାଇବାରେ ଲାଗିଛି । ଅନ୍ତର୍ଜାତୀୟ ସମବାୟ ସଂଘ (ଆଇସିଏ)ର ସଦସ୍ୟ ଭାବରେ, ଇଫକୋ ବିଶ୍ୱ ସମବାୟ ନୀତି ଗଠନରେ ସକ୍ରିୟ ଭାବରେ ଯୋଗଦାନ କରୁଛି ।

ନଭେମ୍ବର ୨୦୨୪ରେ ଇଫକୋ ଭାରତରେ ଆଇସିଏର ବିଶ୍ୱ ସମବାୟ ସମ୍ମିଳନୀ ପରି ଏକ ଅନ୍ତର୍ଜାତୀୟ ମଞ୍ଚ ଆୟୋଜନ କରି ଭାରତକୁ ଅଭିନବ ସମବାୟ ରଣନୀତି ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମ ସମବାୟ ଉନ୍ନତିରେ ଭାରତର ନେତୃତ୍ୱକୁ ସୁଦୃଢ଼ କରିଥିଲା ଏବଂ ବିଶ୍ୱ ସମବାୟ ନେତାମାନଙ୍କ ସହିତ ଜ୍ଞାନ ଆଦାନପ୍ରଦାନକୁ ସୁଗମ କରିଥିଲା ।

**ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟ:** ସମବାୟ ଅଭିବୃଦ୍ଧିର ଏକ ଉତ୍ପ୍ରେରକ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟ ହେଉଛି ସମବାୟ କ୍ଷେତ୍ରରେ ବିକାଶର ସବୁଠାରୁ ଉଲ୍ଲେଖନୀୟ ଚିନ୍ତାଧାରା ମଧ୍ୟରୁ ଗୋଟିଏ । ଏହି ବିଶ୍ୱବିଦ୍ୟାଳୟକୁ ସମବାୟ ଶିକ୍ଷା, ଗବେଷଣା ଏବଂ ନେତୃତ୍ୱ ବିକାଶ ପାଇଁ ଉତ୍ସର୍ଗୀକୃତ ଏକ ପ୍ରମୁଖ ପ୍ରତିଷ୍ଠାନ ଭାବରେ କଳ୍ପନା କରାଯାଇଛି । ଏହା ସମବାୟ କ୍ଷେତ୍ରରେ ଭବିଷ୍ୟତର ନେତାମାନଙ୍କୁ ସମବାୟ ଶାସନକୁ ଆଧୁନିକୀକରଣ ଏବଂ ସୁଦୃଢ଼ କରିବା ପାଇଁ ଆବଶ୍ୟକୀୟ ଦକ୍ଷତା ଏବଂ ଜ୍ଞାନ ସହିତ ସଜ୍ଜିତ କରିବା ଲକ୍ଷ୍ୟ ରଖିଛି । ସ୍ୱତନ୍ତ୍ର ତାଲିମ, ଶିକ୍ଷାଗତ କାର୍ଯ୍ୟକ୍ରମ ଏବଂ ଗବେଷଣା ସୁଯୋଗ ପ୍ରଦାନ କରି, ଏହି ବିଶ୍ୱବିଦ୍ୟାଳୟ ଭାରତର ସମବାୟ ଆନ୍ଦୋଳନର ଭବିଷ୍ୟତ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ବିଶ୍ୱବିଦ୍ୟାଳୟ ନବସୃଜନ, ନୂତନ ସମବାୟ ବ୍ୟବସାୟ ମଡେଲଗୁଡ଼ିକୁ ପ୍ରୋତ୍ସାହିତ କରିବା ସହ ବିଶ୍ୱସ୍ତରୀୟ ପ୍ରତିଯୋଗିତା ବୃଦ୍ଧି ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି ବିଶ୍ୱବିଦ୍ୟାଳୟ କୃଷି, ମତ୍ସ୍ୟ ଚାଷ, ଦୁଗ୍ଧ ଉତ୍ପାଦନ, ବ୍ୟାଙ୍କିଙ୍ଗ୍ ଏବଂ ମାର୍କେଟିଂ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ବୈଷୟିକ ଏବଂ ପରିଚାଳନାଗତ ଶିକ୍ଷା ପ୍ରଦାନ କରିବା ଉପରେ ଧ୍ୟାନ ଦେବ । ଡିଗ୍ରୀ ଏବଂ ଡିପ୍ଲୋମା କାର୍ଯ୍ୟକ୍ରମ ପ୍ରଦାନ କରିବା ସହିତ, ବିଶ୍ୱବିଦ୍ୟାଳୟ ଛାତ୍ର, ସମବାୟ ସମିତଗୁଡ଼ିକର ସଦସ୍ୟ ଏବଂ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ସ୍ୱତନ୍ତ୍ର ପାଠ୍ୟକ୍ରମ ମଧ୍ୟ ଡିଜାଇନ୍ କରିବ । ଏହି ପଦକ୍ଷେପ ନବସୃଜନ, ଦକ୍ଷତା ବିକାଶ ଏବଂ ସଚେତନତାକୁ ପ୍ରୋତ୍ସାହିତ କରି ସମବାୟ କ୍ଷେତ୍ରକୁ ମଜବୁତ କରିବ ବୋଲିଆଶା କରାଯାଉଛି । ସଂକ୍ଷେପରେ କହିଲେ ସମବାୟ ମାଧ୍ୟମରେ ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ଏବଂ ପ୍ରଗତିକୁ ଏହା ଆଗେଇ ନେବାରେ ସହାୟକ ହେବ ।

ଜାତିସଂଘ ଦ୍ୱାରା ୨୦୨୫ ମସିହାକୁ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବରେ ଘୋଷଣା କରାଯାଇଛି । ଏହା ଅର୍ଥନୈତିକ ବିକାଶରେ ସମବାୟ ମଡେଲର ଗୁରୁତ୍ୱକୁ ବଢ଼ାଉଛି । ସମବାୟ ମନ୍ତ୍ରଣାଳୟ ବିଶ୍ୱବ୍ୟାପୀ ସମବାୟ ନୀତିଗୁଡ଼ିକୁ ପ୍ରୋତ୍ସାହିତ ବିଶେଷକରି ଦାରିଦ୍ର୍ୟ ହ୍ରାସ, ପରିପୂରକ ବିକାଶ ଏବଂ ଅନ୍ତର୍ଭୁକ୍ତିମୂଳକ ଆର୍ଥିକ ଅଭିବୃଦ୍ଧି ଭଳି ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବା ପାଇଁ କରିବା ପାଇଁ ଏହି ଦିବସ ପାଳନକୁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଭାବରେ ଦେଖେ । ସମବାୟ ମନ୍ତ୍ରଣାଳୟ ଆଇୱାଇସି ବିଷୟରେ ସଚେତନତା ପ୍ରସାର କରିବା ପାଇଁ ଜାତୀୟ ସମବାୟ କମିଟି ଗଠନ କରିଛି, ଯାହା ପ୍ରସାର ବୃଦ୍ଧି ଏବଂ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଉଛି । ଭାରତର ବିକାଶ କ୍ଷେତ୍ରରେ ମୌଳିକ ସମବାୟ ପଦକ୍ଷେପ ଗୁଡ଼ିକର ଗୁରୁତ୍ୱକୁ ପ୍ରଦର୍ଶନ ପାଇଁ ପ୍ରମୁଖ ଅଂଶୀଦାରମାନଙ୍କୁ ସାମିଲ କରିବା ସହ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସମ୍ମିଳନୀ ଆୟୋଜନ କରାଯିବ ।

ରଣନୈତିକ ପଦକ୍ଷେପ ଏବଂ ଅଗ୍ରଗାମୀ ଚିନ୍ତାଧାରା ଓ ନୀତି ମାଧ୍ୟମରେ, ସମବାୟ ମନ୍ତ୍ରଣାଳୟ ଭାରତର ସମବାୟ କ୍ଷେତ୍ରକୁ ସଫଳତାର ସହିତ ପରିବର୍ତ୍ତନ କରିଛି । ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ସମବାୟ କ୍ଷେତ୍ରରେ ଚାଲୁଥିବା ବିଭିନ୍ନ ସଂସ୍କାର ଏବଂ ଆଧୁନିକୀକରଣ ପ୍ରୟାସ ଦ୍ୱାରା ଭାରତ ସମବାୟ ନବସୃଜନ ଏବଂ ଗ୍ରାମୀଣ ବିକାଶର ଶୀର୍ଷରେ ରହିବାକୁ ନିଶ୍ଚିତ କରେ । ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ସହ ଡିଜିଟାଲ୍ ସମନ୍ୱୟ ଏବଂ ସମବାୟ ଉଦ୍ୟୋଗକୁ ପ୍ରୋତ୍ସାହନ ମାଧ୍ୟମରେ ସରକାର ସମବାୟ ନେତୃତ୍ୱାଧୀନ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକ ଦୃଢ଼ ଏବଂ ସ୍ଥାୟୀ ମଡେଲ ସୃଷ୍ଟି କରୁଛନ୍ତି । ଭାରତରେ ସମବାୟ ଆନ୍ଦୋଳନ ଏକ ଅଭୂତପୂର୍ବ ଶୀର୍ଷତ୍ୱ ହାସଲ କରିଛି । ଗ୍ରାମୀଣ ସମୃଦ୍ଧି ଏବଂ ଜାତୀୟ ପ୍ରଗତିର ଏକ ପ୍ରମୁଖ ବାହକ ଭାବରେ ଏହା ନିଜର ଭୂମିକାକୁ ସୁଦୃଢ଼ କରୁଛି ।

ମାତୃଭାଷା

# ସାହିତ୍ୟ



## ଧାରା ଅବାଞ୍ଛିତ ସମୟର

ଦିନେ ଝଡି-ବର୍ଷା ଆସିଲା
ଦିଗ-ବିଦିଗ ସବୁ ହଜିଗଲା
ଘନ ଘୋର ବିକଟାଳ ଶବ୍ଦ
ପାଦ ତଳୁ ମାଟି ଯେମିତି ଖସିପଡ଼ିଲା
ମୁଣ୍ଡ ଉପରୁ ଆକାଶ ବି ଉଡ଼ିଗଲା
ମୋ କଣ୍ଢେଇ ବେଢୀର
ଓଦା ବାଳ ଓଦା ରହିଗଲା ।।

ଏମିତି ନଈଟିଏ
ତା କଥାରେ ଅବୁଝା
ଆଷାଢ଼ ଶ୍ରାବଣ ସାରି ଭୋଦୁଅର
ମାଟି ଛୁଇଁ ଲାଣି , ତଥାପି
ସିଏ ଫୁଲେଇ
କଅଁଳା ବାଛୁରୀ ଯେମିତି।

ଅସନୀ,ଆମ ଗାଁ ବୁଲି ନାନୀ-
ବାହାଯୋଗ୍ୟ ବୟସ ତା
ଢେର୍ ପଡିଗଲାଣି
ସୌନ୍ଦର୍ଯ୍ୟ ତା ଚୂଳିକି ଆଦରି ନେଲାଣି, ତଥାପି ନାଚୁଛି
ଥେଇ ଦେଇ ଷଡଦଷୀ କୁମାରୀ ଟେ
ପରି।

ଦିନା ନାହାକ ପୁଅ ଗୋପାଆ ଟା
ତିନି ଚାରି ପିଲା ର
ବାପ ହୋଇସାରିଲାଣି
ଖାଇବା-ପିନ୍ଧିବା-ହେନ୍ତୁମାରିବାରେ
ଗଙ୍ଗା ନେବା ଏବେବି ଛାଡ଼ିବି ।।

ସମୟ ଆସୁଛି ଓ ଯାଉଛି ବି
ତା ବାଟରେ। ଆଙ୍ଗୁଠି ଦେଖାଉଛି
ଆମ,ତୁମ, ସେମାନଙ୍କୁ
ତା ମନ,ଭାବନା, ପସନ୍ଦ ରେ
ଆମେ ଅବୁଝା
ତା ଠାର-ଇଙ୍ଗିତ ବୁଝିବା ରେ
ଆମ ପାଇଁ ଅସହଜ
ଏବର ନୂଆ ଚଳଣୀ ଧାରା ସବୁ
ଯାହା ଇତିହାସ ଧରି ରଖେ
ତା ପୃଷ୍ଠା ମାନଙ୍କରେ ।।

ହରେକୃଷ୍ଣ ଷଡ଼ଙ୍ଗୀ
ସା-ପୁରଣ,ପୋ-ମହଣ
୭୫୪୨୦୧
ସାଲେପୁର
୯୪୩୯୪୪୦୫୪୬

## କେଉଁ କଥା ଅଛି ବାକି ?

ଆଉ କହିବାର କିଛି ନାହିଁ ବନ୍ଧୁ
କେଉଁ କଥା ଅଛି ବାକି
କେଉଁ କଥା ଆଉ ଶୁଣିବା ପାଇଁକି
ତୁମେ ରହିଅଛ ଟାକି ।

ହୃଦୟକୁ ଖୋଲି ଆତ୍ମାକୁ ଲଗାଇ
ସବୁ ତ ଦେଇଛି କହି
ଆଉ ମୁହଁଖୋଲି କିଛି କହିବିନି
ପରାଣ ହୋଇବ ଦହି
ସେଇଥିରୁ ଯାହା ବୁଝିବଶୁଝିବ
ବୁଝାଇବ ମୋତେ ଡାକି ।

ଦୋଷାଦୋଷ ମୋର ଯେଉଁଠି ଦେଖିବ
କହିବ ଅନ୍ତର ଖୋଲି
ମନ ବୁଝାଇବା କଥା କହିବନି
ମୁଁ ତୁମର ବନ୍ଧୁ ବୋଲି
ଭାବିବନି କେବେ ଅପ୍ରିୟ କଥାରେ
ଫେରିବି ଲାଙ୍ଗୁଡ଼ ଜାକି ।

ସତ୍ୟକୁ ଜାଣିଲେ ମୋହରି ଭୁଲ ମୁଁ
ସ୍ୱୀକାର କରିବି ପରା
ଆଉ ସେହିଭଳି ଭୁଲ କରିବିନି
ହେବିନାହିଁ ଦିଗହରା
ସମୟ ସୁଅରେ ଭାସିଯିବି ସିନା
ପାରିବିନି ଜମା ଠାକି ।

ନିରଞ୍ଜନ ସାହୁ
ନିହଲ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ-୯୯୩୮୭୪୧୫୮୩

## କୋଉଠି ଥିଲ ??

କୋଉଠି ଥିଲ ତୁମେ ?
ହଠାତ୍ ମୋ ଜୀବନେ ଆସି
ସବୁ କିଛି ସଜାଡି ଦେଲ...
ନେତୃତ୍ୱ ନେଲ
ମୋ ଜୀବନର ଶୂନ୍ୟତାକୁ
ଧକ୍କା ଦେଇ
ବିତାଡିତ କରିବାରେ ।।
କୋଉଠି ଥିଲ ତୁମେ ?
ଆସିଲ ମୋ ଜୀବନର
ସୁଖର ସମୁଦ୍ର ସାଜି...
ନୈରାଶ୍ୟ, ବିଷାଦ ଭଳି
କୁପ୍ରଭାବି ମାନେ
ତୁମରି ପଦରଜ ଦେଖି
କେଜାଣି କେମିତି, କେବେ
ଅଦୃଶ୍ୟ ହୋଇଗଲେ ।
କୋଉଠି ଥିଲ ତୁମେ ?
ଆସିଲ ମୋ ଜୀବନର
ବର୍ଷାଋତୁ ସାଜି...
ସତେକି ମରୁଭୂମିରେ
ଖେଳିଗଲା ସବୁଜିମାର ଲହରୀ...
ହଠାତ୍ ପୁନଃ ଜୀବିତ
ହୋଇ ଉଠିଲା
ବର୍ଷ ବର୍ଷଧରି ପଡ଼ି ରହିଥିବା
ରୁକ୍ଷ କାଠଗଣ୍ଡି ଖଣ୍ଡକ ।
କୋଉଠି ଥିଲ ତୁମେ ?
ଆସିଲ ମୋ ଜୀବନେ
ଅମୃତର ଧାରା ସାଜି...
ସତେକି ଶୀର୍ଣ୍ଣ ଦୁର୍ବଳ ଶରୀର
ପୁନଃ ପୁଷ୍ଟ ହୋଇ ଉଠିଲା...
ପୁଣି ଜାଗ୍ରତ ହୋଇ ଉଠିଲା
ସୁପ୍ତ ଅବସ୍ଥାରେ ପଡ଼ି ରହିଥିବା
ସୁସପ୍ନର ସମାହାର ।

ଭାବଗ୍ରାହୀ ମେହେର
କଁସିଲ,ବଙ୍ଗୋମୁଣ୍ଡା, ବଲାଙ୍ଗୀର
ସହକାରୀ ଶିକ୍ଷକ,ସରକାରୀ ବାଳିକା
ଉଚ୍ଚ ବିଦ୍ୟାଳୟ, କୋମନା

## ଅପରାଧ

**ସୁଦର୍ଶନ ମହାପାତ୍ର**

ଏମ ଏ ପାସ୍ କରିସାରି ଅତନୁ ର ଇଛା ଥିଲା ଅଧ୍ୟାପକ ଟିଏ ହେବା ପାଇଁ। ଶିକ୍ଷକତା କରୁଥିବା ତା ବାପାଙ୍କର ବି ସେଇୟା ଇଛା ଥିଲା। ମାତ୍ର କେଉଁଠି ମିଳୁଛି ଅଧ୍ୟାପକର ନିଯୁକ୍ତି ? କେତେ ବର୍ଷ ହେଲା ସରକାରୀ କଲେଜରେ ନିଯୁକ୍ତି ବନ୍ଦ। ୟୁଜିସି ରେ ମନୋନୀତ ହୋଇ, ପିଏଚଡ଼ି ସାରି ମଧ୍ୟ ତା ପରି ଅନେକ ବେକାର ହୋଇ ବସିଥିଲେ।

ବେସରକାରୀ କଲେଜରେ ଅଧ୍ୟାପକ ହେବା ପାଇଁ ଅତନୁ ଯେ ଚେଷ୍ଟା କରିନଥିଲା ସେମିତି ନୁହେଁ। ଯଥାରୀତି ଆବେଦନ କରି ଇଣ୍ଟରଭ୍ୟୁ ମଧ୍ୟ ଦେଉଥିଲା। ହେଲେ ଚାକିରି ହାତେଇବା ପାଇଁ ସ୍ଥିରୀକୃତ ଉତ୍କୋଚ ଦେବାରେ ସେ ବିଫଳ ହେଉଥିଲା।

ଅର୍ଥର ଆବଶ୍ୟକତା ପାଇଁ ଚାକିରିର ସନ୍ଧାନ କରୁଥିବା ଯୁବକ ଟିଏ ପୁଣି ବିପୁଳ ଅର୍ଥ ଦେଇ ଚାକିରି ହାତେଇବାକୁ ହେବ ଏମିତି ଧାରଣା ନଥିଲା ତା'ର। ବାପା ଏସବୁ କଥା ଶୁଣି ହତାଶ ହୋଇଥିଲେ ସିନା ପୁଅ ପାଇଁ ଆବଶ୍ୟକତା ଥିବା ଟଙ୍କା ଯୋଗାଡ଼ରେ ବ୍ୟର୍ଥ ହୋଇଥିଲେ।

ସମାନ ଅବସ୍ଥାର କିଛି ସାଂଗ ଅତନୁର ସମ୍ପର୍କରେ ଥିଲେ। ସେମାନଙ୍କ ମଧ୍ୟରେ ଭାବ ବିନିମୟ, କେବେ କେବେ ଚା ବିସ୍କୁଟ ର ଆସର ଜମୁଥିଲା ଦୁଃଖ ଭୁଲିବାକୁ ।ଅତନୁ ପରି ସେମାନଙ୍କର ମଧ୍ୟ ନାଁ ଥିଲା ଆର୍ଥିକ ସମ୍ବଳ ଅବା ସାହାଯ୍ୟ ସହଯୋଗର ହାତ ବଢ଼ାଇବାକୁ କେହି ଜଣେ।

ପ୍ରାଇମେରୀ ସ୍କୁଲରେ ପ୍ରଧାନ ଶିକ୍ଷକ ଥିବା ଅତନୁ ର ବାପା ଚାକିରୀରୁ ଅବସର ନେଇ ସାରିଥିଲେ। ହେଲେ ଇତି ମଧ୍ୟରେ ଦୁଇ ବର୍ଷ ଗଡ଼ି ଯାଇଥିଲେ ମଧ୍ୟ ପେନସନ ଟଙ୍କା ମିଳିନଥିଲା। ହାତରେ ଛତା ଖଣ୍ଡିଏ ଧରି ଛିଣ୍ଡା ଚପଲକୁ ଘୋଷାରି ଘୋଷାରି ସେ କେତେଥର ଯେ ଅଫିସକୁ ଯାଇ ଏ ସିଟରୁ ସେ ସିଟ୍ କୁ ନଦଉଡିଛନ୍ତି କଥା ନାହିଁ। ହେଲେ ଫାଇଲ୍ ଏ ଟେବୁଲ୍ ରୁ ସେ ଟେବୁଲକୁ ଯିବା ପାଇଁ ମାସ ମାସ ସମୟ ଲାଗିଛି।

ଅବଶେଷରେ ଯେତେବେଳେ ଆବଶ୍ୟକୀୟ କାଗଜପତ୍ର ସହ ଫାଇଲ୍ ଯାଇଁ ମୁଖ୍ୟ ଅଫିସରେ ପହଞ୍ଚିଲା ବୋଲି ଖବର ମିଳିଲା ଅତନୁର ସାରା ପରିବାରରେ ଖୁସିର ବାତାବରଣ ଟିଏ ଖେଳିଗଲା।

ଝିଅକୁ ବାହା ଦେବାକୁ ଚିନ୍ତାରେ ବସିଥିବା ବାପା ମାଆ ପାତ୍ର ଖୋଜିବାରେ ଲାଗିପଡିଲେ। ଟଙ୍କା ହାତକୁ ଆସିବା ମାତ୍ରେ ଝିଅ ବାହାଘର କାମଟା ଆଗ ସାରିବାକୁ ମନସ୍ଥ କରିଥିବାରୁ, ଗହଣା ପାଇଁ, ଶାଢ଼ୀ ପାଇଁ,ଭାରଥୋର ପାଇଁ ଟଙ୍କାର ହିସାବ କରିବାକୁ ଲାଗିଲେ। ଅତନୁର ଇଛା ଥିଲେ ବି ଲାଞ୍ଚ ଦେଇ ଚାକିରି କରିବା ଅପେକ୍ଷା ଭଉଣୀ ବାହାଘର କାମ ସାରିବାକୁ ପ୍ରାଧାନ୍ୟ ଦେଲା।

ଏହା ମଧ୍ୟରେ ଆହୁରି କିଛି ଦିନ ଗଡ଼ି ଯାଇଥିଲା। ହେଲେ ଅଫିସରୁ ପେନସନ ବାବଦରେ କୌଣସି ଚିଠି ନଆସିବାରୁ ସମସ୍ତେ ପୁଣି ଥରେ ଚିନ୍ତାଗ୍ରସ୍ତ ହୋଇ ପଡିଲେ। ଅତନୁ ଏ ବିଷୟରେ ଅଫିସକୁ ଯାଇ ଖବର ନେଇ ଜାଣିଲା ଯେ ଏଭଳି କିଛି ଚିଠି ସେପର୍ଯ୍ୟନ୍ତ ସେ ଅଫିସକୁ ଆସି ନାହିଁ।

ଏମିତି କେତେଥର ବାପାଙ୍କ ସହିତ ଅଫିସ କୁ ଦୌଡ଼ି ଅତନୁ ହାଲିଆ ହେଲା ସିନା ପ୍ରତିଥର ନିରାଶ ବାଣୀ ଶୁଣି ଫେରିବା ସାର ହେଲା ।ତା ଆଖିରେ ଯେମିତି ନିଆଁ ଚରି ଯାଉଥିଲା ଆଉ ତା ବାପା ବୋଉଙ୍କ ଆଖିରେ ଦୃଶ୍ୟ ହେଉଥିଲା ଲୁହର ସମୁଦ୍ର। ଭଉଣୀ ଆଖିରେ ତା' ଅନ୍ତରର ଭାଷା ପରିସ୍ଫୁଟିତ ହେଉଥିଲା।



ଏମିତି ଏକ ଧୁ ଧୁ ଖରାବେଳେ ବାପା ନିରାଶ ହୋଇ ଫେରିଲା ବେଳକୁ ରାସ୍ତାରେ ଟଳି ପଡିଲେ ଯେ ଆଉ ଉଠିଲେ ନାହିଁ। ଘରେ ଅହରହ କାନ୍ଦର ଚାପା ଗୁଞ୍ଜରଣ ଭିତରେ ଅତନୁ ପୁଅ ହିସାବରେ ବିଧିବିଧାନ ପୂର୍ବକ ବାପାଙ୍କ ପାଇଁ କର୍ମ କଲା ସିନା ଅମଲାତନ୍ତ୍ରର ବିଧି ବ୍ୟବସ୍ଥାକୁ ଛୁଇଁ ପାରିଲାନି।

ବାପାଙ୍କ ମୃତ୍ୟୁ ଖବର ଦେଇ ଯଥାବିଧି କାମଟା କରାଇବାକୁ ଅଫିସରଙ୍କୁ ଦେଖା କଲା ଅତନୁ। ହେଲେ ସମବେଦନାର କଥା ପଦେ ଶୁଣିବା ଛଡା ଆଉ କିଛି ଲାଭ ହେଲାନାହିଁ। ହେଲେ ବାପାଙ୍କ ଅବର୍ତ୍ତମାନରେ ପୁଣି ତ ବଞ୍ଚିବାକୁ ପଡ଼ିବ ! ଭଉଣୀର ବାହାଘର କାମ ତ ସାରିବାକୁ ପଡିବ !

ଏ ସମୟରେ କିଏ ସାହା ହେବ ? ଏମିତି ଏକ ପ୍ରସଙ୍ଗ ସାଙ୍ଗମାନଙ୍କ ସହିତ ପ୍ରାୟ ଆଲୋଚନା ହୁଏ ସିନା କିଛି ନିଷ୍କର୍ଷ ବାହାରି ପାରେନା।

ଦିନେ ସନ୍ଧ୍ୟାରେ ଅଫିସ କୁ ନଯାଇ ଅତନୁ ପହଞ୍ଚିଲା ବିଭାଗୀୟ ଅଫିସର ଙ୍କ ଘରେ ।ପକେଟରେ ଥିଲା ସାଙ୍ଗମାନଙ୍କ ସମ୍ମିଳିତ ସହଯୋଗର ଟଙ୍କା। ଉଦ୍ଦେଶ୍ୟ- ଏତିକି ଉତ୍କୋଚ ପ୍ରତି ବଦଳରେ ପେନସନ କାମ ପୁରା କରିବାର ଅଫିସରଙ୍କର ବିହିତ ପଦକ୍ଷେପ। ଅତନୁ ସହିତ ଯାଇଥିବା ତିନି ଜଣ ସାଙ୍ଗ ଅପେକ୍ଷା କରି ରହିଲେ ଗେଟ୍ ପାଖରେ। ଆଜି ଭଲରେ କାମ ନହେଲେ, ଖରାପ ରେ କାମ ହାସଲ କରିବାକୁ ହେବ ବୋଲି ସେମାନଙ୍କର ଇଛା। କାମ ସେଇଦିନ ହିଁ ହେବ ଆଉ ଯେମିତି ହେଲେ ବି ହେବ।

କିଛି ସମୟ ଉତ୍ତାରୁ ଅତନୁ ଫେରି ଆସିଲା ତ ସାଙ୍ଗମାନେ ଆଶ୍ଚର୍ଯ୍ୟ ହେଲେ ।ଅଫିସର ଯାଇଛନ୍ତି କୌଣସି ସମ୍ପର୍କୀୟଙ୍କ ବାହାଘରରେ ଯୋଗ ଦେବାକୁ ।ଆସିବେ ଗୋଟିଏ ଦିନ ପରେ। ଅତନୁ ଏତିକି ଖବର ନେଇ ଆସିଥିଲା ପଡ଼ୋଶୀଙ୍କ ଠାରୁ।

ଅତନୁ ଲଥ୍ କରି ବସି ପଡିଲା ସେଇଠି। ଆଖିରେ ତା'ର ଲୁହ ଟଳମଳ। ସାଙ୍ଗମାନେ ପ୍ରବୋଧନା ଦେଲେ।

-' ଭଉଣୀ ମୋର କ'ଣ ଏମିତି ରହିଯିବ ? ତା' ବାହାଘର ଭାଙ୍ଗି ଯିବ ?' ଅତନୁ ର କଣ୍ଠ ରୁଦ୍ଧ ହୋଇ ଆସୁଥିଲା।

-' ଆଜି ରାତିରେ ହିଁ କାମ ସାରିବାକୁ ପଡିବ।' କହିଲା ଜଣେ ସାଙ୍ଗ।

ସମସ୍ତେ ତା ଆଡକୁ ଚାହିଁଲେ।

-' ଚୋରି.. !ଚୋରି କରିବା ଆଜି ଏ ବଦମାସ୍ ଘରୁ।'

-' ତୁ କ'ଣ ପାଗଳ ହୋଇଗଲୁ ନା କ'ଣ ?'

-' ଅତନୁ,ତୁ ପାଟି ଚୁପ୍ କର।' ସମବେତ ବନ୍ଧୁଙ୍କ ସ୍ୱର।

-'ଆମେମାନେ ଅଭାବରେ ଅଛନ୍ତି ବୋଲି ସିନା ଆମେ ଆମର ସ୍ୱଭାବ ବଦଳାଇବାକୁ ଚିନ୍ତା କରୁଛନ୍ତି। ହେଲେ ଯେଉଁମାନେ ଅର୍ଥ କ୍ଷମତାର ପ୍ରାଚୁର୍ଯ୍ୟ ଭିତରେ ବୁଡ଼ି ରହିଛନ୍ତି, ସେମାନେ ପୁଣି କେଉଁ ଅଭାବବୋଧରେ ନିଜର ସ୍ୱଭାବ ବଦଳାଉଛନ୍ତି ?

-' ଆବଶ୍ୟକତା ଠାରୁ ଯଥେଷ୍ଟ ଅଧିକ ପାଇ ବି ଲଗାମ ଛଡା ଲୋଭରେ ବଶବର୍ତ୍ତୀ ହୋଇ ଅନୀତି କୁ ଆଦର୍ଶ ମଣୁଛନ୍ତି। ଆମ ଭଳି ଅଭାବି ଲୋକମାନଙ୍କୁ ତଳିତଳାନ୍ତ କରୁଛନ୍ତି ।ଆମର ଦୁରାବସ୍ଥାକୁ ଆହୁରି ଦୟନୀୟ କରି ଦେଉଛନ୍ତି ।ଅଭାବବୋଧଟା ସେମାନଙ୍କ ମନରେ ଉଇ ଭଳି ଚରିଯାଇଛି।

-' ଏଇଭଳି ନଷ୍ଟ ଚରିତ୍ରମାନେ ହିଁ ଆମମାନଙ୍କ ଅର୍ଥରେ ସୁଦୃଢ଼ ନିରାପତ୍ତା ବଳୟ ଭିତରେ ସୁରକ୍ଷିତ ରହନ୍ତି। ଆଇନର ଦୀର୍ଘ ହାତ ସେମାନଙ୍କୁ ଛୁଇଁ ପାରେନାହିଁ। ଆମ ମାନଙ୍କ ଭଳି ଲୋକମାନେ ହିଁ ଚିରକାଳ ଅପରାଧୀ ଭାବରେ ବିବେଚିତ ହୁଅନ୍ତି।'

ସାଙ୍ଗମାନେ ସେମାନଙ୍କର ନିଜସ୍ୱ ଶୈଳୀରେ ଅତନୁ କୁ ବୁଝାଇବାକୁ ଚେଷ୍ଟା କରୁଥିଲେ। ସତେ ଯେମିତି ଯୁଦ୍ଧ ପରାଙ୍ମୁଖ ଅର୍ଜୁନ କୁ ସେମାନେ ଦିଗଦର୍ଶନ ଦେଉଥିଲେ।

ସେଦିନର ବିଚାରଧାରା ଏବଂ କୌଶଳ ସୁଚାରୁ ରୂପେ ସମ୍ପାଦନ କରି ରାତି ଅନ୍ଧାରରେ ଫେରିଲେ ଚାରି ବନ୍ଧୁ।

ଅତନୁ ଭଉଣୀର ବାହାଘର କୌଣସି ମତେ ସୁସମ୍ପନ୍ନ ହୋଇ ଯାଇଥିଲା। ବାହାଘର ପାଇଁ ବେକକୁ ସୁନାହାର, ହାତକୁ ସୁନା ଚୁଡ଼ି, ଆଙ୍ଗୁଠି ପାଇଁ ମୁଦି , କାନଫୁଲ ଇତ୍ୟାଦି ଉପହାର ସ୍ୱରୂପ ପ୍ରଦାନ କରିଥିଲେ ଅତନୁର ବନ୍ଧୁମାନେ। ପୁଣି ବୋଉ ହାତରେ ଅତନୁ ଧରେଇ ଦେଇଥିଲା କିଛି ଟଙ୍କା। ବୋଉ ଆଶ୍ଚର୍ଯ୍ୟ ପ୍ରକଟ କଲାରୁ ବାପା ଏ ଟଙ୍କା କେବେଠୁ ତା ନାଁ ରେ ବ୍ୟାଙ୍କରେ ଜମା ରଖିଥିଲେ ବୋଲି ସଫେଇ ଦେଲା ଅତନୁ।

ବନ୍ଧୁମାନେ ଖୁବ୍ ଉତ୍ସାହରେ ଭଉଣୀର ବାହାଘର କାମରେ ଲାଗି ପଡିଥିଲେ ସିନା ଅତନୁ ଥିଲା ଚିନ୍ତାଗ୍ରସ୍ତ ।ଯେ କୌଣସି ସମୟରେ ପୋଲିସ ଆସି ପହଁଚି ଯାଇପାରେ; ଏଇ ଭୟ ତାକୁ ଖାଇ ଗୋଡଉଥିଲା। ଶେଷକୁ ଚୋରରେ ପରିଗଣିତ ହୋଇ ଏ ଦୁନିଆରେ ଚଳିବା ତା ପାଇଁ ଖୁବ୍ କଷ୍ଟସାଧ ହେବ।

ଏମିତି ଭାବନା ଭିତରେ ସାତଦିନ ବିତି ଯାଇଥିଲା। ଭଉଣୀ ଅଷ୍ଟମଙ୍ଗଳି ଭାର ନେଇ ଫେରି ଯାଇଥିଲା ।ତା ମୁହଁରେ ଯେଉଁ ଔଜ୍ୟଲତା ଫୁଟି ଉଠୁଥିଲା ଅତନୁକୁ ମନ୍ତ୍ରମୁଗ୍ଧ କରି ଦେଇଥିଲା।

ନିକଟରେ କରିଥିବା ଅପକର୍ମ ପାଇଁ, ନିଜେ ସବୁ ଦୋଷ ମୁଣ୍ଡ ଉପରକୁ ନେଇ ସାଙ୍ଗମାନଙ୍କୁ ସେ ବଞ୍ଚେଇବ ବୋଲି ଦୃଢ ପରିକର ଥିଲା। ହେଲେ ପୋଲିସ ସେ ପର୍ଯ୍ୟନ୍ତ ଆସିନଥିଲା।

- 'ଉତ୍କୋଚ ନେଇ ଠୁଳ କରିଥିବା ଅପର୍ଯ୍ୟାପ୍ତ ପଇସାରୁ କାଣିଚାଏ ଚୋରି ହୋଇଯିବା ସମୁଦ୍ରରୁ ଶଂଖେ ଭଳି। ସେ ବଦମାସ୍ ନିଜର ଆୟ ବହିର୍ଭୁତ ସଂପତ୍ତି ଧରାପଡ଼ିବା ଭୟରେ ପୋଲିସ ଷ୍ଟେସନରେ ଏତଲା ଦେବନାହିଁ ମୁଁ ଜାଣେ।' କହିଲା ସେଇ ଚତୁର ସାଙ୍ଗ, ଯିଏ ଚୋରି କରାଇବାକୁ ପ୍ରବର୍ତ୍ତାଇ ଥିଲା। ଚୋରି ଘଟଣାର ଦୁଇ ମାସ ପରେ ସେଇ ଅଫିସରଙ୍କୁ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ଅପରାଧରେ ଜେଲ ସଜା ହେଲା ବୋଲି ଖବରକାଗଜ ପୃଷ୍ଠାରେ ପ୍ରକାଶିତ ହୋଇଥିଲା।

କହିବା ବାହୁଲ୍ୟ ସେଇ ଅଫିସର ଜେଲ୍ ଯିବା ପରେ ସ୍ୱର୍ଗତ ବାପାଙ୍କର ପେନସନ କାମ ମଧ୍ୟ ହୋଇ ଯାଇଥିଲା ଅନାୟାସରେ।

କୁଞ୍ଜବିହାରୀ ଲେନ, କଟକ

## ଅନାହାର ଓ ଅନିଦ୍ରାରେ ଲକ୍ଷ୍ମଣ

ପିତୃସତ୍ୟ ପାଳନ ପାଇଁ ଶ୍ରୀରାମଚନ୍ଦ୍ରଙ୍କୁ ଚଉଦ ବର୍ଷ ପାଇଁ ବନବାସ ଯିବାକୁ ପଡିଲା। ତାଙ୍କ ସହିତ ପତ୍ନୀ ସୀତା ଓ ଅନୁଜ ଲକ୍ଷ୍ମଣ ମଧ୍ୟ ବାହାରିଲେ। ଯିବା ପୂର୍ବରୁ ଲକ୍ଷ୍ମଣ ମାତା ସୁମିତ୍ରାଙ୍କ ସହିତ ଦେଖା କଲେ। ସେ ଲକ୍ଷ୍ମଣଙ୍କୁ କହିଲେ - ନିରନ୍ତର ଭାଇ,ଭାଉଜଙ୍କ ସେବାରେ ମନ ନିବେଶ କରିବୁ। ସାରା ରାତି ଅନିଦ୍ରା ରହି ଧନୁ ଶର ଧରି ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବୁ। ଲକ୍ଷ୍ମଣ କହିଲେ - ମା ' ସେଇଥି ପାଇଁ ତ ମୁଁ ଯାଉଛି। ମୋ ସେବାରେ ଯେପରି କିଛି ତ୍ରୁଟି ନରହେ, ସେଥିପାଇଁ ମୋତେ ଆଶୀର୍ବାଦ କର।

ବନବାସ କାଳରେ ଲକ୍ଷ୍ମଣ ଖାଦ୍ୟ ପାଇଁ ବିଭିନ୍ନ ପ୍ରକାରର ଫଳ ସଂଗ୍ରହ କରି ଆଣନ୍ତି। ସୀତା ଫଳ ଗୁଡ଼ିକ ତିନି ଭାଗ କରନ୍ତି। ପ୍ରଥମ ଭାଗ ଟି ରାମଚନ୍ଦ୍ରଙ୍କୁ ଦେଇ କହନ୍ତି - ପ୍ରଭୁ , ଖାଆନ୍ତୁ । ତାପରେ ଲକ୍ଷ୍ମଣ ଙ୍କୁ ଗୋଟେ ଭାଗ ଦେଇ କହନ୍ତି - ତମ ଭାଗ ନିଅ। ମାତ୍ର ଖାଇବାକୁ କହନ୍ତି ନାହିଁ। ମା ସୀତାଙ୍କର ଏଭଳି କଥା ଲକ୍ଷ୍ମଣ ଙ୍କୁ ଖୁବ୍ ଆଘାତ ଦିଏ। ଅଭିମାନରେ ସେ ଖାଆନ୍ତି ନାହିଁ।

ବନବାସ ଯିବା ପୂର୍ବରୁ ଲକ୍ଷ୍ମଣ ଉର୍ମିଳାଙ୍କ ଠାରୁ ବିଦାୟ ନେବାକୁ ଆସିଥିଲେ। ଉର୍ମିଳା ଆଦର ପୂର୍ବକ ତାଙ୍କୁ ପାଛୋଟି ନେଇ ପଲଙ୍କରେ ବସାଇଲେ। ଲକ୍ଷ୍ମଣ କହିଲେ - ଉର୍ମିଳା ! ଭାଇ ଭାଉଜଙ୍କ ସେବା କରିବା ପାଇଁ ମୁଁ ସେମାନଙ୍କ ସହିତ ବନବାସ ଯାଉଚି। ଦୀର୍ଘ ଚଉଦ ବର୍ଷ କାଳ ମୋ ବିହୁନେ ତମେ ଏକାକିନୀ ରହିବ। ତୁମ ପ୍ରତି ଏହା ଘୋର ଅନ୍ୟାୟ ଅବଶ୍ୟ । ଉର୍ମିଳା କହିଲେ - ତମେ ସେମିତି କାହିଁକି ଭାବୁଛ। ତମେ ସେବକ ଭାବେ ଭାଇ ଭାଉଜଙ୍କ ସହିତ ଯାଉଚ ଜାଣି ମୁଁ ବହୁତ ଆନନ୍ଦିତ। ହେଲେ ବନବାସ ଜୀବନ କଣ୍ଟକିତ , ଦୁଃଖଦାୟକ। କେତେବେଳେ କ୍ଷୁଧା , ତୃଷା ନିବାରଣ ପାଇଁ ସୁବିଧା ନଥିବ, ତ କେତେବେଳେ ନିଦ୍ରା ଯିବା ପାଇଁ। କେମିତି ସହିବ ଏତେ କଷ୍ଟ। ସେଥିରେ ପୁଣି ଭାଇ ଭାଉଜଙ୍କ ସେବା। ତେବେ ଯେହେତୁ ମୁଁ ତୁମର ସହଧର୍ମିଣୀ ଘରେ ଥାଇବି ତୁମ ଦୁଃଖର ଭାଗୀଦାର ହୋଇ ପାରିବି। ।ମୁଁ ଯଦି ସତୀ ନାରୀ ,ମୋତେ ଆଶୀର୍ବାଦ କର.. ମୁଁ ଯାହା ଖାଇବି,



ମୋହରି ଖାଦ୍ୟରେ ତୁମ ଉଦର ପରିପୁଷ୍ଟ ହେବ। କ୍ଷୁଧା ନିବାରଣ ହେବ ।ମୁଁ ଶୋଇଲେ ତୁମ ଆଖିକୁ ନିଦ୍ରା ଆସିବନି। ଲକ୍ଷ୍ମଣ କହିଲେ - ମୋର ଆଶୀର୍ବାଦ ଆଉ ଭଲ ପାଇବା ସଦା ବେଳେ ତମ ସହିତ ଅଛି। ପରମବ୍ରହ୍ମ ନାରାୟଣଙ୍କୁ ପ୍ରାର୍ଥନା କରୁଛି ସେ ତୁମର ମନବାଞ୍ଛା ପୂର୍ଣ୍ଣ କରନ୍ତୁ । ସତୀ ଉର୍ମିଳାଙ୍କ ତ୍ୟାଗ ଓ ସାଧନା ଫଳରେ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଥିଲା।

ରାମ ରାବଣ ଯୁଦ୍ଧର ଅନ୍ତିମ ପର୍ଯ୍ୟାୟରେ ଇନ୍ଦ୍ରଜିତ ଆସିଲେ ରଣ ଭୂମିକୁ। ବିଭୀଷଣ କହିଲେ - ଇନ୍ଦ୍ରଜିତଙ୍କୁ ପରାସ୍ତ କରିବା ସହଜ ସାଧ ନୁହେଁ। କେବଳ ଇନ୍ଦ୍ରିୟ ମାନଙ୍କୁ ଜୟ କରିଥିବା ଏବଂ ବାର ବର୍ଷ କାଳ ଆହାର, ନିଦ୍ରା ପରିହାର କରିଥିବା ବ୍ୟକ୍ତିହିଁ ତାଙ୍କୁ ବଧ କରି ପାରିବେ। ଚିନ୍ତାରେ ପଡ଼ିଗଲେ ରାମଚନ୍ଦ୍ର। ଏଭଳି ବୀର ପୁରୁଷ ମିଳିବେ କାହୁଁ। ହାତଯୋଡି ହନୁମାନ କହିଲେ - ପ୍ରଭୁ, ସେଭଳି ବ୍ୟକ୍ତି ଆମ ପାଖରେ ଅଛନ୍ତି। ସେ ହେଲେ ଅନୁଜ ଲକ୍ଷ୍ମଣ। ରାମଚନ୍ଦ୍ର ଆନନ୍ଦରେ ଲକ୍ଷ୍ମଣ ଙ୍କୁ ଆଲିଙ୍ଗନ କଲେ। ଇନ୍ଦ୍ରଜିତ ସହିତ ଯୁଦ୍ଧ କରିବା ପୂର୍ବରୁ ଲକ୍ଷ୍ମଣ ଜ୍ୟେଷ୍ଠଙ୍କ ଆଶୀର୍ବାଦ ଭିକ୍ଷା କଲେ। ରାମଚନ୍ଦ୍ର କହିଲେ - ବିଜୟୀ ଭବ।

ତାପରେ ଲକ୍ଷ୍ମଣ ଏବଂ ଇନ୍ଦ୍ରଜିତ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା। ଯୁଦ୍ଧର ଶେଷ ପରିଣତି - ଇନ୍ଦ୍ରଜିତ ର ଶଚୋନୀୟ ପରାଜୟ ଓ ମୃତ୍ୟୁ। ଏ ସବୁ ସମ୍ଭବ ହୋଇଥିଲା କେବଳ ସ୍ତ୍ରୀ ଉର୍ମିଳାଙ୍କର ସତୀତ୍ୱ ଏବଂ ତ୍ୟାଗ ଯୋଗୁ !!!!

ସନ୍ତୋଷ ମିଶ୍ର
ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦

## ବାହାନା

ଆଗେ ତ ଫୁଲ ମାନେ
ଅତି ସରାଗରେ
ଡାକୁଥିଲେ ହାତ ଠାରି ।
ଏବେ ସେମାନଙ୍କ ସିନିହ
ସତେ କେଜାଣି କିଏ
କରିଅଛି ଚୋରୀ ।
ସପନ ବାଟ ତାଙ୍କର ଓଗାଳିଛି
ବୋଧେ ନିଦାଘର ଡହ ଡହ ଖରା ।
ମୋ କଥା ବୁଝିବାକୁ
ନାହିଁ ତାଙ୍କ ବେଳା
ଦୁଃଖର ଲମ୍ୱା ଛାଇଟା
ନ ଯାଇ ମିଳେଇ
ଚିପି ଧରିଛି ସୁଖର ଗଳା ।
ସବୁ ଖେଳ ଅଦୃଷ୍ଟର ଇସାରାରେ
ତୁଚ୍ଛାଟାରେ କେତେ କରିବି ବାହାନା ।
ଫୁଲ ମାନେ ଅକାରଣେ ହୋଇ ଆନମନା
ଦିଅନ୍ତି ଆଶ୍ୱାସନା
ନ ମଉଳେଇବା କୁ
ଆଶାର ଶେଷ ପିଣ୍ଡ ଦାନା ।

ସୁଧାକର ରାଉତ
ପ୍ରତାପ ନଗରୀ,କଟକ
ମୋ -୮୨୪୯୯୩୨୭୯୨

## କବି

ବାଣୀ ସାଧନାରେ ବ୍ରତୀ ତୁମେ ପରା କବି
କବିତାରେ ଆଙ୍କି ଥାଅ ସଂସାରର ଛବି,
ମିଳନ ବିରହ କେବେ ବିପ୍ଳବର ସ୍ୱର
ନବ ରସେ ତୁମ ସୃଷ୍ଟି ଅତୀବ ସୁନ୍ଦର ।।

ସୃଜନୀରେ ଫୁଟେ ତୁମ ଦୁନିଆ ବେଭାର
ଚିନ୍ତା ଚେତନାରେ ତୁମେ ସଦା ଆଗୁସାର,
ପ୍ରକୃତ ସତ୍ୟକୁ ତୁମେ ଉନ୍ମୋଚିତ କର
ଅସୀଠୁ ଧାରୁଆ ସତେ ଲେଖନୀ ତୁମର ।।



ଅସତ୍ୟ ରାତ୍ରିର ଅନ୍ତେ ତୁମେ ନବରବି
ଅନିତ୍ୟ ସଂସାରେ ତୁମେ ଅମର ହେ କବି
ନିଷ୍ପାପର ଗୁଣ ପାଇଁ ତୁମେ ମହାଯାନ
ପାଠକ ହୃଦୟେ ତୁମେ ସଦା ଅମଳିନ ।।

ତୁମ ଜ୍ଞାନାଲୋକେ ହଟେ କଳୁଷ ଅନ୍ଧାର
କେବେ ତୁମ ସ୍ୱର ଶୁଭେ ବିଦ୍ରୁପ ପ୍ରଖର,
ଅନ୍ୟାୟକୁ କରିପାର ତୁମେ ପ୍ରତିହତ
ସାଧକ ହେ ତୁମ ମନ ଶାଶ୍ୱତ ପବିତ୍ର ।।

ସଂସାର ରୁ ଅଜ୍ଞାନତା ତୁମେ ଦୂର କର
ସମାଜ ସଂସ୍କାରେ ପରା ତୁମେ କର୍ଣ୍ଣଧାର,
ତୁମେ ପରା ଗଢି ତୋଳ ନୂତନ ପୃଥିବୀ
ଦ୍ୱିତୀୟ ବ୍ରହ୍ମା ସ୍ୱରୂପ ତୁମେ ପରା କବି ।।

ସାରସ୍ୱତ ସାଧନାରେ ସ୍ରଷ୍ଟା ତୁମେ ବ୍ରତୀ
ଭକ୍ତିଭାବପୂର୍ଣ୍ଣ କେବେ ସୃଜନୀକା ଗୀତି,
କେବେ ପୁଣି ଉଦଘୋଷିତ ତୁମ ପ୍ରତିବାଦ
ସମାଜ ମଙ୍ଗଳାକାଂକ୍ଷୀ ତୁମେ ପୂଜାସ୍ପଦ ।।

ଆଦ୍ୟାଶା ମହାପାତ୍ର
ନୂଆପଡା, କଟକ

## କାଠ କଣ୍ଢେଇ

ରଙ୍ଗମଞ୍ଚର ସାଜସଜ୍ଜା ଅତି ଆକର୍ଷଣୀୟ
ସାମ୍ନାରେ ପ୍ରତୀକ୍ଷା ବସିଥାନ୍ତି ଯେତେ ଦର୍ଶକ
ପରଦା ଉଠିଲେ ଜଳି ଉଠେ ଆଲୁଅ
ଜୀବନ୍ତ ରୂପ ନେଇ ନାଚନ୍ତି କାଠ କଣ୍ଢେଇ
ନିଖୁଣ ଅଭିନୟ ଲାଗେ ବାସ୍ତବ ପରି
କଣ୍ଢେଇ ସବୁରେ ବନ୍ଧା ହୋଇଥାଏ ଡୋର
ଅଦୃଶ୍ୟରେ ରହି ସୂତ୍ରଧର ନାଚାଉ ଥାଆନ୍ତି
ହାତେ ଧରି ଟାଣନ୍ତି ସେ ଇଚ୍ଛା ଅନୁସାରେ
ନାଚ ଦେଖି ସଭିଏଁ ହୁଅନ୍ତି ରୋମାଞ୍ଚିତ
ସ୍ତବ୍ଧ ମୁଗ୍ଧରେ ରହିଥାନ୍ତି ତନ୍ମୟ ହୋଇ
ପରୋକ୍ଷର ଖେଳ ମଞ୍ଚରେ ହୁଏ ପ୍ରତ୍ୟକ୍ଷ
କାଠ କଣ୍ଢେଇ କିଛି ଜାଣି ବୁଝି ପାରେ ନାହିଁ
ନୁହେଁ ସେ ଜୀବନ୍ତ ନାହିଁ ତାର ଚେତନା ଶକ୍ତି
ଯେଣିକି ଟଣାହୁଏ ବନ୍ଧା ହୋଇଥିବା ଡୋର
ତେଣିକି ଯାଏ ସମୟ ନ କରି ବିଳମ୍ବ
କାଠ କଣ୍ଢେଇର ନାଚ ପରି ଏ ମଣିଷ ନାଚେ
ଥାଇ ମଧ୍ୟ ମନ ହୃଦୟରେ ତାର ଅନୁଭବ
ଜୀବନ ନେଇ ଦୁନିଆଁର ବିରାଟ ମଞ୍ଚରେ
ଭାବେ ଯେତେ ଯା' ହୁଏ ସେ ନିଜେ କରୁଛି
ଅଜ୍ଞାନ ବଶତଃ ଚିନ୍ତେ ସେ ସବୁକୁ ନଚାଉଛି
ଭୁଲିଯାଏ ସେ ଅନ୍ୟ କାହା ଦ୍ୱାରା ନାଚୁଛି
ଶରୀରରେ ମନ ଇନ୍ଦ୍ରିୟ ବୁଦ୍ଧି ଜ୍ଞାନ ବିବେକ
ଇଚ୍ଛା ଥାଇ ମଧ୍ୟ ପାରେନା କରି ଚାହେଁ ଯା'
ମାୟାର ବନ୍ଧନେ ହୋଇଥାଏ ସେ ବଶ
ସପନ ଦେଖେ ଅନେକ ସବୁ ହୁଏନା ସାକାର
ଆଶା ରଖେ ଯେତେ ହୁଏ ନାହିଁ ଫଳବତୀ
ସେ ଅଦୃଶ୍ୟର ନିର୍ଦ୍ଦେଶକ ହିଁ କରୁଥାନ୍ତି ସବୁ
ତାଙ୍କ ଇଙ୍ଗିତ ବିନା କିଛି ହୁଏନା ସମ୍ଭବ
ବନ୍ଧାଥିବା ଡୋର ପରି ତ ମଣିଷର ଜୀବନ
ଏଇ ଅଛି ଏଇ ନାହିଁ ରହିଥାଏ ଅନିଶ୍ଚିତ
ତାର ଅବଧି ଜଣା ନ ଥାଏ କେବେ କାହାକୁ
ସେ ନାଚୁଥାଏ ହୋଇ ଏକ କାଠ କଣ୍ଢେଇ
ମୋହରେ ମୋହିତ ହୋଇ ଭାବେ ସେ
ସ୍ତ୍ରୀ ପୁତ୍ର କନ୍ୟା ପରିବାର ଯେତେ ସବୁ ତାର
ଘର ସଂସାର ଧନ ସମ୍ପତ୍ତି ପ୍ରତିପତ୍ତି ପ୍ରତିଷ୍ଠା
ହାତ ମୁଠାରେ ଧରିଛି କିଏ ବା ନେବ ଛଡାଇ
କରେନା ହେତୁ ସବୁ ଯିବ ଅହେତୁକରେ
ଜୀବନ ଥାଇ ମଧ୍ୟ ସେ କାଠ କଣ୍ଢେଇ ପରି।

କବିରତ୍ନ ନୂତନ କୁମାର ବେହେରା
କୋହି,ବାରିପଦା,ମୟୂରଭଞ୍ଜ,
ଦୂରଭାଷା - ୮୦୧୮୩୫୩୩୨୨

## ନିଶବ୍ଦ ନୂପୁର

ଏବେ ମୁଁ ଫେରିଛି ଦୂର ବିଦେଶରୁ
ତୁମ ମୁହଁଯାଏ ଦିଶି
ସତେକି ଆକାଶେ ପୁନେଇଁରାତିରେ
ଉଇଁଚି ସରଗଶଶୀ ।।

ମାଗୁଚି ତୁମର ପ୍ରୀତିର ପରଶ
ହଜିଲା ଦିନର ସ୍ମୃତି
ସେଦିନ ପରିକା ଆଜିବି ଫୁଲରେ
ବସିଛି ପରଜାପତି ।।

ଆଜିବି ଫୁଲର କୋଳରେ ଗାଉଛି
ଭଅଁର ନିଛନ୍ଦେ ଗୀତ
ଆସିଛି ବସନ୍ତ ଦୁନିଆ ଛାତିରୁ
ମେଲାଣି ନେଇଛି ଶୀତ ।।

ଫୁଲର ମହକ ବାଣ୍ଟୁଛି ପୁଲକ
ଛୁଇଁ ଛୁଇଁ ତନୁମନ
ହଜିଯାଏ ସଖୀ ରଖିଥିଲା ଆଖି
ସାଇତା ସପନ ଧନ ।।

କୃଷ୍ଣଚୂଡ଼ାର ରଙ୍ଗ ତୁମ ଓଠେ
ବିଧାତା ଦେଇଛି ମାଖି
ବିଜନ ବେଳାରେ ତୁମର ଠିକଣା
ଖୋଜୁଛି କେତେ ମୁଁ ସଖୀ ।।

ମନତ ଦେଇଛ ସାଥୀ ଟିଏ ମୋର
ହେବାକୁ ଦେଇଛ କଥା
ତୁମକୁ ନପାଇ ଆଗୋ ଲାସ୍ୟମୟୀ
ପାଉଛି ବିଚ୍ଛେଦ ବ୍ୟଥା ।।

ତୁମରି ଚାହାଣୀ ମୋ ପ୍ରେମ କାହାଣୀ
ସାଜେତ ଅତୀତ ସ୍ମୃତି
ନିଶବ୍ଦନୂପୁର ବାଜୁନାହିଁ ଆଉ
ହେବକି ସମ୍ପର୍କ ଇତି ।।

ପ୍ରଶାନ୍ତ କୁମାର ଦାଶ
କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ- ୯୬୬୮୮୨୨୧୯୦

## ଚଇତ୍ର ମାସର ପରବ

ବସନ୍ତ ଋତୁରେ ଚଇତ୍ର ମାସରେ
ଯାତରା ପରବ ହୁଏ
ଆମ ପରମ୍ପରା ସଭ୍ୟତା ସଂସ୍କୃତି
ନିଆରା ଆନନ୍ଦ ଦିଏ ।
ରାଧା କୃଷ୍ଣଙ୍କର ଦୋଳ ଯାତରାଟି
ଦଶଦିନ ଲାଗିଥାଏ
ଦଣ୍ଡ ଠାକୁରଙ୍କ ମାସଟି ଏପରା
ନାଚ ଗିତେ କମ୍ପିଯାଏ ।
ଚଇତ୍ର ମାସରେ ହୁଅଇ ପାଳନ
ବାସନ୍ତୀକ ଦୁର୍ଗାପୂଜା
ଭକ୍ତିରେ ପୂଜିଲେ ଆଶିଷ ଢାଳନ୍ତି
ମହାମାୟୀ ଦଶଭୂଜା ।
ପଣାସଂକ୍ରାନ୍ତିରେ ପାଳିଥାନ୍ତି ଜନେ
ହନୁମାନଙ୍କ ଜୟନ୍ତୀ
ଭକ୍ତିରେ ପୂଜିଲେ ବୁଦ୍ଧି ଜ୍ଞାନ ଦେଇ
ଦୁର୍ଗତି ଖଣ୍ଡନ କରନ୍ତି ।
ଶ୍ରୀରାମ ନବମୀ ତିଥିଟି ହେଉଛି
ରାମଙ୍କ ଜନମ ଦିନ
ଉପବାସ ରହି ଭକତ କରନ୍ତି
ପ୍ରଭୁଙ୍କ ଦିବ୍ୟ ଦର୍ଶନ ।
ଲିଙ୍ଗରାଜଙ୍କର ରୁକୁଣା ରଥଟି
ଅଶୋକାଷ୍ଟମୀ ରେ ଗଡେ
ଓଡ଼ିଆ ମାନଙ୍କ ନବ ବରଷଟି
ଚଇତ୍ର ମାସରେ ପଡେ ।
ପଣା ସଂକ୍ରାନ୍ତିରେ ବେଲ ଆମ୍ବ ଛେନା
ପଣାଟି ତିଆରି ହୁଏ
ଦେବାଦେବୀ ପିଠେ ଯାତରା ହୁଅଇ
ପଣା ପୂଜା ହୋଇ ଥାଏ ।
ମାଆ ହିଙ୍ଗୁଳାଙ୍କ ପରବ ପାଳିତ
ହୁଅଇ ଚଇତ୍ର ମାସେ
ଆଲୋକ ସଜ୍ଜାରେ ଜନ ଗହଳିରେ
ସବୁରି ମନ୍ଦିର ହସେ ।
ନାରୀଏ ପାଳନ୍ତି ମଙ୍ଗଳା କୋଠିରେ
ଚଇତ୍ର ମଙ୍ଗଳ ବାର
ମନସ୍କାମ ତାଙ୍କ ପୂରଣ କରନ୍ତି
ଝରାଇ ଆଶିଷ ଧାର ।
କୋଠିରୁ କଳସ ଉଠାଇ କାଳେସୀ
ଗାଆଁ ଦାଣ୍ଡେ ନାଚ କରେ
ନିଷ୍ଠାରେ ପାଳନ୍ତି ଦଣ୍ଡୁଆ ମାନେଟି
ଏଇ ଚଇତ୍ର ମାସରେ
ମାଆ ତାରିଣୀଙ୍କ ଚଇତି ଯାତରା
ପୂର୍ଣ୍ଣମୀ ତିଥିରେ ହୁଏ
କୈବର୍ତ୍ତ ମାନଙ୍କ ଘୋଡା ନାଚ ଗୀତ
ସବୁରି ମନକୁ ଛୁଏଁ ।

ନଳିନୀ ଦାଶ,
ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ- ୯୨୩୮୯୯୭୬୪୯

## ପ୍ରିୟା ତୁମ ପ୍ରତୀକ୍ଷାରେ...



ତୁମ ହାତ ଲେଖା ଚିଠି ପଢିସାରି
ଅଜଣାତେ ଦେଲି ଚିରି
ତୁମେ ମିଶିଗଲ ମୋ ଶରୀରେ ଆସି
ବହୁ ଅନୁନୟ କରି
ହେଲେ ରହିଗଲା ଦାଗ
ଯେଉଁ ମିଛ ପାଇଁ ବିଷାଦରେ ଥିଲି
ଆଉକି ସେ ହେବ ସ୍ୱର୍ଗ।
ମଧୁର ସମ୍ପର୍କ ଫାଟିଗଲା ପରେ
ଯୋଡିଲ ମମତା ଖିଅ
ତୁମେ ରହିଗଲ ଅକୁହା ଶବ୍ଦରେ
ସାଜି ମୋ ଆଖିର ଲୁହ
ନଭୁଲିବି ସେହି ସ୍ମୃତି
ପ୍ରୀତି ପୀୟୂଷର ଅମୃତ ଧାରାରେ
ମିଳିବ କି ଆତ୍ମତୃପ୍ତି।
ଭଂଗା ଗଢା ଏଇ ଧର୍ମର ଦୁନିଆଁ
ଛାଇ ଆଲୁଅର ଖେଳ
ଅତୀତକୁ ଭୁଲି ଆଗକୁ ବଢିବା
ଖୋଜେ ଦୃଢ ମନୋବଳ
ତୁମ ଶୁଭ ଆଗମନେ
ଆମ ମିଠା ସ୍ୱପ୍ନ ସାକାର ହୋଇବ
ଭାବୁଛି ମୁଁ ମନେ ମନେ।
ଆଉ ଥରେ ତୁମ ସାଇତା ଚିଠିକୁ
ପଢିବି ବିଷାଦ ତେଜି
ପ୍ରଥମ ଦେଖାର ତୁମ ସ୍ମିତ ହସ
ଭାରି ମନେ ପଡେ ଆଜି
ତୁମ ପାଇଁ ମନ ଝୁରେ
ହୃଦୟ ସ୍ପନ୍ଦନ ଲାଗେ ବୀଣା ସ୍ୱନ
ପ୍ରିୟା ତୁମ ପ୍ରତୀକ୍ଷାରେ।

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

• ଗ୍ରାମୀଣ ଭିତ୍ତିଭୂମି ସୁଦୃଢ଼ କରିଛି ଆଦାନୀ ଫାଉଣ୍ଡେସନ

# ସୁନିଶ୍ଚିତ ଯୋଗାଯୋଗ ଏବଂ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ

**ଧାମରା:** ଆଦାନୀ ଧାମରା ପୋର୍ଟ ବିଭିନ୍ନ ପ୍ରକାର ପଦକ୍ଷେପ ମାଧ୍ୟମରେ ଏହାର ପାରିପାର୍ଶ୍ୱସ୍ଥ ଅଞ୍ଚଳରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ । ସ୍ୱାସ୍ଥ୍ୟସେବା ଠାରୁ ଆରମ୍ଭ କରି ଜୀବନ ଜୀବିକାରେ ସହାୟତା, ଚାଷୀମାନଙ୍କୁ ସଶକ୍ତ କରିବା ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀମାନଙ୍କ ଶିକ୍ଷାର ବିକାଶ, ଯୋଗାଯୋଗ ଭିତ୍ତିଭୂମିର ବିକାଶ ଠାରୁ ଆରମ୍ଭ କରି ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପର୍ଯ୍ୟନ୍ତ ପୋର୍ଟର ସିଏସ୍ଆର୍ ବିଭାଗ ଆଦାନୀ ଫାଉଣ୍ଡେସନ ସ୍ଥାନୀୟ ଅଞ୍ଚଳର ମୌଳିକ ଆବଶ୍ୟକତାକୁ ପୂରଣ କରିଆସୁଅଛି ।

ଏହି କ୍ରମରେ ରବିନ୍ଦ୍ରନଗର ଠାରୁ ଚନ୍ଦନୀପାଳ ମାଛ ମାର୍କେଟ ପର୍ଯ୍ୟନ୍ତ ରାସ୍ତା ପୂର୍ବରୁ ଏକ କଚ୍ଚା ମାଟି ରାସ୍ତା ଥିଲା, ଯଦ୍ୱାରା ଦୈନନ୍ଦିନ ଯାତାୟତ କଷ୍ଟକର ହୋଇପଡ଼ିଥିଲା । ସେହିପରି ଧାମରା ପଞ୍ଚାୟତକୁ ସଂଯୋଗ କରୁଥିବା ଡିନାଁନରସିଂପୁର ରାସ୍ତାରେ ମଧ୍ୟ ଉପଯୁକ୍ତ ଭିତ୍ତିଭୂମିର ଅଭାବ ଥିଲା। ସ୍ଥାନୀୟ ପଞ୍ଚାୟତର




ଅନୁରୋଧକୁ ଗ୍ରହଣ କରି ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏକ ସର୍ଭେ କରାଯାଇ ରବିନ୍ଦ୍ରନଗର ଠାରୁ ଚନ୍ଦନୀପାଳ ପର୍ଯ୍ୟନ୍ତ ୧.୫ କି.ମି ରାସ୍ତା ଏବଂ ଧାମରା ପଞ୍ଚାୟତ ରୁ ଡିନାଁନରସିଂପୁର ରାସ୍ତା ୬୭୦ ମିଟର ରାସ୍ତା ନିର୍ମାଣ କରିଯାଇଛି । ଏହି ରାସ୍ତା ନିର୍ମାଣ ଯୋଗୁ ସ୍ଥାନୀୟ ବାସିନ୍ଦା ସହଜରେ ଯାତୟତ କରିପାରୁଛନ୍ତି । ଏତଦ୍‌ବ୍ୟତୀତ, ଆଦାନୀ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ସ୍ୱଚ୍ଛ ପାନୀୟଜଳ ସମସ୍ୟାକୁ ସମାଧାନ କରାଯାଇ ଜିଲାର ବିଭିନ୍ନ ପଞ୍ଚାୟତରେ ୪୫ ଟି ନଳକୂପ ସ୍ଥାପନା କରାଯାଇଛି । ସାମୁଦ୍ରିକ ତଟବର୍ତ୍ତୀ ଅଞ୍ଚଳରେ ଭୂତଳ ଜଳ ଲୁଣିଆ ଥିବାବେଳେ ସ୍ଥାନୀୟ ଗ୍ରାମବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳର ଏକ ନିର୍ଭରଯୋଗ୍ୟ ଉତ୍ସ ଯୋଗାଇବା ଆଦାନୀ ଫାଉଣ୍ଡେସନର ମୂଳଲକ୍ଷ୍ୟ ।

ଏହି ବିକାଶମୂଳକ କାର୍ଯ୍ୟ ବ୍ୟତୀତ, ଆଦାନୀ ଫାଉଣ୍ଡେସନ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳ ଏବଂ ରେଳ କରିଡର ଅଞ୍ଚଳରେ ଭିତ୍ତିଭୂମିର ଅଭାବ ପୂରଣ କରିବାରେ ଲାଗିଛି । ସମୁଦାୟର ସ୍ଥାୟୀ ବିକାଶ ପ୍ରତି ଏକ ଦୃଢ଼ ପ୍ରତିଶ୍ରୁତିବଦ୍ଧ ସହିତ, ଆଦାନୀ ଫାଉଣ୍ଡେସନ ଭଦ୍ରକ ଲୋକଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃବିକାଶ କରିଛି ।

ସିନ୍ଧେକେଲାରେ ଘରୋଇ ସ୍କୁଲ ବସ ଦୁର୍ଘଟଣା

# ଚାଳକ ଗୁରୁତର, ୧୦ ଆହତ

**ସିନ୍ଧେକେଲା:** ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଶୁଣ୍ଢିମୁଣ୍ଡା ନିକଟରେ ଏକ ଘରୋଇ ସ୍କୁଲ ବସ ଦୁର୍ଘଟଣା ଘଟିଛି । ସୂଚନାନୁଯାୟୀ ଖଡ଼ିଆଳ ସ୍ଥିତ ମହାତ୍ମା ଗାନ୍ଧୀ ସାଇନ୍ସ କଲେଜ୍ ର ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀମାନଙ୍କୁ ନେଇ ଓଡି ୨୬ ଡି ୬୧୭୧ ନମ୍ବର ବସରେ ଖଡ଼ିଆଳରୁ ଭବାନୀପାଟଣା ପଟକୁ ଯାଉଥିଲା। ତେବେ କୌଣସି କାରଣରୁ ୧୬ ନମ୍ବର ରାଜ୍ୟ ରାଜପଥ କଡ଼ରେ ଅବସ୍ଥିତ ଶୁଣ୍ଢିମୁଣ୍ଡା ନିକଟରେ ବସଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା।

ଖଡ଼ିଆଳ ସ୍ଥିତ ମହାତ୍ମା ଗାନ୍ଧୀ ସାଇନ୍ସ କଲେଜ୍ ର ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀମାନଙ୍କୁ ନେଇ ଓଡି ୨୬ ଡି ୬୧୭୧ ନମ୍ବର ବସରେ ଖଡ଼ିଆଳରୁ ଭବାନୀପାଟଣା ପଟକୁ ଯାଉଥିଲା। ତେବେ କୌଣସି କାରଣରୁ ୧୬ ନମ୍ବର ରାଜ୍ୟ ରାଜପଥ କଡ଼ରେ ଅବସ୍ଥିତ ଶୁଣ୍ଢିମୁଣ୍ଡା ନିକଟରେ ବସଟି ଭାରସାମ୍ୟ ହରାଇ ଓଲଟି




ପଡିଥିଲା। ଏହାଫଳରେ ଚାଳକ ଅତି ଗୁରୁତର ଥିବାବେଳେ ପ୍ରାୟ ୧୦ ଜଣ ଛାତ୍ରଛାତ୍ରୀ ଗୁରୁତର ଓ ପ୍ରାୟ ୩୦ ସାମାନ୍ୟ ଆହତ ହୋଇଥିବା ପ୍ରତ୍ୟକ୍ଷଦର୍ଶୀମାନଙ୍କ ଠାରୁ ସୂଚନା ମିଳିଛି।

ଆନ୍ଧ୍ର ବାବୁଙ୍କ ଅନୁପ୍ରବେଶ

# କୋଟିଆରେ ଆଙ୍ଗୁଠି ଛାପ ସଂଗ୍ରହ

**କୋଟିଆ ପଞ୍ଚାୟତର ନେରେଡିବାଲସା ଚଳଚଞ୍ଚଳ ହୋଇଥିଲା। ଗୋଟିଏ ତେନ୍ତୁଳି ଗଛମୂଳରେ ଆଧାରକାର୍ଡ ଧରି ଏକାଠି ହୋଇଥିଲେ ପେନ୍‌ସନ୍ ହିତାଧିକାରୀ, ଦିବ୍ୟାଙ୍ଗ ଓ ଛାତ୍ରଛାତ୍ରୀ। ଲୁଚିଛପି ଅନୁପ୍ରବେଶ କରିଥିବା ଆନ୍ଧ୍ରର ବିଭିନ୍ନ ବିଭାଗ ଅଧିକାରୀ ସମସ୍ତଙ୍କ ଆଙ୍ଗୁଠି ଛାପ ନେଇଥିଲେ।**

**ପଟାଙ୍ଗି:** ଦ୍ୱୈତ ଆଧାରକାର୍ଡ ଯୋଗୁଁ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଥିଲେ କୋଟିଆବାସୀ। ଗଣମାଧ୍ୟମରେ ଖବର ପ୍ରକାଶ ପରେ ତତ୍ପର ହୋଇଥିଲା ପ୍ରଶାସନ। ସମସ୍ତ ଯୋଗ୍ୟ ମହିଳା ଯୋଜନାରେ ସାମିଲ ହେବେ ବୋଲି ପ୍ରକାଶ କରି ଗାଁ ଗାଁ ବୁଲି ହିତାଧିକାରୀଙ୍କ ସନ୍ଧାନ କରିଥିଲା। ଯାହାକୁ ସହ୍ୟ କରିପାରିନି ଆନ୍ଧ୍ର। ହିତାଧିକାରୀଙ୍କ ହକ୍ ମାରିବା ପାଇଁ ଆଜି କୋଟିଆରେ ଅନୁପ୍ରବେଶ କରିଛନ୍ତି ଆନ୍ଧ୍ର ଅଧିକାରୀ।

କୋଟିଆ ପଞ୍ଚାୟତର ନେରେଡିବାଲସା ଚଳଚଞ୍ଚଳ ହୋଇଥିଲା। ଗୋଟିଏ ତେନ୍ତୁଳି ଗଛମୂଳରେ ଆଧାରକାର୍ଡ ଧରି ଏକାଠି ହୋଇଥିଲେ ପେନ୍‌ସନ୍ ହିତାଧିକାରୀ, ଦିବ୍ୟାଙ୍ଗ ଓ ଛାତ୍ରଛାତ୍ରୀ। ଲୁଚିଛପି ଅନୁପ୍ରବେଶ କରିଥିବା ଆନ୍ଧ୍ରର ବିଭିନ୍ନ ବିଭାଗ ଅଧିକାରୀ ସମସ୍ତଙ୍କ ଆଙ୍ଗୁଠି ଛାପ ନେଇଥିଲେ। ସେମାନେ ଆଧାରକାର୍ଡ ଅପଡେଟ୍ ସହ ଇ-କେୱାଇସି କରିଥିବା ସୂଚନା ମିଳିଛି। ଆନ୍ଧ୍ର ସରକାରଙ୍କ ସମସ୍ତ ଯୋଜନାରୁ ଜଣେ ବି ହିତାଧିକାରୀ ଯେମିତି ବଞ୍ଚିତ ନ ହୁଅନ୍ତି ତାହାକୁ ଗୁରୁତ୍ୱ ଦେଇଥିଲେ ଅଧିକାରୀ। କାମ ସାରି ଚୁପ୍‌ଚାପ୍ ଅଧିକାରୀ ଫେରି ଯାଇଥିଲେ।

ଅଧିକାରୀଙ୍କ ଏଭଳି ଅନୁପ୍ରବେଶ ପଛରେ ବଡ଼ ଷଡ୍‌ଯନ୍ତ୍ର ଥିଲା ବୋଲି ସୂଚନା



ମିଳିଛି। ସରକାରୀ ଯୋଜନା ନିମନ୍ତେ ଆଧାରକାର୍ଡ ବାଧ୍ୟତାମୂଳକ ହୋଇଛି। କୋଟିଆବାସୀଙ୍କ ନିକଟରେ ଦୁଇଟି ରାଜ୍ୟର ଆଧାରକାର୍ଡ ରହିଛି। ତେଣୁ ସୁଭଦ୍ରା ଯୋଜନା ପଞ୍ଜୀକରଣ ସମୟରେ ସମସ୍ୟା ହୋଇଥିଲା। ବହୁ ସଂଖ୍ୟାରେ ହିତାଧିକାରୀ ଯୋଜନାରୁ ବଞ୍ଚିତ ହୋଇଥିଲେ। ସମାଲୋଚନାର ସ୍ୱର ତୀବ୍ର ହେବାରୁ ପ୍ରଶାସନ ବିନା ଆଧାରକାର୍ଡରେ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିଥିଲା। ଏହି ଖବର ଆନ୍ଧ୍ର ପ୍ରଶାସନ ନିକଟରେ ପହଞ୍ଚିବା ପରେ ଲୋକଙ୍କ ମନରେ ବିଷ ଭରିବା ପାଇଁ କୋଟିଆରେ ପହଞ୍ଚିଥିଲେ। ସୁଭଦ୍ରା ଯୋଜନାରେ ସହାୟତା ନେଲେ ଆନ୍ଧ୍ରର ସମସ୍ତ ଯୋଜନାରୁ ବଞ୍ଚିତ ହେବେ ବୋଲି କହି ଲୋକଙ୍କୁ ଭୟଭୀତ କରିଥିଲେ। ଏହାପରେ ଆଧାରକାର୍ଡ ମାଗି ଇ-କେୱାଇସି କରିଥିଲେ। ଯାହାଫଳରେ ଆଗକୁ ଓଡ଼ିଶା ସରକାର ଯାହା ବି ଯୋଜନା କରିବେ ସେଥିରୁ କୋଟିଆବାସୀ ଆପେଆପେ ବଞ୍ଚିତ ହେବେ। ସେହିପରି ସୁପ୍ରିମକୋର୍ଟରେ ବିଚାରାଧୀନ ମାମଲା ପାଇଁ ପ୍ରମାଣ ଠୁଳର ଏହା ଗୋଟିଏ ପ୍ରୟାସ। କାରଣ ଆନ୍ଧ୍ରର ସମସ୍ତ ଯୋଜନାରେ ହିତାଧିକାରୀଙ୍କ ଆଧାରକାର୍ଡ ଲିଙ୍କ୍ ହୋଇଛି। ଅନ୍ୟପଟେ ଓଡ଼ିଶା ସରକାର ବିନା ଆଧାରକାର୍ଡରେ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରୁଛନ୍ତି।

## ଝୁନଝୁନ ୱାଲା ବିଦ୍ୟାପୀଠରେ କ୍ରୀଡା ଉତ୍ସବ



**ବାରଙ୍ଗ(ମାନିସ):** କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ଅଂଚଳର ସର୍ବପୁରାତନ ଐତ୍ୟହ ସମ୍ପୂର୍ଣ ଏକ ମାତ୍ର ଶିକ୍ଷା ଅନୁଷ୍ଠାନ ଝୁନଝୁନ ୱାଲା ବିଦ୍ୟାପୀଠକୁ ପିଏମଶ୍ରୀ ସ୍କୁଲ ଯୋଜନା ଅନ୍ତର୍ଭୁକ୍ତ କରା ଯାଇଅଛି। ପିଏମ ଶ୍ରୀ ବାର୍ଷିକ କ୍ରୀଡା ଉତ୍ସବ ପ୍ରଧାନ ଶିକ୍ଷୟତ୍ରୀ ଆରତୀ ରାଉତଙ୍କ ଅଦ୍ୟକ୍ଷୟତାରେ ଶନିବାର ଦିନ ଆୟୋଜିତ କରା ଯାଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ଯୁକ୍ତ ବିଭୁତି ଭୂଷଣ ବେହେରା ଯୋଗ ଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଓଡିଶା ଫୁଟବଲ କୋଚ ନୀତେନ୍ଦ୍ର କୁମାର ଦାସ ଯୋଗ ଦେଇ ରାଜ୍ୟ ସ୍ତରୀୟ ଫୁଟବଲ ଖେଳିଥିବା ଛାତ୍ର ଛାତ୍ରୀ ଙ୍କୁ ସିଲ ପ୍ରଦାନ କରିଥଲେ ।ଆଲୁମୁନି ସଭ୍ୟ ବୃନ୍ଦ ସମେତ ବିଦ୍ୟାଳୟ ପରିଚଳନା କମିଟି, ଅଭିଭାବକ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନାରେ ଅଂଶ ଗ୍ରହଣ କରିଥଲେ ।ରାଜ୍ୟ ସ୍ତରୀୟ ଫୁଟବଲ ଖେଳାଳୀ ବର୍ଷା ସୋରେନେ,ସୋନାଲି ମୁରୁମୁ , ରଶ୍ମିତା ସୋରେନେ,ଶୁଭଶ୍ରୀ ବେହେରା ଙ୍କୁ ଆସିଥବା ରାଜ୍ୟ ସ୍ତରୀୟ ଫୁଟବଲ କୋଚ ଖେଳର ଅଧିକ ଖେଳିବା ପାଇଁ ଉତ୍ସହପ୍ରଦାନ କରିଥିଲେ ।

କୁଚିଣ୍ଡା ଓକିଲ ସଙ୍ଘର ନିର୍ବାଚନ

# ଅଇଁଠୁ ରାଉତ ସଭାପତି ଓ ଅସିତ ଗଙ୍ଗଦେବ ସମ୍ପାଦକ ନିର୍ବାଚିତ




**କୁଚିଣ୍ଡା:** ଶନିବାର କୁଚିଣ୍ଡା ବାର ଏସୋସିଏସନ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ,ଏହି ନିର୍ବାଚନରେ ଅଇଁଠୁ ରାଉତ ସଭାପତି ଓ ଅସିତ ଗଙ୍ଗଦେବ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ।

କୁଚିଣ୍ଡା ଓକିଲ ସଂଘର ନିର୍ବାଚନରେ ସମ୍ପାଦକ , କୋଷାଧ୍ୟକ୍ଷ ଏବଂ ଗ୍ରନ୍ଥାଗାରିକ ପଦ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ପତ୍ର ଦାଖଲ କରିଥିବାରୁ ସେମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ସଭାପତି, ଉପ ସଭାପତି ଏବଂ ଯୁଗ୍ମ ସମ୍ପାଦକ ପଦ ପାଇଁ ଦୁଇ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ, ସେହିପରି ପାଞ୍ଚୋଟି କାର୍ଯ୍ୟକାରୀ କମିଟି ସଦସ୍ୟ ପଦ ପାଇଁ ଛଅ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ଏଥିରେ ଅଇଁଠୁ ରାଉତ ସଭାପତି, ହୃଦାନନ୍ଦ ଶର୍ମା ଉପ ସଭାପତି , ଯୁଗ୍ମ ସମ୍ପାଦକ ଭାବେ ସଞ୍ଜୟ ବେହେରା ,ଜୟନ୍ତ କୁମାର ପ୍ରଧାନ ଗ୍ରାନ୍ଥଗାରିକ ଭାବରେ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ଅଶୋକ କୁମାର ମହାପାତ୍ର,ନଳିନ୍ଦ୍ର କୁମାର ପଟେଲ,ପ୍ରଦୀପ୍ତ କୁମାର ଶର୍ମା, ପ୍ରଶାନ୍ତ କୁମାର କର,ସଞ୍ଜୟ କୁମାର ପଟେଲ ନିର୍ବାଚିତ ହୋଇଥିଲେ । ଓକିଲ ସଂଘର ମୋଟ ୭୬ ଜଣ ସଦସ୍ୟଙ୍କ ମଧ୍ୟରୁ ୭୨ ଜଣ ସଦସ୍ୟ ଭୋଟ ଦେଇଥିଲେ। ଏହି ନିର୍ବାଚନ ପକ୍ରିୟାକୁ ନିର୍ବାଚନ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ଓ ସହ ନିର୍ବାଚନ ଅଧିକାରୀ ପ୍ରତାପ କୁମାର ପରିଡା ସୁଚାରୁ ରୂପେ ସମ୍ପାଦନ କରିଥିଲେ ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପାଳିଲା ହିନ୍ଦୁ ନବବର୍ଷ




**ବ୍ରହ୍ମପୁର, (ମାନିସ):** ରବିବାର ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ବ୍ରହ୍ମପୁର ନଗର ତରଫରୁ ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉତ୍ସବ ପାଳନ କରାଯାଇଛି । ଏହି ଅବସରରେ ବିଭିନ୍ନ ସ୍ଥାନରେ ପବିତ୍ର ଗୈରିକ ଭଗବା ଧ୍ୱଜ ଓ ଘୋଷବାଦ୍ୟ ସହ ଗଣବେଶଧାରୀ ସ୍ୱୟଂସେବକମାନେ ପଥସଞ୍ଚଳନ (ରୁଟ୍‌ମାର୍ଚ୍ଚ) କରିଥିଲେ। ଗୋସାଇଁନୂଆଗାଁ କାଳୁ ଆ ମନ୍ଦିରରୁ ପଥସଞ୍ଚଳନ ବାହାରି ବିଜିପୁର ପର୍ଯ୍ୟନ୍ତ ଯାଇ ପୁଣି ଫେରିଥିଲା। ସେଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ସହ-ନଗର କାର୍ଯ୍ୟବାହ ନୀଳକଣ୍ଠ ଚୌଧୁରୀ, ମୁଖ୍ୟ ବକ୍ତା ଜିଲ୍ଲା ବୌଦ୍ଧିକ ପ୍ରମୁଖ ଡି. ବାବୁଲା ଦୋରା, ସଭାପତି ତଥା ଜଗନ୍ନାଥ ଉପନଗର କାର୍ଯ୍ୟବାହ ପିଣ୍ଟୁ ସାହୁ ମଞ୍ଚାସୀନ ଥିଲେ । ହଜାର ହଜାର ବର୍ଷ ପ୍ରାଚୀନ ଭାରତୀୟ କାଳଗଣନା ପଦ୍ଧତି ଅନୁସାରେ ଏହି ଦିବସର ପୌରାଣିକ ଓ ଐତିହାସିକ ମହତ୍ତ୍ୱ ବର୍ଣ୍ଣନା କରିଥିଲେ ମୁଖ୍ୟ ବକ୍ତା । ସେହିପରି ସଂଘ ସ୍ଥାପନାର ଶତବାର୍ଷିକୀ ଅବସରରେ ଚଳିତ ବର୍ଷ ପଞ୍ଚ ପରିବର୍ତ୍ତନର ସଂକଳ୍ପ ଯଥା ଜାତି ପନ୍ଥ ଭେଦଭାବ ଶୂନ୍ୟ ସାମାଜିକ ସମରସତା, ପ୍ରକୃତି ତଥା ପରିବେଶ ସଂରକ୍ଷଣ, କୁଟୁମ୍ବ ସଂସ୍କାର ପ୍ରବୋଧନ, ନାଗରିକ କର୍ତ୍ତବ୍ୟ ଓ ସ୍ୱଦେଶୀ ଦିଗରେ ସ୍ୱୟଂସେବକମାନେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ସେ । ସନ୍ଧ୍ୟାରେ ମନ୍ଦିରରେ ମହାଆଳତୀ କରାଯାଇଥିଲା।

ସେହିପରି ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବଜାର, ଆସିକା ରୋଡ୍ ଓ ଇଞ୍ଜିନିୟରିଂ ସ୍କୁଲ ଅଞ୍ଚଳରେ ମଧ୍ୟ ବିଭିନ୍ନ ଶାଖାର ସ୍ୱୟଂସେବକମାନେ ସମ୍ମିଳିତ ହୋଇ ରାଷ୍ଟ୍ରୀୟ ନବବର୍ଷ ପାଳିଥିଲେ । ସ୍ୱୟଂସେବକ ଓ କାର୍ଯ୍ୟକର୍ତ୍ତାମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ ।

# ଚାଲମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ

**ନୂଆପଡ଼ା(ମାନିସ):** ଡୁମେରପାଣି କ୍ଲଷ୍ଟର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଚାଲମୁଣ୍ଡା ଠାରେ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳନ ହୋଇ ଯାଇଅଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରି ଶ୍ରୀମତୀ ଭାରତୀ ଠାକୁର୍ ଙ୍କ ଅଧକ୍ଷତା ରେ ଆୟୋଜିତ ଉତ୍ସବ ରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ଚୈତରାମ ନାଏକ ମୁଖ୍ୟ ଅତିଥି,



ଡୁମେରପାଣି ସି ଆର ସି ସି ଶ୍ରୀ ଅମିୟ ଜ୍ୟୋତି ପାଢ଼ୀ ମୁଖ୍ୟ ବକ୍ତା,ପରିଚାଳନା କମିଟି ର ଅଧକ୍ଷ ଶ୍ରୀ ଫଗ ସିଂ ମାଝୀ, ଅବସର ପ୍ରାପ୍ତ ଫରେଷ୍ଟର ଜଳନ୍ଧର ଭୁଏ , ଆର୍ଯ୍ୟନ ପବ୍ଲିକ ସ୍କୁଲ ର ପ୍ରିନ୍ସିପଲ୍ ପ୍ରୀତି ସୋନି , ଶିକ୍ଷକ ହିରାଲାଲ ସତନାମୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସର ରେ ବାର୍ଷିକ କ୍ରୀଡା ରେ ପୁରସ୍କାର ବିତରଣ କରାଯାଇ ଥିଲା । ସି ଆର ସି ସି ଶ୍ରୀ ପାଢ଼ୀ ମୋ ସ୍କୁଲ ଅଭିଯାନ ମାଧମ ରେ ଛାତ୍ର ଛାତ୍ରୀ ଙ୍କ ପାଇଁ ବେଞ୍ଚ ଡେସ୍କ କରି ଥିବାରୁ ଗ୍ରାମ ବାସି ଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା। ଶିକ୍ଷକ ଛବିଳ ବରିହା ମଞ୍ଚ ପରିଚଳନା କରିଥିବା ବେଳେ ଗ୍ରାମବାସୀ ଓ ପରିଚାଳନା କମିଟି ର ସଦସ୍ୟ ଙ୍କ ସହଯୋଗ ରେ କାର୍ଯକ୍ରମ ସଫଳ ହୋଇଥିଲା ।ଏହି ବର୍ଷ ସମସ୍ତ ବିଦ୍ୟାଳୟ ରେ ଏପରି ଉତ୍ସବ ହେଉ ଥିବାରୁ ଗ୍ରାମବାସୀ ତଥା ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ଓ ଗୋଷ୍ଠି ଶିକ୍ଷା ଅଧିକାରୀ ଙ୍କ ଉଦ୍ୟମ କୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ଶ୍ରୀମତୀ ଅଞ୍ଜୁଳତା ସାହୁ ବାର୍ଷିକ ଉତ୍ସବ ରେ ଉପସ୍ଥିତ ଥିବା ସମସ୍ତ ପରିଚାଳନା କମିଟି ର ସଦସ୍ୟ/ ସଦସ୍ୟା ,ଗ୍ରାମବାସୀ ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

DSPL-438
OIPR 10003/13/0139/2425

ଅଂଶୁଘାତ ସତର୍କତା
ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ଅଂଶୁଘାତର ଲକ୍ଷଣ

ପ୍ରବଳ ଝାଳ ବୋହିବା
ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
ପ୍ରବଳ ଶୋଷ ଲାଗିବା
ମାଂସପେଶୀ ଟାଙ୍କି ହେବା
ଅଚେତ ହେବା କିମ୍ବା ବାତ ମାରିବା

ପୂର୍ବ ସତର୍କତା

ସକାଳେ କିମ୍ବା ଉପରବେଳା ଖରା କମ୍ ଥିବାବେଳେ ବାହାରକୁ ଯାଆନ୍ତୁ
ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ
ହାଲୁକା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ଅଧିକ ଦୂର ଚାଲନ୍ତୁ ନାହିଁ
ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ

ଅଂଶୁଘାତର ପ୍ରତିକାର


ରୋଗୀକୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ ଓ.ଆର୍.ଏସ୍./ଚିନି ଲୁଣ ସର୍ବତ/ସାଦାପାଣି ପିଆନ୍ତୁ
ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
ମୁଣ୍ଡ ଧୋଇ ଦିଅନ୍ତୁ ଏବଂ ଓଦା କପଡାରେ ପୋଛନ୍ତୁ
ରୋଗୀକୁ ପଙ୍ଖା/କୁଲର/ଏସି ପବନରେ ଶୁଆଇ ଦିଅନ୍ତୁ
ଅବସ୍ଥାରେ ଉନ୍ନତି ନହେଲେ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଜଣାନ୍ତୁ କିମ୍ବା ଆମ୍ବୁଲାନ୍ସ ଡାକନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
MBA/24-25/0678

ମାତୃଭାଷା



# ହାଇଦ୍ରାବାଦକୁ ୭ ୱିକେଟରେ ପରାସ୍ତ କଲା ଦିଲ୍ଲୀ



### ସନ୍‌ରାଇଜର୍ସ ହାଇଦ୍ରାବାଦ : ୧୬୩/୧୦ (୧୮.୪)

| ବ୍ୟାଟ୍ସମ୍ୟାନ୍ | | ରନ୍ | ବଲ୍ |
|---|---|---|---|
| ଅଭିଶେକ ଶର୍ମା | ରନ୍‌ଆଉଟ୍ | ୧ | ୧ |
| ହେଡ୍ | କ୍ୟା ରାହୁଲ ବୋ ଷ୍ଟାର୍କ | ୨୨ | ୧୨ |
| ଈଶାନ କିଶାନ | କ୍ୟା ଷ୍ଟବ୍‌ସ ବୋ ଷ୍ଟାର୍କ | ୨ | ୫ |
| ନୀତିଶ ରେଡ୍ଡୀ | କ୍ୟା ଅକ୍ଷର ବୋ ଷ୍ଟାର୍କ | ୦ | ୨ |
| ଅନିକେତ ବର୍ମା | କ୍ୟା ଜ୍ୟାକ୍ ବୋ କୁଳଦୀପ | ୭୪ | ୪୧ |
| କ୍ଲାସିନ୍ | କ୍ୟା ବିପରାଜ ବୋ ମୋହିତ | ୩୨ | ୧୯ |
| ଅଭିନବ ମନହୋର | କ୍ୟା ପ୍ଲେସିସ୍ ବୋ କୁଳଦୀପ | ୪ | ୬ |
| କମିନ୍ସ | କ୍ୟା ପ୍ଲେସିସ୍ ବୋ ଷ୍ଟାର୍କ | ୯ | ୧୧ |
| ମଲଡର | କ୍ୟା ପ୍ଲେସିସ୍ ବୋ ଷ୍ଟାର୍କ | ୯ | ୧୧ |
| ହର୍ଷଲ ପଟେଲ | କ୍ୟା ଅକ୍ଷର ବୋ ଷ୍ଟାର୍କ | ୫ | ୯ |
| ସାମି | ନଟ୍‌ଆଉଟ୍ | ୧ | ୧ |
| ଅତିରିକ୍ତ | | ୧୧ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ମିଚେଲ ଷ୍ଟାର୍କ | ୩.୪ | ୦ | ୩୫ | ୫ |
| ମୁକେଶ କୁମାର | ୨ | ୦ | ୧୭ | ୦ |
| ଅକ୍ଷର | ୪ | ୦ | ୪୩ | ୦ |
| ବିପରାଜ ନିଗମ | ୨ | ୦ | ୨୫ | ୧ |
| ମୋହିତ ଶର୍ମା | ୩ | ୦ | ୨୫ | ୧ |
| କୁଳଦୀପ ଯାଦବ | ୪ | ୦ | ୨୨ | ୩ |

### ଦିଲ୍ଲୀ କ୍ୟାପିଟାଲ : ୧୬୬/୩ (୧୬ ଓଭର)

| ବ୍ୟାଟ୍ସମ୍ୟାନ୍ | | ରନ୍ | ବଲ୍ |
|---|---|---|---|
| ଜ୍ୟାକ୍ ଫ୍ରାସର | କ୍ୟା ଏବଂ ବୋ ଅନସାରୀ | ୩୮ | ୩୨ |
| ଫା୍ ଡୁ ପ୍ଲେସିସ୍ | କ୍ୟା ମଲଟର ବୋ ଅନସାରୀ | ୫୦ | ୨୭ |
| ଅଭିଷେକ ପୋରେଲ | ନଟ୍‌ଆଉଟ୍ | ୩୪ | ୧୮ |
| କେଏଲ୍ ରାହୁଲ | ବୋ ଜେସାନ ଅନସାରୀ | ୧୫ | ୫ |
| ଟ୍ରିଷ୍ଟାନ ଷ୍ଟବ୍‌ସ | ନଟ୍‌ଆଉଟ୍ | ୨୧ | ୧୪ |
| ଅତିରିକ୍ତ | | ୮ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ମହମ୍ମଦ ସାମି | ୩ | ୦ | ୩୧ | ୦ |
| ଅଭିଷେକ ଶର୍ମା | ୩ | ୦ | ୨୭ | ୦ |
| ପ୍ୟାଟ କମିନ୍ସ | ୨ | ୦ | ୨୭ | ୦ |
| ହର୍ଷଲ ପଟେଲ | ୩ | ୦ | ୧୭ | ୦ |
| ଜେସାନ୍ ଅନସାରୀ | ୪ | ୦ | ୪୨ | ୩ |
| ୱିଆନ୍ ମଲଡର | ୧ | ୦ | ୧୬ | ୦ |

ବିଶାଖାପାଟନମ୍, ୩୦।୩ : ନୂଆ ଅଧିନାୟକ ଅକ୍ଷର ପଟେଲଙ୍କ ନେତୃତ୍ୱରେ, ଦିଲ୍ଲୀ କ୍ୟାପିଟାଲ୍ସର ଆଇପିଏଲ ୨୦୨୫ ରେ ଦୃଢ଼ ପ୍ରଦର୍ଶନ ଜାରି ରହିଛି। ଶେଷ ଓଭରରେ ପ୍ରଥମ ମ୍ୟାଚ୍ ଜିତିଥିବା ଦିଲ୍ଲୀ କ୍ୟାପିଟାଲ୍ସ କ୍ରମାଗତ ଦ୍ୱିତୀୟ ମ୍ୟାଚ୍ ଜିତିଛି। ବିଶାଖାପାଟନମରେ ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ ଗତ ସିଜିନର ଫାଇନାଲିଷ୍ଟ ସନରାଇଜର୍ସ ହାଇଦ୍ରାବାଦକୁ ଏକପାଖିଆ ୭ ୱିକେଟ୍‌ରେ ପରାସ୍ତ କରିଛି। ଆଜି ଦିଲ୍ଲୀ ବିଜୟର ନାୟକ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଏବଂ ଫାଫ ଡୁ ପ୍ଲେସିସ୍ । ଷ୍ଟାର୍କ ପ୍ରଥମେ ୫ ୱିକେଟ୍ ନେଇ ସନରାଇଜର୍ସର ବିସ୍ଫୋରକ ବ୍ୟାଟିଂକୁ ଧ୍ୱସ କରିଥିଲେ। ସେହି ସମୟରେ, ୪୧ ବର୍ଷୀୟ ବ୍ୟାଟର ଫାଫ୍ ଡୁ ପ୍ଲେସିସ୍ ଏକ ଦମଦାର ଅର୍ଦ୍ଧଶତକ ହାସଲ କରିଛନ୍ତି । ଏହା ସହ ଦିଲ୍ଲୀ ୧୬୪ ରନର ବିଜୟ ଲକ୍ଷ୍ୟ ଅତି ସହଜରେ ହାସଲ କରିନେଇଛି। ୧୬ ଓଭରରେ ୩ ଓ୍ୱିକେଟ୍ ହରାଇ ୧୬୬ ରନ୍ ସହ ବିଜୟୀ ହୋଇଛି ଦିଲ୍ଲୀ କ୍ୟାପିଟାଲ୍ସ ।

ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପରଜାଏଣ୍ଟସ୍‌କୁ ଏହାର ଦ୍ୱିତୀୟ ଘରୋଇ ଗ୍ରାଉଣ୍ଡ ବିଶାଖାପାଟନମରେ ୧ ୱିକେଟ୍‌ରେ ପରାସ୍ତ କରିବା ପରେ, ଦିଲ୍ଲୀ ଏଠାରେ ଦ୍ୱିତୀୟ ମ୍ୟାଚ୍‌ରେ ଏକ ଚମତ୍କାର ବିଜୟ ହାସଲ କରିଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା କିନ୍ତୁ ପାୱାର ପ୍ଲେରେ ଦଳର ଖେଳ ଖରାପ ହୋଇଥିଲା । ଇନିଂସର ପ୍ରଥମ ଓଭରରେ ଅଭିଷେକ ଶର୍ମା ରନ ଆଉଟ୍ ହୋଇଥିଲେ ଏବଂ ଏହା ପରେ ହାଇଦ୍ରାବାଦ ଆଉ ପ୍ରତ୍ୟାବର୍ତ୍ତନ କରିପାରିନଥିଲା।

ଷ୍ଟାର୍କ ତାଙ୍କ ପରବର୍ତ୍ତୀ ଓଭରରେ ଇଶାନ କିଶନ ଏବଂ ନୀତିଶ କୁମାର ରେଡ୍ଡିଙ୍କ ୱିକେଟ୍ ନେଇଥିଲେ ଏବଂ ତା'ପରେ ତାଙ୍କର ତୃତୀୟ ଓଭରରେ ଟ୍ରାଭିସ୍ ହେଡଙ୍କୁ ପ୍ୟାଭିଲିୟନ ଫେରାଇ ଦେଇଥିଲେ । ଯାହା ହାଇଦ୍ରାବାଦକୁ ବ୍ୟାକଫୁଟରେ ପକାଇଥିଲା। ହାଇଦ୍ରାବାଦ ପ୍ରଥମ ୫ ଓଭରରେ ଏହି ୪ ୱିକେଟ ହରାଇଥିଲା। ଏହା ସତ୍ତ୍ୱେ, ଯୁବ ବ୍ୟାଟର ଅନିକେତ ବର୍ମା ଏବଂ ଅଭିଜ୍ଞ ହେନରିଚ୍ କ୍ଲାସେନ୍ ସେମାନଙ୍କର ବିସ୍ଫୋରକ ବ୍ୟାଟିଂ ଜାରି ରଖି ଦଳକୁ ମାତ୍ର ୧୦ ଓଭରରେ ୧୦୦ ରନ ଅତିକ୍ରମ କରାଇଥିଲେ।

କିନ୍ତୁ ବିପ୍ରଜ, କ୍ଲାସେନଙ୍କ ଏକ ଚମତ୍କାର କ୍ୟାଚ୍ ଧରିଥିଲେ ଏବଂ ତା'ପରେ ଧୀରେ ଧୀରେ ହାଇଦ୍ରାବାଦର ଇନିଂସ ଧିମା ପଡ଼ିଥିଲା। ଅନିକେତ ତାଙ୍କର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ଅନ୍ୟ ବ୍ୟାଟର ତାଙ୍କୁ ସମର୍ଥନ କରିପାରି ନଥିଲେ। ଷ୍ଟାର୍କ ତାଙ୍କ ଶେଷ ଓଭରରେ ଆଉ ଦୁଇଟି ୱିକେଟ୍ ନେଇଥିଲେ ଏବଂ ଟି-୨୦ କ୍ରିକେଟରେ ପ୍ରଥମ ଥର ପାଇଁ ୫ ୱିକେଟ୍ ନେବାର ସଫଳତା ହାସଲ କରିଥିଲେ। ସନରାଇଜର୍ସ ସମ୍ପୂର୍ଣ୍ଣ ୨୦ ଓଭର ମଧ୍ୟ ଖେଳିପାରି ନଥିଲା ଏବଂ ୧୯ତମ ଓଭରରେ ୧୬୩ ରନରେ ଅଲଆଉଟ୍ ହୋଇଯାଇଥିଲା।

## ଟେବୁଲ ଟେନିସ: ଫ୍ରାନ୍ସର ଥିବଲ୍ଟ ପୋରେଟ୍ ଠାରୁ ପରାସ୍ତ ହୋଇ ଡବ୍ଲ୍ୟୁଟିଟି ପ୍ରତିଯୋଗିତାରୁ ବିଦାୟ ମାନବ ଠକ୍କର



ଚେନ୍ନାଇ, ୩୦।୩ : ଟେବୁଲ ଟେନିସରେ ଭାରତର ଶୀର୍ଷ ମାନ୍ୟତାପ୍ରାପ୍ତ ମାନବ ଠକ୍କର ଆଜି ଚେନ୍ନାଇରେ ଚାଲିଥିବା ପୁରୁଷ ସେମିଫାଇନାଲରେ ଅଣମାନ୍ୟତାପ୍ରାପ୍ତ ଫ୍ରାନ୍ସର ଥିବୋଲ୍ଟ ପୋରେଟ୍‌ଙ୍କୁ ୧-୩ (୧୦-୧୨, ୯-୧୧, ୧୧-୭, ୭-୧୧)ରେ ପରାସ୍ତ କରି ଡବ୍ଲ୍ୟୁଟିଟି ତାରକା ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଆଜି ପୁରୁଷ ଫାଇନାଲରେ ଥିବୋଲ୍ଟ ପୋରେଟ୍ ଦକ୍ଷିଣ କୋରିଆର ଓହ ଜୁନ-ସୁଙ୍ଗଙ୍କୁ ଭେଟିବେ, ଯିଏ କି ଅନ୍ୟ ସେମିଫାଇନାଲରେ ଫ୍ରାନ୍ସର ଫ୍ଲାଭିନ୍ କୋଟନଙ୍କୁ ୩-୦ ଗୋଲରେ ପରାସ୍ତ କରିଛନ୍ତି। ଗତକାଲି ଚେନ୍ନାଇରେ ଦକ୍ଷିଣ କୋରିଆର ଲିମ୍ ଜୋଙ୍ଗ୍ ହୁନ୍ ଙ୍କୁ ପରାସ୍ତ କରି ମାନବ ପ୍ରଥମ ଭାରତୀୟ ଭାବେ ଡବ୍ଲ୍ୟୁଟିଟି ଷ୍ଟାର ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲେ। ମହିଳା ସିଙ୍ଗଲ୍ସ ଫାଇନାଲ୍ ରେ ଅଲ୍ ଜାପାନ ମୁକାବିଲା ହେବ, ଯେଉଁଥିରେ ମିୱା ହରିମୋଟୋ ଆଜି ସନ୍ଧ୍ୟାରେ ହୋନୋକା ହାସିମୋଟୋଙ୍କୁ ଭେଟିବେ। ମିୱା ହରିମୋଟୋ ଦକ୍ଷିଣ କୋରିଆର ଶିନ୍ ୟୁ-ବିନ୍ ଙ୍କୁ ୩-୦ (୧୧-୮, ୧୧-୪, ୧୨-୧୦)ରେ ପରାସ୍ତ କରିଥିବା ବେଳେ ହୋନୋକା ହାସିମୋଟୋ ୩-୦ (୧୧-୬, ୧୧-୨, ୧୧-୨)ରେ ଦକ୍ଷିଣ କୋରିଆର କିମ୍ ନାୟୋଙ୍ଗଙ୍କୁ ପରାସ୍ତ କରିଥିଲେ।

## ଏସୀୟ କୁସ୍ତି ଚାମ୍ପିୟନଶିପରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଲେ ମନୀଷା ଭାନୱାଲା




ଆମ୍ମାନ, ୩୦।୩ : ଏସୀୟ କୁସ୍ତି ଚାମ୍ପିୟନଶିପ୍-୨୦୨୫ରେ ମନୀଷା ଭାନୱାଲା ୨୦୨୧ ସଂସ୍କରଣ ପରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଶୁକ୍ରବାର ରାତିରେ ଜୋର୍ଡାନର ଆମ୍ମାନରେ ଆଣ୍ଟିମ୍ ପାଙ୍ଗଲ କାଂସ୍ୟ ପଦକ ଜିତିଛନ୍ତି। ମହିଳା ୬୨ କେଜି ବର୍ଗରେ ମନୀଷା କୋରିଆର ଓକେ ଜେ କିମ୍ ଙ୍କୁ ୮-୭ ଗୋଲରେ ପରାସ୍ତ କରି ଜୋର୍ଡାନରେ ଆୟୋଜିତ ଐତିହାସିକ ଆମ୍ମାନ୍ ଜିତିଛନ୍ତି। ଅନ୍ୟପକ୍ଷରେ ୫୩ କେଜି ବର୍ଗରେ କାଂସ୍ୟ ପ୍ଲେ-ଅଫ୍ ରେ ଆଣ୍ଟିମ୍ ପାଙ୍ଗଲ କୌଣସି ପଏଣ୍ଟ ନ ହରାଇ ବୈଷୟିକ ଶ୍ରେଷ୍ଠତା ରେ ତାଇପେର ମେଙ୍ଗ ଏଚ୍ ସିଏହଙ୍କୁ ପରାସ୍ତ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ କୁସ୍ତିଯୋଦ୍ଧାମାନେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୬ଟି କାଂସ୍ୟ ପଦକ ଜିତିଥିବା ବେଳେ ଏଥିରେ ଗ୍ରୀକୋ ରୋମାନ୍ କୁସ୍ତିଯୋଦ୍ଧାଙ୍କ ଦୁଇଟି ପଦକ ରହିଛି। ପୁରୁଷ ଫ୍ରିଷ୍ଟାଇଲ ପ୍ରତିଯୋଗିତା ଶନିବାରଠାରୁ ଆରମ୍ଭ ହେବ।

# ପାଣ୍ଡ୍ୟାଙ୍କ ଉପରେ ବିସିସିଆଇର ବଡ଼ ଆକ୍ସନ

ନୂଆଦିଲ୍ଲୀ,୩୦ ।୩: ଆଇପିଏଲ୍ ୨୦୨୫ର ୯ମ ମ୍ୟାଚ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ମୁମ୍ବାଇ ଦଳକୁ ପରାଜୟର ସାମ୍ନା କରିବାକୁ ପଡିଥିଲା। ଏହା ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏହି ସିଜିନର ପ୍ରଥମ ମ୍ୟାଚ ଥିଲା। କିନ୍ତୁ ଏହି ମ୍ୟାଚ୍‌ରେ ତାଙ୍କ ପକ୍ଷରୁ ଏକ ବଡ଼ ଭୁଲ ହୋଇଯାଇଥିଲା। ଯେଉଁଥିଲାଗି ବିସିସିଆଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲକ୍ଷ ଲକ୍ଷ ଟଙ୍କା ଜରିମାନା ଲଗାଇଛି।



ଶନିବାର ଖେଳାଯାଇଥିବା ମ୍ୟାଚ୍ ସମୟରେ ମୁମ୍ବାଇ ଅଧିନାୟକ ପାଣ୍ଡ୍ୟାଙ୍କୁ ସ୍ଲୋ ଓଭର ରେଟ୍ ପାଇଁ ଜରିମାନା ଲଗାଯାଇଛି। ଏହି ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସର ଏହା ପ୍ରଥମ ଅପରାଧ ଏବଂ ପାଣ୍ଡ୍ୟାଙ୍କୁ କେବଳ ଜରିମାନା ଦେବାକୁ ପଡିଛି। ଯାହାର ଅର୍ଥ ହେଲା ହାର୍ଦ୍ଦିକଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା ଲଗାଯାଇଛି। ଗତ ସିଜିନରେ ମଧ୍ୟ ହାର୍ଦ୍ଦିକଙ୍କଠାରୁ ଅନେକ ମ୍ୟାଚ୍‌ରେ ଏପରି ଭୁଲ ଦେଖିବାକୁ ମିଳିଥିଲା।

ଆଇପିଏଲ ତାର ପ୍ରେସ ରିଲିଜରେ କହିଛି, 'ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଗୁଜୁରାଟ ଟାଇଟାନ୍ସ ବିପକ୍ଷରେ ଆଇପିଏଲ ୨୦୨୫ର ୯ ନମ୍ବର ମ୍ୟାଚ ସମୟରେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକଙ୍କ ଦଳ ଧୀର ଓଭର-ରେଟ୍ ? ବଜାୟ ରଖିବାରୁ ତାଙ୍କୁ ଜରିମାନା କରାଯାଇଛି। ଯେହେତୁ ଏହା ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨ ଅନୁଯାୟୀ ସିଜନରେ ତାଙ୍କ ଦଳର ପ୍ରଥମ ଅପରାଧ ଥିଲା, ଯାହା ସର୍ବନିମ୍ନ ଓଭର-ରେଟ ଅପରାଧ ସହିତ ଜଡିତ, ତେଣୁ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି।'

ଗତ ସିଜିନରେ ମୁମ୍ବାଇର ଶେଷ ମ୍ୟାଚ୍‌ରେ ହାର୍ଦ୍ଦିକଙ୍କୁ ସ୍ଲୋ ଓଭର ରେଟ ଯୋଗୁ ଗୋଟିଏ ମ୍ୟାଚ ପାଇଁ ବାସନ୍ଦ କରାଯାଇଥିଲା। ଫଳରେ ସେ ଏହି ସିଜିନର ପ୍ରଥମ ମ୍ୟାଚ ଖେଳିପାରିଲେ ନାହିଁ। କିନ୍ତୁ ଏବେ ଫେରିବା ପରେ ତାଙ୍କୁ ଏହି ବଡ଼ ଝଟକା ଲାଗିଛି। ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଦଳ ନିର୍ଦ୍ଧାରିତ ସମୟରେ ୨୦ ଓଭର ବୋଲିଂ କରିପାରି ନଥିଲା। ଯାହା କାରଣରୁ ତାଙ୍କୁ ଗୁଜରାଟ ଇନିଂସର ଶେଷ ଓଭରରେ ଦଣ୍ଡ ଦିଆଯାଇଥିଲା। ଏହି ଓଭରରେ ତାଙ୍କୁ ୩୦ ୟାର୍ଡ ସର୍କଲରେ ଜଣେ ଅତିରିକ୍ତ ଫିଲ୍‌ଡର ରଖିବାକୁ ପଡିଲା।

## ନିହାଲ ସରିନ ୨୦୨୫ ତାସକେଣ୍ଟ ଓପନ୍ ଆଗଜାମୋଭ ସ୍ମାରକୀ ଟାଇଟଲ ଜିତିଛନ୍ତି



ତାସକନ୍ଦ, ୩୦।୩ : ଉଜ୍ବେକିସ୍ତାନର ତାସକନ୍ଦଠାରେ ଆୟୋଜିତ ୨୦୨୫ ତାସକନ୍ଦ ଓପନ୍ ଆଗଜାମୋଭ ମେମୋରିଆଲ ଟାଇଟଲ ଜିତିଛନ୍ତି ଭାରତର ନିହାଲ ସରିନ । ୨୦ ବର୍ଷୀୟ ଭାରତୀୟ ଗ୍ରାଣ୍ଡମାଷ୍ଟର ୧୦ରୁ ୮ ରନ୍ କରି ଅପରାଜିତ ସ୍କୋର କରି ଟାଇଟଲ ହାସଲ କରିଥିଲେ, ଯେଉଁଥିରେ ୨୬୦୦ରୁ ଅଧିକ ମାନ୍ୟତା ପ୍ରାପ୍ତ ୮ ଜଣ ଖେଳାଳି ସାମିଲ ଥିଲେ। ଏହି ବିଜୟ ସହ ନିହାଲ ୭.୧ ଏଲୋ ରେଟିଂ ପଏଣ୍ଟ ହାସଲ କରି ତାଙ୍କ ଲାଇଭ୍ ରେଟିଂକୁ ୨୬୯୪ରେ ପହଞ୍ଚାଇଛନ୍ତି, ଯାହା କି ୨୭୦୦ ରୁ ମାତ୍ର ଗୋଟିଏ ପାଦ ଦୂରରେ ରହିଛି।

# ଏନ୍‌ସିଏ ଏଲିଟ୍ କ୍ୟାମ୍ପ୍‌ରେ ଓଡ଼ିଶାରୁ ୪

ଭୁବନେଶ୍ୱର, ୩୦।୩ : ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମି (ଏନ୍‌ସିଏ) ପକ୍ଷରୁ ଆୟୋଜିତ ହେବାକୁ ଥିବା ଏନ୍‌ସିଏ ୧୬ବର୍ଷରୁ କମ୍ ବାଳକ ଏଲିଟ୍ ପ୍ରଶିକ୍ଷଣ ଶିବିର ଲାଗି ଓଡ଼ିଶାର ୪ଜଣ ଖେଳାଳି ମନୋନୀତ ହୋଇଛନ୍ତି। ବିଜୟ ମର୍ଚ୍ଚାଣ୍ଟ ଘରୋଇ କ୍ରିକେଟ୍ ପ୍ରତିଯୋଗିତାର ପ୍ରଦର୍ଶନ ଆଧାରରେ ସେମାନଙ୍କୁ ଏହି ସମ୍ମାନଜନକ ଶିବିର ଲାଗି ଡାକରା ମିଳିଛି। ଖେଳାଳିମାନେ ହେଲେ ମହେଶ କେ ସାହୁ, ପାନକଲା ମୋଖିତ, ସ୍ୱାଗତ ସୌରଭ ମିଶ୍ର ଓ ରାଜ ଯାଦବ। ତାମିଲନାଡୁର ସଲେମଠାରେ ଆୟୋଜିତ ହେବାକୁ ଥିବା ଟିମ୍- ଏ' ପ୍ରଶିକ୍ଷଣ ଶିବିରରେ ମହେଶ, ପାନକଲା ଜୟପୁରରେ ଆୟୋଜିତ ହେବାକୁ ଥିବା ଟିମ୍-ବି' ଏବଂ ସ୍ୱାଗତ ଓ ରାଜ୍ ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ହେବାକୁ ଥିବା ଟିମ୍-ଡି' ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ଏହି ଶିବିର ଏପ୍ରିଲ ୮ରୁ ୧୪ ମେ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିଲାଗି ମହେଶ, ପାନକଳା, ସ୍ୱାଗତ ଓ ରାଜ୍‌ଙ୍କୁ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ସଂପାଦକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି।

### ଏସିଆନ ଚାମ୍ପିଅନଶିପ୍

## ଫ୍ରିଷ୍ଟାଇଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଁ ଲଢ଼େଇ କରିବେ ଭାରତୀୟ କୁସ୍ତିଯୋଦ୍ଧା ଉଦିତ ଓ ଦୀପକ



ଆମ୍ମାନ, ୩୦।୩ : ଜୋର୍ଡାନର ଆମ୍ମାନରେ ଚାଲିଥିବା ଏସିଆନ ଚାମ୍ପିୟନଶିପରେ ଭାରତୀୟ କୁସ୍ତିଯୋଦ୍ଧା ଉଦିତ ଓ ଦୀପକ ପୁନିଆ ଫାଇନାଲରେ ପ୍ରବେଶ କରି ଫ୍ରିଷ୍ଟାଇଲ ଇଭେଣ୍ଟରେ ଦେଶକୁ ସ୍ୱର୍ଣ୍ଣ ପଦକ ଦୌଡ଼ରେ ରଖିଥିଲେ। ଇଭେଣ୍ଟର ଶେଷ ଦିନରେ ୬୧ କେଜି ପୁରୁଷ ବର୍ଗରେ ଉଦିତ ୨-୦ ଗୋଲରେ ଚୀନର ୱାନହାଓ ଜୋଙ୍କୁ ପରାସ୍ତ କରିଥିବା ବେଳେ ପୁରୁଷ ୯୨ କେଜି ବର୍ଗରେ ଦୀପକ ପୁନିଆ ଜାପାନର ତାକାଶି ଇଶିଗୁରୋଙ୍କୁ ୮-୧ ଗୋଲରେ ପରାସ୍ତ କରିଛନ୍ତି। ଆଜି ରାତିରେ ଫାଇନାଲରେ ଉଦିତ ଜାପାନର ତକ୍ରା ସୁଦାଙ୍କ ସହ ମୁହାଁମୁହିଁ ହୋଇଥିବା ବେଳେ ପୁନିଆ ଇରାନର ଅମୀର ହୁସେନ ଫିରୁଜପୁରଙ୍କୁ ଭେଟିବେ। ପୁରୁଷ ଫ୍ରିଷ୍ଟାଇଲରେ ୮୬ କେଜି ବର୍ଗରେ ମୁକୁଲ ଦହିଆ ଓ ହେଭିୱେଟ୍ ୧୨୫ କେଜି ବର୍ଗରେ ଦିନେଶ କାଂସ୍ୟ ପଦକ ପାଇଁ ଲଢ଼େଇ କରିବେ।

# ପୁଣି ଅଷ୍ଟ୍ରେଲିଆ ଯିବ ରୋହିତ ବାହିନୀ

ମେଲବୋର୍ନ,୩୦।୩: ଭାରତୀୟ କ୍ରିକେଟ ଦଳର ଚଳିତବର୍ଷ ପରବର୍ତ୍ତୀ ଭାଗରେ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଦଳ ସେଠାରେ ୩ ଅନ୍ତର୍ଜାତୀୟ ଦିନିକିଆ ଓ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବ। କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଭ୍ରମଣକାରୀ ଦଳ ହ୍ୱାଇଟ୍‌ବଲ୍ ମ୍ୟାଚଗୁଡ଼ିକ ଅକ୍ଟୋବର ୧୯ରୁ ନଭେମ୍ବର ୮ ମଧ୍ୟରେ ଖେଳିବ। ୫୦ ଓଭର ବିଶିଷ୍ଟ ମ୍ୟାଚ୍‌ଗୁଡ଼ିକ ଦିବାରାତ୍ର ଏବଂ ଟି୨୦ଗୁଡ଼ିକ ରାତିରେ ଖେଳାଯିବ। ୨୦୨୫-୨୦୨୬ ସିଜନରେ ପ୍ରଥମ ଥର ସମସ୍ତ ପୁରୁଷ ଅନ୍ତର୍ଜାତୀୟ ମ୍ୟାଚଗୁଡ଼ିକ ଅଷ୍ଟ୍ରେଲିଆର ୮ଟି ପ୍ରଦେଶରେ ଆୟୋଜନ କରାଯାଇଛି।




ଟି୨୦ ସିରିଜ ବେଳେ କାନବେରା ଓ ହୋବାର୍ଟରେ ମ୍ୟାଚ ଖେଳାଯିବ। ୨୦୨୩ ବିଶ୍ୱକପ୍ ଫାଇନାଲିଷ୍ଟ ଏହାର ୫୦ ଓଭର ବିଶିଷ୍ଟ ମ୍ୟାଚଗୁଡ଼ିକ ପର୍ଥ ଆଡିଲେଡ୍ ଓ ସିଡ୍‌ନରେ ଖେଳିବ। ନିୟମିତ ଭେନ୍ୟୁ ଏମ୍‌ସିଜି ଓ ଗାବା ବ୍ୟତୀତ ଗୋଲ୍ ?ଡ କୋଷ୍ଟର କାରାରା ଷ୍ଟାଡିୟମରେ ଟି୨୦ ମ୍ୟାଚ ଖେଳ ହେବ।

ଗତ ୨୦୨୪-୨୫ରେ ପାଞ୍ଚ ଟେଷ୍ଟ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ବେଳେ ଅଷ୍ଟ୍ରେଲିଆରେ ରେକର୍ଡ ସଂଖ୍ୟକ ଦର୍ଶକ ଦେଖିବାକୁ ମିଳିଥିଲା। ତେଣୁ ଆଗାମୀ ସିରିଜରେ ମଧ୍ୟ ଅନୁରୂପ ଭିଡ଼ ଦେଖିବାକୁ ମିଳିବ ବୋଲି ଆଶା କରାଯାଉ ଥିବା କ୍ରିକେଟ ଅଷ୍ଟ୍ରେଲିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଟଡ୍ ଗ୍ରିନ୍‌ବର୍ଗ ପ୍ରକାଶ କରିଛନ୍ତି।

ଦିନିକିଆ ସିରିଜ କାର୍ଯ୍ୟସୂଚୀ-
- ଅକ୍ଟୋବର ୧୯: ପର୍ଥ ଷ୍ଟାଡିୟମ (ଦିବା/ରାତ୍ର)।
- ଅକ୍ଟୋବର ୨୩: ଆଡିଲେଡ୍ ଓଭାଲ (ଦିବା/ରାତ୍ର)।
- ଅକ୍ଟୋବର ୨୫: ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଦିବା/ରାତ୍ର)।

ଟି୨୦ ସିରିଜ-
- ଅକ୍ଟୋବର ୨୯: ମନୁକା ଓଭାଲ, କାନବେରା (ରାତି)।
- ଅକ୍ଟୋବର ୩୧: ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ରାତି)
- ନଭେମ୍ବର ୨: ବେଲେରିଭ ଓଭାଲ, ହୋବାର୍ଟ (ରାତି)।
- ନଭେମ୍ବର ୬: ଗୋଲ୍‌ଡକୋଷ୍ଟ ଷ୍ଟାଡିୟମ (ରାତି)।
- ନଭେମ୍ବର ୮: ଗାବା, ବ୍ରିସ୍ ?ବେନ (ରାତି)।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar